# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୭/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 17/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 262 | ମୂଲ୍ୟ ₹୭/-






Celebrating
60
Years of
Anokha Swad
DIAMOND
JUBILEE
KP
GROUP
KAMLA PASAND
Celebrating
60
YEARS
अनोखा स्वाद
• Not recommended for minors
• Chewing of pan masala is injurious to health
No Tobacco, No Nicotine

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୭/୨୦୨୫ | Bhubaneswar, Sunday, August 17/2025 | ପୃଷ୍ଠା-୧




## ଆଜି ଭାରତ ଫେରିବେ ଶୁଭାଂଶୁ

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ରବିବାର ଆମେରିକାରୁ ଭାରତ ଫେରିବେ।

୦୯

୧୪

## ବେଥେଲ୍ ସର୍ବକନିଷ୍ଠ ଅଧିନାୟକ

ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ସର୍ବକନିଷ୍ଠ ଅଧିନାୟକ ଭାବେ ଗୌରବ ଅର୍ଜନ କରିବାକୁ ଯାଉଛନ୍ତି ଜାକବ ବେଥେଲ।





ପୁରୀ ଶ୍ରୀମନ୍ଦିରରେ ଶନିବାର ନନ୍ଦୋତ୍ସବ ନୀତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)







**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-67: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**18.08.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ୟୁନିଟ-୨ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0185/2526


**ଆଜିର ସମ୍ପାଦକୀୟ** ଅନାବଶ୍ୟକ ଆଇନ

# ଆତ୍ମାହୁତି ନୁହେଁ, ଜାଳି ଦେଇଛନ୍ତି

**ଭୁବନେଶ୍ୱର ଉପକଣ୍ଠ ବାଲିପାଟଣାରେ ଜ୍ୟୋତିରଞ୍ଜନ ମାଠିଆ ନିଆଁରେ ପୋଡ଼ିହୋଇ ଶୁକ୍ରବାର ଏମ୍ସରେ ଭର୍ତ୍ତି ହୋଇଥିବାବେଳେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ପ୍ରଥମେ ଆତ୍ମାହୁତି ବୋଲି କୁହାଯାଉଥିଲା। ହେଲେ ମୃତ୍ୟୁ ପୂର୍ବର ଏକ ଭିଡିଓ ଭାଇରାଲ ହେବା ଏବଂ ମୃତକଙ୍କ ସ୍ତ୍ରୀଙ୍କ ସଙ୍ଗିନ ଅଭିଯୋଗ ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଆତ୍ମାହୁତି ନୁହେଁ ବରଂ ଜମିଜମା ବିବାଦକୁ କେନ୍ଦ୍ରକରି ବାପା, ସାବତ ମା', ସାବତ ଭାଇ ମିଶି ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଜ୍ୟୋତିରଞ୍ଜନଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।**

## ବାପା, ସାବତ ମା', ଭାଇ ଗିରଫ

ବାଲିପାଟଣା,୧୬।୮ (ଅଭିମନ୍ୟୁ ନାୟକ)

ବାଲିପାଟଣାଛକ ନିକଟରେ ଘର କରି ରହୁଥିବା ସୁରେନ୍ଦ୍ରନାଥ ମାଠିଆ ପୋଲିସ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିଛନ୍ତି। ତାଙ୍କର ପ୍ରଥମ ସ୍ତ୍ରୀଙ୍କ ପୁତ୍ର ହେଉଛନ୍ତି ଜ୍ୟୋତିରଞ୍ଜନ ଏବଂ ଦ୍ୱିତୀୟ ସ୍ତ୍ରୀ ପ୍ରଭାତୀଙ୍କ ପୁତ୍ର ପ୍ରଶାନ୍ତ ମାଠିଆ। ଉଭୟ ପୁତ୍ର ବିବାହିତ ଏବଂ ସେମାନଙ୍କର ମଧ୍ୟ ପୁତ୍ର ସନ୍ତାନ ଅଛନ୍ତି। ସୁରେନ୍ଦ୍ର ତାଙ୍କ ସମସ୍ତ ସମ୍ପତ୍ତି ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ ରେଜିଷ୍ଟ୍ରି କରିଦେଇଛନ୍ତି। ଏହା ଜାଣିବା ପରେ ବଡ଼ ପୁଅ ଜ୍ୟୋତିରଞ୍ଜନ ପ୍ରତିବାଦ କରି ସଫଳ ନ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରି କି ଭଦ୍ରଲୋକଙ୍କ ସହାୟତାରେ ବିବାଦର ସମାଧାନ ପାଇଁ ପ୍ରୟାସ କରିଥିଲେ। ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତି ଅନୁସାରେ ବୃଦ୍ଧ ବାପାଙ୍କୁ ଚଳିବାକୁ ମାସିକ ଅର୍ଥ ଦେଲେ ବାପା ଜମିବାଡ଼ିକୁ ପୁଅଙ୍କ



ଜ୍ୟୋତିରଞ୍ଜନ ମାଠିଆ

ନାମରେ କରିଦେବେ ବୋଲି ସ୍ଥିର ହୋଇଥିଲା। ହେଲେ ବାପା ପ୍ରତିଶ୍ରୁତି ରକ୍ଷା ନ କରିବାରୁ ଘର ଭିତରେ ଝଗଡ଼ା ହେବାରୁ ବାଧ୍ୟ ହୋଇ ଜ୍ୟୋତିରଞ୍ଜନ ଅନ୍ୟତ୍ର ଘର ଭଡ଼ା ନେଇ ରହୁଥିଲେ। ମାତ୍ର ଅର୍ଥ ଅଭାବ ଯୋଗୁଁ ବାହାରେ ରହିବା ସମ୍ଭବ ନ ହେବାରୁ ପୁଣି ଭଦ୍ରଲୋକଙ୍କ ସହାୟତାରେ ଫେରି ଘର ବାହାରେ ଥିବା ଏକ ପରିତ୍ୟକ୍ତ ଘରକୁ ସଫାକରି ସ୍ତ୍ରୀ ପୁଅ ସହିତ ସେ ରହୁଥିଲେ। ଏହି ଜମି ବିବାଦକୁ ନେଇ ଗତ ପ୍ରାୟ ପାଞ୍ଚ ବର୍ଷ ଧରି ବାପା, ସାବତ ମା' ଓ ସାନ ଭାଇଙ୍କଠାରୁ ବହୁ ନିର୍ଯାତନା ସହିଛନ୍ତି ବୋଲି ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଶୁକ୍ରବାର କୌଣସି କାରଣରୁ ବାପା ରହୁଥିବା ଘରକୁ ଜ୍ୟୋତିରଞ୍ଜନ ଯାଇଥିବାବେଳେ ପେଟ୍ରୋଲ ନିଆଁରେ ଜଳି ଯାଇଥିଲେ। ସ୍ୱାମୀ ଜଳି ଯାଉଥିବା ଦେଖି ବିଜୟଲକ୍ଷ୍ମୀ ରାସ୍ତାରେ ଦୌଡ଼ି ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ସାହାଯ୍ୟ ନିବେଦନ କରିଥିଲେ। ନିଆଁର ପ୍ରଭାବରେ ତାଙ୍କ ଶରୀରର ୮୦%ରୁ ଊର୍ଦ୍ଧ୍ୱ ଜଳିଯାଇଥିଲା। ଖବରପାଇ ସ୍ଥାନୀୟ ଲୋକେ ଏବଂ ପୋଲିସ ସହାୟତାରେ ଜ୍ୟୋତିରଞ୍ଜନଙ୍କୁ ପିସିଆର୍ ଭ୍ୟାନ୍‌ରେ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ସମୟରେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ଘଟିଛି। ☞ପୃଷ୍ଠା-୨

# ୧୨ ନୂଆ ଏନ୍ଏସି ପାଇଁ ଡ୍ରାଫ୍ଟ ନୋଟିସ

ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି) ସଂଖ୍ୟା ବୃଦ୍ଧି କରିବା ପାଇଁ ଯୋଜନା ଆରମ୍ଭ କରିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ୧୧୩ଟି ଏନ୍ଏସି ଥିବାବେଳେ ୧୨ ନୂଆ ଏନ୍ଏସି ପାଇଁ ରାଜ୍ୟ ସରକାର ଶନିବାର ଡ୍ରାଫ୍ଟ ନୋଟିସ ଜାରି କରିଛନ୍ତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା, ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର, ବାଲେଶ୍ୱର ଜିଲାର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜ ଜିଲାର ବେତନଟୀ, ବାଙ୍ଗିରିପୋଷି ଓ ଚିତ୍ରଡ଼ା, ରାୟଗଡ଼ା ଜିଲାର ବିଷମକଟକ, ସମ୍ବଲପୁର ଜିଲାର ରେଙ୍ଗାଲି ଓ ବାମରା, ଭଦ୍ରକ ଜିଲାର ତିହିଡ଼ି ଓ ଧୁଷୁରୀ ଏହି ତାଲିକାରେ ସାମିଲ କରାଯାଇଛି।

### ମୋଟ ୨୧ ଏନ୍ଏସି ପ୍ରତିଷ୍ଠା ହେବ: ମୁଖ୍ୟମନ୍ତ୍ରୀ

ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଗଣମାଧ୍ୟମକୁ କହିଥିଲେ, ଉନ୍ନତ ଭିତ୍ତିଭୂମି ଓ ସହରୀକରଣ ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟରେ ଆଉ ୨୧ଟି ନୂତନ ଏନ୍ଏସି ସ୍ଥାପନ ହେବ। ଦ୍ରୁତ ବିକାଶ ଓ ଅଭିବୃଦ୍ଧି ସହ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲୋକଙ୍କ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୨୧ ନୂଆ ଏନ୍ଏସି ପ୍ରତିଷ୍ଠା ସହ ରାସ୍ତା, ବନ୍ଦର ନିର୍ମାଣ ସମେତ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ସହରାଞ୍ଚଳ ବିକାଶ ଏବଂ ଶିଳ୍ପାଞ୍ଚଳ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ।

# ଧାର୍ଯ୍ୟ ହେଲା ନୂଆଁଖାଇ ଲଗ୍ନ

ସମ୍ବଲପୁର,୧୬।୮ (ବି.ଶଙ୍କର)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ପଣ୍ଡିତ ଓ ଜ୍ୟୋତିର୍ବିଦମାନଙ୍କ ଗଣନାନୁସାରେ ଚଳିତ ମାସ ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ପୂର୍ବାହ୍ଣ ୧୦ଟା ୩୩ ମିନିଟ ଗତେ ୧୦ଟା ୫୫ ମିନିଟ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ମା' ସମଲେଇ ପ୍ରଥମେ ନବାନ୍ନ ଲାଗି ହେବେ। ପରମ୍ପରା ଓ ରୀତିନୀତି ଅନୁସାରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଲାଗିବା ପରେ ଜନସାଧାରଣ ନୂଆଁଖାଇ ଭୋଗ ଖାଇବେ ବୋଲି ସ୍ଥିର ହୋଇଛି।

ଶନିବାର ଅପରାହ୍ଣ ୪ଟା୩୦ରେ ସମ୍ବଲପୁର ସହର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ନୂଆଁଖାଇ ଲଗ୍ନଧାର୍ଯ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଝାଡୁଆପଡା ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ପଣ୍ଡିତ ମହାସଭାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ☞ପୃଷ୍ଠା-୨

# ବିଭାଜନ ପାଇଁ କଂଗ୍ରେସ ଦାୟୀ: ଏନ୍‌ସିଇଆର୍‌ଟି

## ପୁସ୍ତକର ନୂଆ ମଡ୍ୟୁଲକୁ ନେଇ ବିବାଦ

**୧୯୪୭ରେ ଦେଶ ସ୍ୱାଧୀନତା ଲାଭ କରିବା ସହ ଭାରତ ଓ ପାକିସ୍ତାନ ରୂପେ ବିଭାଜିତ ହୋଇଥିଲା। ଅନେକ ଲକ୍ଷ ଲୋକଙ୍କ ଉପରେ ଏହି ବିଭାଜନର ପ୍ରଭାବ କିପରି ପଡ଼ିଥିଲା, ତାହା ଛାତ୍ରୀଛାତ୍ରଙ୍କୁ ମନେ ପକାଇଦେବା ପାଇଁ ଅଗଷ୍ଟ ୧୪କୁ କେନ୍ଦ୍ର ସରକାର ବିଭାଜନ ବିଭୀଷିକା ସ୍ମରଣ ଦିବସ ଘୋଷଣା କରିଛନ୍ତି। ଷଷ୍ଠରୁ ଅଷ୍ଟମ ଓ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ଏହା ଉପରେ ଏକ ସ୍ୱତନ୍ତ୍ର ଭାଗ ପାଠ୍ୟକ୍ରମରେ ଯୋଡ଼ାଯାଇଛି। ସେଥିରେ ବିଭାଜନ ପାଇଁ ପାକିସ୍ତାନର ଜନକ ମହମ୍ମଦ ଅଲୀ ଜିନ୍ନା, କଂଗ୍ରେସ ଓ ତତ୍କାଳୀନ ଭାଇସ୍‌ରୟ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ଦାୟୀ କରାଯାଇଛି। ପାର୍ଟିଶନ୍ ସମ୍ପର୍କିତ ଏନ୍‌ସିଇଆର୍‌ଟିର ଏହି ନୂଆ ମଡ୍ୟୁଲ ପ୍ରକାଶ ପାଇବା ପରେ ଭାଜପା ଓ କଂଗ୍ରେସ ମଧ୍ୟରେ ବଡ଼ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସ ବିଭାଜନରେ ନିଜ ସମ୍ପୃକ୍ତିକୁ ଖଣ୍ଡନ କରିବା ସହ ଏଥିପାଇଁ ହିନ୍ଦୁ ମହାସଭା ଓ ମୁସଲିମ୍ ଲିଗ୍‌ର ସମ୍ପର୍କକୁ ଦାୟୀ କରିଛି। ଏଥିସହ ବିବାଦୀୟ ବିଷୟ ସ୍ଥାନିତ ହୋଇଥିବା ଉକ୍ତ ପୁସ୍ତକକୁ ଜାଳି ଦିଆଯିବା ଉଚିତ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ନିଜକୁ ସୁହାଇଲା ଭଳି ବିଷୟ ନ ପାଇଲେ କଂଗ୍ରେସ ଇତିହାସଠାରୁ ଦୂରେଇ ଯାଇଥାଏ କହି ଭାଜପା ସମାଲୋଚନା କରିଛି।**

ନୂଆଦିଲ୍ଲୀ,୧୬।୮ (ପି.ଟି.)

ନ୍ୟାଶନାଲ କାଉନ୍‌ସିଲ୍ ଫର୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ପକ୍ଷରୁ 'ପାର୍ଟିଶନ ହରର୍ସ ରିମେମ୍ବ୍ରାନ୍ସ ଡେ' ନାମରେ ଏକ ସ୍ୱତନ୍ତ୍ର ମଡ୍ୟୁଲ୍ ଜାରି ହୋଇଛି। ଭାରତର ବିଭାଜନ ପାଇଁ ସେଥିରେ ମହମ୍ମଦ ଅଲି ଜିନ୍ନା, କଂଗ୍ରେସ ଏବଂ ତତ୍କାଳୀନ ଭାଇସ୍‌ରାୟ ଲର୍ଡ ମାଉଣ୍ଟବାଟେନ୍‌ଙ୍କୁ ଦାୟୀ କରାଯାଇଛି। ସେଥିରେ ଆହୁରି ଉଲ୍ଲେଖ ରହିଛି ଯେ, ଦେଶ ବିଭାଜନ ପରେ କଶ୍ମୀର ଏକ ନୂଆ ସମସ୍ୟା ଭାବେ ଉଭା ହୋଇଥିଲା, ଯାହାକି ଭାରତରେ ପୂର୍ବରୁ କେବେ ନ ଥିଲା। ଏହା ଦେଶର ବୈଦେଶିକ ନୀତି ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। କଶ୍ମୀର ପ୍ରସଙ୍ଗ ନାମରେ କେତେକ ଦେଶ ପାକିସ୍ତାନକୁ ସହାୟତା ପ୍ରଦାନ ଜାରି ରଖିବା ସହ ଭାରତ ଉପରେ ଚାପ ପକାଇଥିଲେ ବୋଲି ନୂଆ ମଡ୍ୟୁଲ୍‌ରେ ଉଲ୍ଲେଖ ରହିଛି। ତେବେ ଏହି ମଡ୍ୟୁଲ ପ୍ରକାଶ ପାଇବା ପରେ ବିବାଦ ମୁଣ୍ଡ ଟେକିଛି। ଏହାକୁ ପୋଡ଼ିଦିଆଯିବା ଆବଶ୍ୟକ ବୋଲି କଂଗ୍ରେସ କହିଛି। ପ୍ରକାଶିତ ମଡ୍ୟୁଲ୍ ବିଭ୍ରାନ୍ତିକର ବୋଲି କଂଗ୍ରେସ ମୁଖପାତ୍ର ପଓ୍ବନ ଖେରା ☞ପୃଷ୍ଠା-୨

# ନିଷ୍କର୍ଷ ବାହାରିଲାନି, ଆଶା ଦିଶିଲା

ଆମେରିକାର ଆଲାସ୍କାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଶୁକ୍ରବାର ହୋଇଥିବା ଶାନ୍ତି ଆଲୋଚନାରୁ ନିଷ୍କର୍ଷ ବାହାରିପାରିନାହିଁ। ତେବେ ଯୁଦ୍ଧ ଅଟକାଇବା ପାଇଁ ସମ୍ଭାବନା ସୃଷ୍ଟି ହୋଇଛି। ଆଲୋଚନା ପୂର୍ବରୁ ଟ୍ରମ୍ପ୍ ଯେଉଁଭଳି ଧମକ ରାଜନୀତି ଏବଂ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଉଥିଲେ, ପୁଟିନ୍‌ଙ୍କ ସହ ବୈଠକ ପରେ ନରମ ପଡ଼ିଯାଇଥିବା ଲକ୍ଷ୍ୟ କରାଯାଇଛି। ଆଲୋଚନା ଆଗକୁ ବଢ଼ାଇବା ପାଇଁ ପୁଟିନ୍ ଟ୍ରମ୍ପ୍‌ଙ୍କୁ ମସ୍କୋ ନିମନ୍ତ୍ରଣ କରିଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ଆମେରିକା ରାଷ୍ଟ୍ରପତିଙ୍କ ଆଲୋଚନା ପାଇଁ ୱାଶିଂଟନ ଡିସି ଗସ୍ତ କରିବେ।

(ସବିଶେଷ ରିପୋର୍ଟ : ପୃଷ୍ଠା-୯)



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜୁନେଉରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମେଡୋସ୍ ରାଉତରାୟ କ୍ଲବ୍ ପକ୍ଷରୁ ରଙ୍ଗତୂଳୀ ୨୦୨୫, ସ୍ଥାନ: ରେଲ୍ ଅଡ଼ିଟୋରିୟମ୍, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର ସଂଘ ଆୟୋଜିତ ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷା ପବ୍ଲିକେଶନ୍ ପକ୍ଷରୁ ବର୍ଷା ଉତ୍ସବ ୨୦୨୫, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ପିପୁଲ୍ ଫର୍ ଆନିମଲ୍ ପକ୍ଷରୁ ଅନ୍ଦୋଳନ, ସ୍ଥାନ: ରାମ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଆୟୋଜିତ ଆସ୍ଥା ଅଭିସେଖ୍ ୨୦୨୫, ସ୍ଥାନ: ସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ୟାସନ୍ କ୍ଲବ୍‌ର ୨୦ତମ ଗଣେଶ ପୂଜା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ୟାସନ୍ କ୍ଲବ୍, ବିଧାୟକ କଲୋନି, ଭୌମନଗର, ପୂର୍ବାହ୍ନ: ୧୧ଟା ୩୦।
- ଶ୍ରୀ ଗଣେଶ ମହୋତ୍ସବ-୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପ୍ରାଙ୍ଗଣ, ନୂଆସାହି ନୟାପଲ୍ଲୀ, ସମୟ: ମଧ୍ୟାହ୍ନ ୧୨ଟା।
- ରାଷ୍ଟ୍ରଦୀପ ସାପ୍ତାହିକ ପତ୍ରିକାର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୂପୂର୍ ପକ୍ଷରୁ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ଉତ୍ସବ, ସ୍ଥାନ: ଭଞ୍ଜକଳାମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।

## ବାଲେଶ୍ୱର

- ନନ୍ଦ ମହୋତ୍ସବ ଓ ବ୍ୟାସ ପୂଜା, ସ୍ଥାନ: ରେମୁଣା ଇସ୍କନ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭଜନ କାର୍ଯ୍ୟକ୍ରମ, ସ୍ଥାନ: ରେମୁଣା ଇସ୍କନ ମନ୍ଦିର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜନ୍ମାଷ୍ଟମୀ ଉତ୍ସବ ଉପଲକ୍ଷେ ରାଧାକୃଷ୍ଣ ଯୁବକ ସଂଘ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଓ ସାଧାରଣ ସଭା, ସ୍ଥାନ: ଶ୍ରୀକୃଷ୍ଣ ମଇଦାନ, ସାନତେଘରୀ, ଭୋଗରାଇ, ସମୟ: ଅପରାହ୍ନ ୨ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- କ୍ରାନ୍ତି ଦିବସ ପାଳନ, ସ୍ଥାନ: କହରାପୋଖରୀସ୍ଥିତ କ୍ରାନ୍ତି ମଇଦାନ, ଭଣ୍ଡାରିପୋଖରୀ, ସମୟ: ସକାଳ ୯ଟା।
- ଯାତ୍ରା କମିଟି ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ନନ୍ଦୋତ୍ସବ ଓ ପ୍ରଭୁପାଦଙ୍କ ବ୍ୟାସପୂଜା, ସ୍ଥାନ:ହେମଚନ୍ଦ୍ରପୁର ରାଣୀବନ୍ଧ ବାରିପଦା,ସମୟ: ଅପରାହ୍ନ ୧ଟା ୩୦।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବର ଉଦଯାପନୀ ଦିବସ, ସ୍ଥାନ: ଶ୍ରୀରାମ ମଣ୍ଡପ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ, ସ୍ଥାନ: ପୁରୁଣା ଜିଲାପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ୟୁନାଇଟେଡ୍ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟୀୟ ଉପାସକଙ୍କ ସାଧାରଣ ବୈଠକ, ସ୍ଥାନ: ଚର୍ଚ୍ଚ ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଭାଗବତ ପରିବାର ପକ୍ଷରୁ ଚାଲିଥିବା ନନ୍ଦ ମହୋତ୍ସବ କାର୍ଯ୍ୟକ୍ରମରେ ବେଶ ପ୍ରତିଯୋଗିତା, ସ୍ଥାନ: ମାଉସୀ ମା' ମନ୍ଦିର ପାଖ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଇସ୍କନର ପ୍ରତିଷ୍ଠାନା ଆଚାର୍ଯ୍ୟ ଶ୍ରୀମଦ ଏ ସି ଭକ୍ତି ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରଜାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଇସ୍କନ ମନ୍ଦିର, ବ୍ରାହ୍ମଣସାହି, ଗଜରାଜପୁର, ରାଜନଗର, ସମୟ: ପ୍ରାତଃ ୪ଟା।
- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସରେ ପାରାୟଣ, ସମୟ:ସକାଳ ୭ଟା, ପ୍ରବଚନ, ସମୟ:ସନ୍ଧ୍ୟା ୭ଟା ୩୦।
- ନାଟକ ଜରାସନ୍ଧ ବଧ, ଭକ୍ତ ସୁଦାମ ଚରିତ, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ ଅଫିସ ସମ୍ମୁଖ, ଗଜଲକ୍ଷ୍ମୀ ପୂଜା ମଣ୍ଡପ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- କୋରାପୁଟ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦୋତ୍ସବ, ସ୍ଥାନ: ଟାଉନ ହଲ, ଜୟପୁର, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ କଲ୍ୟାଣ ସଂଘର ବୈଠକ, ସ୍ଥାନ: ଜୟପୁର ନାଗରିକ କମିଟି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପ୍ରାଥମିକ ଶିକ୍ଷକଙ୍କ ବୈଠକ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବନ ବିଭାଗ ପକ୍ଷରୁ ଚାରାରୋପଣ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଝରିଗାଁ, ସମୟ: ସକାଳ ୮ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ସିଟି ପେଲେସ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା ୩୦।
- ଫଟୋଗ୍ରାଫି ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ , ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ସମର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀଡୁଙ୍ଗୁରି ଜଙ୍ଗଲ, ସମୟ : ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ ସମ୍ବଲପୁରର ୧୦ତମ ଅଧିଷ୍ଠାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ରୟାଲ ରିଟ୍ରିଟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମ ବାର୍ଷିକୀ ସମାରୋହ, ସ୍ଥାନ: ସରକାରୀ ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୯ଟା ୩୦ ।
- ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ରାଉରକେଲା

- ଇସ୍କନ ପକ୍ଷରୁ ତ୍ରିଦିବସୀୟ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ସମାପନ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷା କବିତା ଆସର, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଲଚରାଲ ଏକାଡେମୀ ପକ୍ଷରୁ କାବ୍ୟ କବିତା ଦିବସ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ହିନ୍ଦୀ ବିଭାଗ), ବରଗଡ଼, ସମୟ: ଅପରାହ୍ନ ୪ଟା।
- ନୂଆଖାଇ ଲଗ୍ନ ନିରୂପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ବୌଦ୍ଧ

- ବାଳିକାଙ୍କ ସୁରକ୍ଷା ନେଇ କର୍ମଶାଳା, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ଅପରାହ୍ନ ୨ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦେବା ପାଇଁ ଦେବଗଡ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଜରୁରୀକାଳୀନ ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୭ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପଡ଼ା ଯାଦବ ସମାଜ ପକ୍ଷରୁ ନନ୍ଦୋତ୍ସବ, ସ୍ଥାନ: ପୋଲିସ ପଡିଆ ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ମାରାଗୁଡା ସାହିତ୍ୟ ସଂସଦ ନୂଆପଡା ପକ୍ଷରୁ ମେହେର ଜୟନ୍ତୀ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମିଶନ ଶକ୍ତି ଗୃହ, ସମୟ: ଅପରାହ୍ନ ୨ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ନୂଆପଡା ପକ୍ଷରୁ ବିଶ୍ୱ ଆଦିବାଦୀ ଦିବସ ପାଳନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମାନାରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜନ୍ମାଷ୍ଟମୀ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ ନୂଆପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ୧୭ ତମ ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ସ୍ୱାମୀ ବିବେକାନନ୍ଦ କ୍ଲବ ତରଫରୁ ଚାରା ରୋପଣ, ସ୍ଥାନ: ଚୌକାମାଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଖୁଦୁରୁକୁଣୀ ଓଷା ପାଳନ, ସ୍ଥାନ: ଗୌରଡ଼ିହି ଦେବୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ ସ୍ତରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ବ୍ୟବସାୟରେ ଟେନ୍‌ସନ୍ ରହିଲେ ମଧ୍ୟ କ୍ଷତିର ପ୍ରଶ୍ନ ଉଠୁନାହିଁ। ପାଖ ଲୋକଟି ଅନ୍ୟର ନିର୍ଦ୍ଦେଶରେ କାମ କରିବା ଫଳରେ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ ହୋଇପାରେ। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ଆଜି ପରିବାରର ସାହାଯ୍ୟ ସମର୍ଥନ ଆପଣଙ୍କ କାର୍ଯ୍ୟ ହାସଲରେ ସାହାଯ୍ୟ କରିବ। ଏହା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବାର ସୂଚନା ରହିଛି। ଅବହେଳିତ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ନିକଟରୁ ଭରସା ପାଇ ବିଚଳିତ ମନରେ ସାମୟିକ ସ୍ଥିରତା ଆସିବ। ବନ୍ଧୁଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବା ସକାଶେ ଯୁକ୍ତିତର୍କ ଓ କଳହର ସ୍ଥିତି ଉପୁଜିବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ହେବ।

**କର୍କଟ** ବାରମ୍ବାର ଚେଷ୍ଟା କରି ଅଟକି ରହିଯାଉଥିବା ଅପୂରଣୀୟ ଆଶା ମନରେ ଦୁଃଖ ଦେବ। ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ବିରୋଧାଭାବ ପୋଷଣ କରିପାରନ୍ତି। କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ, ସହାନୁଭୂତିରୁ ଆଶ୍ୱସ୍ତି ମିଳିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ।

**ସିଂହ** କର୍ମକ୍ଷେତ୍ରରେ ପାରସ୍ପରିକ ବୁଝାମଣା ମାଧ୍ୟମରେ କାର୍ଯ୍ୟସାଧନ କରିବାରେ ସଫଳ ହେବେ। ପାରିବାରିକ ସ୍ତରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା ଉପକୃତ ହୋଇପାରନ୍ତି। ସାମାଜିକ ସ୍ତରରେ ବୁଦ୍ଧିଜୀବୀଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅବହେଳାରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଦ୍ୱାରା ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ସତ୍ୟରେ ପରିଣତ ହେବାରୁ ଖୁସି ଅନୁଭବ କରିବେ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ସାଙ୍ଗକୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଭଲ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଆକସ୍ମିକ ଭାବେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାରେ ତର୍କ ବିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟର ଆଶଙ୍କା ରହିଛି।

**ବିଛା** ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ସାଙ୍ଗକୁ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ଯୋଗୁ ମାନସିକ ସ୍ତରରେ ପରିବର୍ତ୍ତନ ଅନୁଭବ କରିବେ। ଅବହେଳାରୁ ଅଟକି ଥିବା କାମ ସକାଶେ ଅଭିଯୋଗ ଆସିପାରେ। ଅନ୍ୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ।

**ଧନୁ** ପରିସ୍ଥିତି ପ୍ରତି ସଜାଗ ରହି କାମ କରିପାରିଲେ ଲକ୍ଷ୍ୟ ପୂରଣ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ବ୍ୟବସାୟ ଓ ପରିବହନରେ ଲାଭାଂଶ ବୃଦ୍ଧି ପାଇବ। ଚାକ୍ଷୁଷ ପ୍ରମାଣ ବ୍ୟତୀତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ସଫଳତା ହାସଲ କଲେ ମଧ୍ୟ ଋଣ ପରିଶୋଧ କରିପାରିବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ସାମୟିକ ମାନସିକ ଶାନ୍ତି ମିଳିବ। ମାନସିକ ଦ୍ୱନ୍ଦ୍ୱ ଲାଗି ରହୁଥିବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ଅଧିକାଂଶ ସମୟ ସ୍ନାୟବିକ ଦୁର୍ବଳତା ଅନୁଭବ କରିବା କାରଣରୁ କାର୍ଯ୍ୟଦକ୍ଷତା କମିକମି ଯିବ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅବଶ୍ୟ ସଫଳତା ମିଳିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ମୀନ** ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅଫିସିଆଲି କାମରେ ଟେନସନ୍ ବଢ଼ିପାରେ। ଆପଣଙ୍କ ପାରିବାରିକ ଉତ୍କର୍ଷତା ପ୍ରତି ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବାର ଆଶା ରହିଛି।

ଆଜି ପାରମ୍ପରିକ ସିଂହ ସଂକ୍ରାନ୍ତି, ଅଗଷ୍ଟ ୧୭ ତାରିଖ, ଭାଦ୍ରବ କୃଷ୍ଣ ନବମୀ ରବିବାର। ବୈଷ୍ଣବସମ୍ମତ ନନ୍ଦୋତ୍ସବ, ଖୁଦୁରୁକୁଣୀ ଓଷା ଦ୍ୱିତୀୟପାଳି, ରାଶିନକ୍ଷତ୍ର-ରୋହିଣୀ/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୩୧ ଗତେ ଘ.୦୧।୪୪ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୫ ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ।

# ନିଯୁକ୍ତିଗତ ପରୀକ୍ଷା ଫର୍ମରେ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗୀକରଣ କରାଯିବ

**ଭୁବନେଶ୍ୱର, ୧୬।୮ (ସୁନିତ୍ ମିଶ୍ର)**

ତୃତୀୟ ଲିଙ୍ଗୀଙ୍କ ପାଇଁ ରହିବ ସ୍ୱତନ୍ତ୍ର କ୍ୟାଟେଗୋରୀ। ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସବୁ ବିଭାଗର ଅତିରିକ୍ତ ସଚିବ, ପ୍ରମୁଖ ସଚିବ ଏବଂ ସଚିବମାନଙ୍କୁ ଶନିବାର ଚିଠି ଜାରି କରାଯାଇଛି। ଏସ୍‌ଏସ୍‌ଇପିଡି ବିଭାଗ ସଚିବ ଆର୍.ଏସ୍ ଗୋପାଳନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ସୁରକ୍ଷା ଅଧିକାର ଆଇନ ୨୦୧୯ ଅନୁଯାୟୀ ତୃତୀୟ ଲିଙ୍ଗୀଙ୍କ ନିଯୁକ୍ତି ଏବଂ ସେଥିଲାଗି ହେଉଥିବା ପରୀକ୍ଷା କ୍ଷେତ୍ରରେ ଯେଉଁ ଅସମନତା ରହିଛି ସେହି ନିୟମକୁ ସବୁ ବିଭାଗ ପରିବର୍ତ୍ତନ କରନ୍ତୁ। ତୃତୀୟ ଲିଙ୍ଗକୁ ସ୍ୱତନ୍ତ୍ର ବର୍ଗୀକରଣ କରାଯାଉ। ସବୁ ବିଭାଗ ନିଯୁକ୍ତିଗତ ପରୀକ୍ଷାର ଢାଞ୍ଚା ବଦଳାନ୍ତୁ । ରାଜ୍ୟ ସରକାରଙ୍କ ନିଯୁକ୍ତି ଫର୍ମରେ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱତନ୍ତ୍ର ବର୍ଗୀକରଣ କରାନ୍ତୁ। ନିଯୁକ୍ତିଗତ ପରୀକ୍ଷାର ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ୍ ଫର୍ମରେ ତୃତୀୟ ଲିଙ୍ଗୀଙ୍କ ଲାଗି କଲମ୍ କିମ୍ବା ବକ୍ସ ରହିବା ଜରୁରୀ।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେମିତି ଦିଅଁକୁ ସେମିତି ପୂଜା;
ବାଲି ଗରଡ଼ାକୁ ଚାଉଳ ଭଜା।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଉଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଯିଏ ଯେମିତି ବ୍ୟବହାର ପାଇବାଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେଣେ ଇଚ୍ଛା ତେଣେ ଯା,
କର୍ମ ଘେନି ବୁଲୁ ଥା।**

କର୍ମ ହିଁ ଜୀବନଯାତ୍ରାର ଅସଲ ସହଚର। ଯେଉଁଠି ରହିଲେ ବି କର୍ମ ଅନୁସାରେ ଫଳ ମିଳେ। କର୍ମ ଓ ଭାଗ୍ୟ ଏକାଠି ହେଲେ ଲୋକ ଐଶ୍ୱର୍ଯ୍ୟ ଭୋଗକରେ। ଯେତେ କର୍ମ କଲେ ମଧ୍ୟ ଭାଗ୍ୟରେ ନ ଥିଲେ ଭଲ ଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ବିଭାଜନ ପାଇଁ କଂଗ୍ରେସ ...

କହିଛନ୍ତି। ନୂଆ ମଡ୍ୟୁଲରେ ଉଲ୍ଲେଖ ରହିଛି, ଭୁଲ୍ ବିଚାରଧାରା ଯୋଗୁ ଭାରତ ବିଭାଜନ ହୋଇଥିଲା। ୧୯୪୦ରେ ଲାହୋରଠାରେ ଭାରତୀୟ ମୁସଲମାନମାନଙ୍କ ଦଳ ମୁସ୍‌ଲିମ୍ ଲିଗ୍‌ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାର ନେତା ମହମ୍ମଦ ଅଲି ଜିନ୍ନା କହିଥିଲେ, ହିନ୍ଦୁ ଏବଂ ମୁସଲମାନ୍‌ଙ୍କର ଦୁଇ ଭିନ୍ନ ଧର୍ମୀୟ ଦର୍ଶନ, ସାମାଜିକ ପ୍ରଥା ଓ ଭାଷା ରହିଛି। 'ବିଭାଜନର ଅପରାଧୀଗଣ' ଶୀର୍ଷକରେ ଉକ୍ତ ମଡ୍ୟୁଲରେ କୁହାଯାଇଛି, 'ଶେଷରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ବିଭାଜିତ ହୋଇଥିଲା। ତେବେ ଏହା କୌଣସି ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ନ ଥିଲା। ଭାରତ ବିଭାଜନ ପାଇଁ ୩ଟି ତତ୍ତ୍ୱ ଦାୟୀ: ଜିନ୍ନା, ଯିଏ ଏଥିପାଇଁ ଦାବି କରିଥିଲେ, ଦ୍ୱିତୀୟରେ କଂଗ୍ରେସ, ଯିଏ ଏହାକୁ ଗ୍ରହଣ କରିଥିଲା ଏବଂ ତୃତୀୟରେ ମାଉଣ୍ଟବାଟେନ୍, ଯିଏ ଏହାକୁ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ମାଉଣ୍ଟବାଟେନ୍ ସବୁଠୁ ବଡ଼ ଦୋଷୀ ପ୍ରମାଣିତ ହୋଇଛନ୍ତି।' ସେ କ୍ଷମତା ହସ୍ତାନ୍ତର ତାରିଖ ୧୯୪୮ ଜୁନ୍‌ରୁ ୧୯୪୭ ଅଗଷ୍ଟକୁ ଆଗୁଆ ନିର୍ଦ୍ଧାରଣ କରିଥିଲେ। ପ୍ରତ୍ୟେକ ଏଥିରେ ସହମତ ଦେବାକୁ ସେ ପ୍ରବର୍ତ୍ତାଇଥିଲେ। ତେଣୁ ବିଭାଜନ ପୂର୍ବରୁ ସମ୍ପୂର୍ଣ୍ଣ ବିଭାଜନ ହୋଇପାରି ନ ଥିଲା। ବିଭାଜନ ସୀମା ନିର୍ଦ୍ଧାରଣ ମଧ୍ୟ ତରବରିଆ ଭାବେ କରାଯାଇଥିଲା। ସେଥିପାଇଁ ସାର୍ ସିରିଲ୍ ରେଡ୍‌କ୍ଲିଫ୍‌ଙ୍କୁ ମାତ୍ର ୫ ସପ୍ତାହ ସମୟ ଦିଆଯାଇଥିଲା।

ଏପରିକି ୧୯୪୭ ଅଗଷ୍ଟ ୧୫ର ୨ ଦିନ ପରେ ମଧ୍ୟ ପଞ୍ଜାବର ଅନେକ ଲକ୍ଷ ଲୋକ ଜାଣି ନ ଥିଲେ, ସେମାନେ ଭାରତରେ ନା ପାକିସ୍ତାନରେ। ଏଭଳି ଶୀଘ୍ରତା ଅତ୍ୟନ୍ତ ଦାୟିତ୍ୱହୀନତା କାର୍ଯ୍ୟ ଥିଲା ବୋଲି ମଡ୍ୟୁଲରେ ଉଲ୍ଲେଖ ରହିଛି। ସେଥିରେ ଆହୁରି କୁହାଯାଇଛି ଯେ, ଯଦିଓ ଜିନ୍ନାଙ୍କୁ ବିଭାଜନ ପାଇଁ ଦୋଷ ଦିଆଯାଇଛି, ତଥାପି ଏହା ହେବ ଏବଂ ସେ ନିଜ ଜୀବଦ୍ଦଶାରେ ପାକିସ୍ତାନ ଦେଖିବେ ବୋଲି କଦାପି ଚିନ୍ତା କରି ନ ଥିବା କହିଥିଲେ। ଦେଶ ବିଭାଜନ ହେବା ସେ ଆଶା କରି ନ ଥିଲେ ବୋଲି ଜିନ୍ନା ପରବର୍ତ୍ତୀ ସମୟରେ ସ୍ୱୀକାର ମଧ୍ୟ କରିଥିଲେ। ଏକଥା ସେ ତାଙ୍କ ସହଯୋଗୀଙ୍କୁ କହିଥିଲେ।

ମଡ୍ୟୁଲରେ ଉଲ୍ଲେଖ ରହିଛି ଯେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ, ଦେଶର ସ୍ଥିତି ବିସ୍ଫୋରକ ହୋଇଯାଇଛି। ଭାରତ ଏକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି ଏବଂ ଏକ ଗୃହଯୁଦ୍ଧ ହେବା ଅପେକ୍ଷା ବିଭାଜନ ଭଲ ହେବ। ମହାତ୍ମା ଗାନ୍ଧୀଙ୍କ ଆଭିମୁଖ୍ୟ ସମ୍ପର୍କରେ ନୂଆ ମଡ୍ୟୁଲରେ ଉଲ୍ଲେଖ ରହିଛି, ସେ ବିଭାଜନକୁ ବିରୋଧ କରୁଥିଲେ, କିନ୍ତୁ ହିଂସା ମାଧ୍ୟମରେ କଂଗ୍ରେସର ନିଷ୍ପତ୍ତିକୁ ପ୍ରତିରୋଧ କରି ନ ଥିଲେ। ସେ ବିଭାଜନର ଏକ ପକ୍ଷ ହୋଇପାରିବେ ନାହିଁ, କିନ୍ତୁ ହିଂସାର ସହ ଏହାକୁ ଗ୍ରହଣ କରିବାରୁ କଂଗ୍ରେସକୁ ଅଟକାଇବେ ନାହିଁ ବୋଲି କହିଥିଲେ।

ଏନ୍‌ସିଇଆର୍‌ଟି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଗୋଟିଏ ମଡ୍ୟୁଲ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ୟ ଏକ ମଡ୍ୟୁଲ ପ୍ରକାଶ କରିଛି। ଏହାକୁ ନିୟମିତ ପାଠ୍ୟପୁସ୍ତକର ଅଂଶବିଶେଷ କରା ନ ଯାଇ ଇଂଲିଶ ଓ ହିନ୍ଦୀରେ ଅତିରିକ୍ତ ବିଷୟବସ୍ତୁ ଭାବେ ରଖାଯାଇଛି, ଯାହାକୁ ପ୍ରୋଜେକ୍ଟ, ପୋଷ୍ଟର, ଆଲୋଚନା ଓ ବିତର୍କ ଜରିଆରେ ବ୍ୟବହାର ପାଇଁ ରଖାଯାଇଛି। ଉଭୟ ମଡ୍ୟୁଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୧ର ବାର୍ତ୍ତା ସହ ଆରମ୍ଭ ହୋଇଛି, ଯେଉଁଥିରେ ସେ ବିଭାଜନ ଆତଙ୍କ ସ୍ମରଣ ଦିବସ ପାଳନ ସମ୍ପର୍କରେ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ Xରେ ଲେଖିଥିବା ବାର୍ତ୍ତାର ଉଦ୍ଧୃତାଂଶ ଉଲ୍ଲେଖ ରହିଛି। ତାହା ହେଲା, 'ବିଭାଜନର ଯନ୍ତ୍ରଣା କଦାପି ଭୁଲି ହେବ ନାହିଁ। ଆମର ଅନେକ ନିୟୁତ ଭଉଣୀ ଭାଇ ବିସ୍ଥାପିତ ହୋଇଥିଲେ। କିଛି ନ ବୁଝି ଘୃଣା ଓ ହିଂସାକାଣ୍ଡ ଯୋଗୁ ଅନେକଙ୍କ ଜୀବନ ଯାଇଥିଲା। ସେହି ସଂଘର୍ଷ ଓ ଆମ ଲୋକମାନଙ୍କ ବଳିଦାନର ସ୍ମରଣ ପାଇଁ ଅଗଷ୍ଟ ୧୪କୁ ବିଭାଜନ ଆତଙ୍କ ସ୍ମରଣ ଦିବସ ଭାବେ ପାଳନ ହେବ'।

## ଆତ୍ମାହୁତି ନୁହେଁ, ...

ତେବେ ଜ୍ୟୋତିରଞ୍ଜନଙ୍କୁ ମେଡିକାଲ ନିଆଯିବା ପୂର୍ବରୁ ସେ ଏକ ଭିଡିଓରେ ଜମିଜମା ବିବାଦକୁ କେନ୍ଦ୍ର କରି ବାପା, ଭାଇ ଓ ସାବତ ମା' ତାଙ୍କୁ ପେଟ୍ରୋଲ ଢାଳି ମାରିଦେବାକୁ ଯୋଜନା କରି ଏଭଳି କାଣ୍ଡ ଭିଆଇଛନ୍ତି । ଏପରି କି ତାଙ୍କ ନାମରେ କୌଣସି ଜମି ନାହିଁ ବୋଲି ଜ୍ୟୋତିରଞ୍ଜନ କହୁଥିବା ଶୁଣିବାକୁ ମିଳିଛି। ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ. ୩୮୭/୨୫) ରୁଜୁ କରି ବାପା ସୁରେନ୍ଦ୍ର, ସାବତ ଭାଇ ପ୍ରଶାନ୍ତ ଓ ସାବତ ମା' ପ୍ରଭାତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ପରେ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି, ପ୍ରଥମେ ଆତ୍ମାହୁତି ଉଦ୍ୟମ ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ପରେ ଭାଇରାଲ୍ ହେଉଥିବା ଭିଡିଓ, ଚିକିତ୍ସାଧୀନ ଅବସ୍ଥାରେ ସେ ଦେଇଥିବା ବୟାନରେ ସମାନ ତଥ୍ୟ ମିଳିବା ଏବଂ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ଉକ୍ତ ମାମଲାକୁ ହତ୍ୟା ଦଫାରେ ରୂପାନ୍ତରିତ କରାଯାଇ ବାପା, ସାବତ ମା' ଏବଂ ଭାଇଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ଅପରପକ୍ଷରେ ଶନିବାର ଜ୍ୟୋତିରଞ୍ଜନଙ୍କ ସ୍ତ୍ରୀ ଓ ଛୋଟ ପୁଅକୁ ନ୍ୟାୟ ଓ ଆର୍ଥିକ ସହାୟତା ଦେବାପାଇଁ କଂଗ୍ରେସ ଓ ଅନ୍ୟାନ୍ୟ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣ ପକ୍ଷରୁ ବାଲିପାଟଣା ଛକରେ ମୃତଦେହ ରଖି ଦାବି କରାଯାଇଥିଲା। ପ୍ରାୟ ଦୁଇ ଘଣ୍ଟା ବାଲିପାଟଣା -ଭୁବନେଶ୍ୱର ରାସ୍ତା ଅବରୋଧ ଥିଲା। ସରକାରୀ ନିୟମ ଅନୁସାରେ ଯାହା ସହାୟତା ସୁବିଧା ଅଛି ତାହା କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ଜ୍ୟୋତିରଞ୍ଜନଙ୍କ ଜେଜେଙ୍କ ପୈତୃକ ଗ୍ରାମ କାକଟପୁର ନିଆଯାଇ ସତ୍କାର କରାଯାଇଛି।

## ଧାର୍ଯ୍ୟ ହେଲା ...

ପଣ୍ଡିତ ଓ ଜ୍ୟୋତିଷମାନେ ଯୋଗ ଦେଇଥିଲେ । ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନେ ନକ୍ଷତ୍ର ଗଣନା କରି ଲଗ୍ନ ଧାର୍ଯ୍ୟ କରିଥିଲେ। ସାମୂହିକ ପଣ୍ଡିତ ଓ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସର୍ବସମ୍ମତିକ୍ରମେ ଧାର୍ଯ୍ୟଲଗ୍ନକୁ ପ୍ରଥମେ ବ୍ରହ୍ମପୁରା ଠାକୁରଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ସଞ୍ଜୟ କୁମାର ମିଶ୍ର ଧାର୍ଯ୍ୟଲଗ୍ନକୁ ସର୍ବସାଧାରଣରେ ପାଠ କରିଥିଲେ। ଏହାପରେ ସମବେତ ପଣ୍ଡିତ, ଜ୍ୟୋତିଷ, ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଓ ସଭ୍ୟମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଗୋଧୂଳି ଲଗ୍ନରେ ସମଲେଇ ମନ୍ଦିରରେ ପହଞ୍ଚିଥିଲେ। ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ନୂଆଁଖାଇ ଲଗ୍ନ ଅର୍ପଣ କରିଥିଲେ । ସମଲେଇ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସମେତ ପୂଜକମାନେ ଲଗ୍ନ ପରମ୍ପରାନୁସାରେ ଗ୍ରହଣ କରିଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଭ୍ୟ ସରୋଜ କୁମାର ଦଳପତ, ଶ୍ରୀମନ୍ତ ମିଶ୍ର, ସୁଶାନ୍ତ କୁମାର ପୁରୋହିତ, ମିଲୁ ପାଣିଗ୍ରାହୀ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥ ସାରଥି ମିଶ୍ର, ଶୁଭେନ୍ଦ୍ର କୁମାର ପଣ୍ଡା, ଅଭିଷେକ ମିଶ୍ର, ପ୍ରବୀଣ କୁମାର ଦୀକ୍ଷିତଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ସରିତ କୁମାର ପାଢ଼ୀ, ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳର ପଣ୍ଡିତମାନେ ସାମିଲ ଥିଲେ।



ଶନିବାର ସମ୍ବଲପୁର ସମଲେଇ ମନ୍ଦିରରେ ଲଗ୍ନ ଦିଆଯାଉଛି।




# ୧୮ରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୬।୮ (ଅନୁରାଧା ମହାରଣା)

ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ହେଉଛି। ତେବେ ଆସନ୍ତା ୧୮ ତାରିଖ ବେଳକୁ ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୭ ତାରିଖରେ ବିଭିନ୍ନ ଜିଲାକୁ ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଥିବାବେଳେ ବଜ୍ରପାତ ପାଇଁ ସତର୍କ ସୂଚନା ଦିଆଯାଇଛି। ୧୮ରୁ ବର୍ଷା ବଢ଼ିବା ସମ୍ଭାବନା ଥିବାବେଳେ କୋରାପୁଟ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ରହିଛି। ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି।

# ମାଟ୍ରିକ୍ ସପ୍ଲିମେଣ୍ଟାରି ପାସ୍ ହାର ୫୬.୨୩%


ବୋର୍ଡ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଉଛନ୍ତି।

କଟକ, ୧୬।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ପାସ୍ ହାର ୫୬.୨୩% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରୁ ସେମାନଙ୍କ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ମୋବାଇଲ ଏସ୍ଏମ୍ଏସ୍ ଜରିଆରେ OR10<Roll no> ଲେଖି 5676750କୁ ପଠାଇଲେ ପରୀକ୍ଷାଫଳ ମିଳିବ। ସାରା ରାଜ୍ୟରୁ ମୋଟ ୩୪୫୭ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୪୭୪ ଜଣ ପରୀକ୍ଷା ଦେଇ ନ ଥିଲେ। ମୋଟ ୧୯୪୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଏ୨ ଗ୍ରେଡ୍‌ରେ ୩ଜଣ, ବି୧ ଗ୍ରେଡ୍‌ରେ ୧୪, ବି୨ ଗ୍ରେଡ୍‌ରେ ୩୯, ସି ଗ୍ରେଡ୍‌ରେ ୧୧୩, ଡି ଗ୍ରେଡ୍‌ରେ ୨୭୬, ଇ ଗ୍ରେଡ୍‌ରେ ୫୨୩ ଏବଂ କମ୍ପାର୍ଟମେଣ୍ଟରେ ୯୭୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୧୦୩୮ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ଜଣେ ମାଲପ୍ରାକ୍ଟିସ ହୋଇଛନ୍ତି।

## ରାଜ୍ୟ ମୁକ୍ତ ବିଦ୍ୟାଳୟ: ୫୫.୨୬%

ସେହିପରି ଏକ ସଙ୍ଗେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୫୫.୨୬% ହୋଇଛି। ସମଗ୍ର ରାଜ୍ୟରୁ ମୋଟ ୧୦୮୦୯ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୬୨୫ ଜଣ ପରୀକ୍ଷା ଦେଇ ନ ଥିଲେ। ମୋଟ ୫୯୭୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ଏ୨ ଗ୍ରେଡ୍‌ରେ ୧୩ଜଣ, ବି୧ ଗ୍ରେଡ୍‌ରେ ୨୩୨, ବି୨ ଗ୍ରେଡ୍‌ରେ ୭୨୩, ସି ଗ୍ରେଡ୍‌ରେ ୧୭୩୮, ଡି ଗ୍ରେଡ୍‌ରେ ୨୦୭୫, ଇ ଗ୍ରେଡ୍‌ରେ ୧୧୯୨ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୪୧୪୦ଜଣ ଅକୃତକାର୍ଯ୍ୟ ହୋଇଥିବା ବେଳେ ୪୬ଜଣ ମାଲପ୍ରାକ୍ଟିସ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବସାଇଟ୍‌ରୁ ଅଗଷ୍ଟ ୧୮ରୁ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ସେହିପରି ହାଇସ୍କୁଲର ମୁଖ୍ୟମାନେ ଟାବୁଲେଶନ ରେଜିଷ୍ଟର ଶନିବାର ସନ୍ଧ୍ୟା ୭ଟାରୁ ଡାଉନଲୋଡ୍ କରିପାରିବେ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ବୋର୍ଡ ମୁଖ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ଉପ ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା, ଏଷ୍ଟାବ୍ଲିସମେଣ୍ଟ ଅଫିସର ବୁଲବୁଲ ବେହେରା, ବିଦାୟୀ ପରୀକ୍ଷା ନିୟନ୍ତ୍ରକ ଅମ୍ରିତା ପ୍ରୀତିନନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳିଗଲା ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ

ଛତ୍ରପୁର, ୧୬।୮ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)


ଜଳିଯାଇଥିବା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ।

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶନିବାର ସକାଳେ ନିଆଁ ଲାଗି ଜଳିଯାଇଛି। ଶର୍ଟସର୍କିଟ ଯୋଗୁ ଏପରି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏଥିରେ କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ଓ କମ୍ପ୍ୟୁଟର, ପ୍ରିଣ୍ଟର ପୋଡ଼ିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଫଳରେ କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ନିଆଁ ଲିଭାଇବା କିଛି ସମୟ ବିଳମ୍ବ ହୋଇଥିଲା। ଏନେଇ ସୂଚନା ପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇ କେତେ ଜଣ ଖବରଦାତାଙ୍କ ସହ ମିଶି ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଦୁଇ ଘଣ୍ଟା ପରେ ଜିଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟକୁ ଆସିଥିଲେ। ଦେହ ଅସୁସ୍ଥ ଥିବାରୁ ନିଦବଟିକା ଖାଇ ଶୋଇଥିଲି ବୋଲି ସେ କହିଥିଲେ। ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# ପେଟ୍ରୋଲ ବ୍ୟାରେଲ୍ ଫାଟି ଘର ଜଳିଗଲା

ଛତ୍ରପୁର, ୧୬।୮ (ସନ୍ତୋଷ ପାଢ଼ୀ)



ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମ ବାଲିସାହିରେ ବିକ୍ରି କରିବା ପାଇଁ ଘରେ ରଖିଥିବା ପେଟ୍ରୋଲ ବ୍ୟାରେଲରେ ଅଗ୍ନି ସଂଯୋଗ ହୋଇ ଫାଟିଯିବାରୁ ଶନିବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଘରଟି ସମ୍ପୂର୍ଣ୍ଣ ରୂପେ ଜଳିଯାଇଛି। ଘରର ଆସବାବପତ୍ର ଓ ୨ଟି ଗାଡ଼ି ମଧ୍ୟ ପୋଡ଼ି ନଷ୍ଟ ହୋଇଛି। ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ନିଜ ଘରେ ବ୍ୟାରେଲରେ ପେଟ୍ରୋଲ ରଖି ବିକ୍ରି କରୁଥିଲେ। ଏଥିସହ ସେ ବେଆଇନ ଭାବେ ଗ୍ୟାସ୍ ଓ ଡିଜେଲ ମଧ୍ୟ ବିକ୍ରି କରି ଆସୁଥିଲେ। ସକାଳୁ କୌଣସି କାରଣରୁ ସେହି ପେଟ୍ରୋଲ ବ୍ୟାରେଲରେ ନିଆଁ ଲାଗି ଫାଟି ଯାଇଥିଲା। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ପାଇ ଛତ୍ରପୁରରୁ ୫ଟି ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଓଡ଼ିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୮ (ବନ୍ଦନା ସେଠୀ)

ସ୍ୱାଧୀନତା ଦିବସ ପାଳନ ଏକ ପ୍ରତୀକାତ୍ମକ ଉତ୍ସବ ନୁହେଁ। ଆଜିର ଦିନ ଆମକୁ କଷ୍ଟଲବ୍ଧ ସ୍ୱାଧୀନତା ବିଷୟରେ ସଚେତନ କରିବା ସହିତ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଲେ, ଆତଙ୍କବାଦ ବିରୋଧରେ ଦେଶର ନୀତି ଆହୁରି ଦୃଢ଼ ଓ କଠୋର ହୋଇଛି। ଗତ ୧୪ ମାସ ହେବ ଓଡ଼ିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି। କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି। ଶିଳ୍ପନୀତିରେ ଆମୂଳଚୂଳ ପରିବର୍ତ୍ତନ କରାଯାଇ ପୁଞ୍ଜିବିନିଯୋଗ କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିଛି। ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିବାବେଳେ ୧୩ଲକ୍ଷ ନିଯୁକ୍ତି ସୁଯୋଗ ପୂର୍ବର ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ୬/୭ମାସ ମଧ୍ୟରେ ଓଡ଼ିଶାରେ ୬୦ରୁ ଅଧିକ ଶିଳ୍ପ ସ୍ଥାପନ କରାଯାଇ ୧ଲକ୍ଷ ୮୦ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିବିନିଯୋଗ କରାଯାଇ ୧ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରାଯାଇଛି। ଓଡ଼ିଶା ୨୦୩୬ ସୁଦ୍ଧା ଭାରତର ଶ୍ରେଷ୍ଠ ୫ ଅର୍ଥନୀତିରେ ପ୍ରବେଶ କରିବାକୁ ଯାଉଛି। ଓଡ଼ିଶାକୁ ଔଷଧ ଏବଂ ସେମିକଣ୍ଡକ୍ଟର ଉତ୍ପାଦନର ଏକ ପ୍ରମୁଖ କେନ୍ଦ୍ରରେ ପରିଗଣିତ କରାଯିବା ସହ ୩.୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବା ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଲାଗୁ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଯୁକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ୬୫ହଜାର ଲକ୍ଷ୍ୟକୁ ଅତିକ୍ରମ କରି ୨ବର୍ଷ ମଧ୍ୟରେ ୮୫ହଜାର ସରକାରୀ ପଦବୀ ପୂରଣ ହେବାକୁ ଯାଉଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭିତ୍ତିଭୂମି, ପରିବେଶ, ଐତିହ୍ୟ, ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ସରକାର ଧ୍ୟାନଦେବାପୂର୍ବକ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସରକାର ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

ସମ୍ମିଳିତ ପରେଡରେ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିୟନ, ସୀମା ସୁରକ୍ଷା ବଳ, ସିଆର୍‌ପିଏଫ୍, ଆଇଟିବିପି, ଏସ୍ଓଜି ଚନ୍ଦକା, ଆନ୍ଧ୍ରପ୍ରଦେଶ ସଶସ୍ତ୍ର ପୋଲିସ ବାହିନୀ, ଭୁବନେଶ୍ୱରସ୍ଥିତ ବିଭିନ୍ନ ସ୍କୁଲର ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ରେଡକ୍ରସ ଆଦି ୫୦ ପ୍ଲାଟୁନ ଯୋଗଦେଇଥିଲେ। ଭାରତୀୟ ପୋଲିସ ସେବା ଅଧିକାରୀ ଅନନ୍ୟା ଅବସ୍ଥି ପରେଡ୍ ପରିଚାଳନା କରିଥିଲେ। ଏହି ଅବସରରେ ଗତ ଜାନୁଆରୀ ୨୬ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇ ଶ୍ରେଷ୍ଠ ବିବେଚିତ ପ୍ଲାଟୁନମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। 'ସର୍ବୋତ୍ତମ ୟୁନିଫର୍ମ ସଶସ୍ତ୍ର ବାହିନୀ' ଭାବେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, 'ଶ୍ରେଷ୍ଠ ରାଜ୍ୟ ସଶସ୍ତ୍ର ପ୍ଲାଟୁନ୍' ଭାବେ ଭୁବନେଶ୍ୱର ଚନ୍ଦକାର ଏସ୍ଓଜି, ଏନ୍‌ସିସିରେ ଶ୍ରେଷ୍ଠ ସିନିୟର ବିଭାଗରେ ଏନ୍‌ସିସି ବାଳକ ଓ ବାଳିକା ପ୍ଲାଟୁନ, ଶ୍ରେଷ୍ଠ କନିଷ୍ଠ ଏନ୍‌ସିସି ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଓ ଶ୍ରେଷ୍ଠ ଅଣ-ଏନ୍‌ସିସି ବାଳକ ବିଭାଗରେ ବିଜେଇଏମ୍ ସ୍କୁଲ ଓ ବାଳିକା ବିଭାଗରେ ବିଜେଇଏମ୍ ସ୍କୁଲ ଭୁବନେଶ୍ୱର, ଶ୍ରେଷ୍ଠ ସ୍କୁଲ ବ୍ୟାଣ୍ଡରେ କ୍ୟାପିଟାଲ ଗର୍ଲସ୍ ହାଇସ୍କୁଲ ୟୁନିଟ୍-୨ ପୁରସ୍କୃତ ହୋଇଛି। ସେହିପରି ସାଧାରଣତନ୍ତ୍ର ଦିବସରେ ଭାଗ ନେଇଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ଜିଆଇ ଟ୍ୟାଗ୍ ଉତ୍ପାଦ' ପ୍ରଥମ ପୁରସ୍କାର ପାଇଥିବାବେଳେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ସହରାଞ୍ଚଳ ପରିବହନ' ପାଇଁ ଦ୍ୱିତୀୟ ପୁରସ୍କାର ପାଇଥିଲା। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର 'ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟ' ତୃତୀୟ ପୁରସ୍କାର ପାଇଥିଲା।

ଉତ୍ସବରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୋଲିସ ଡିଜି ୱାଇ ବି ଖୁରାନିଆ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଓ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ


ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିବାଦନ ଗ୍ରହଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଡିଜିପି ୱାଇ.ବି. ଖୁରାନିଆ ଉପସ୍ଥିତ ଅଛନ୍ତି।

# ଋଣ ଟଙ୍କା ଶୁଝି ପାରିଲେନି
# ବେକରେ ଚପଲମାଳ ପକାଇ ମହିଳାଙ୍କୁ ଗାଁ ବୁଲାଇଲେ

ବଇଣ୍ଡା, ୧୬।୮ (ପରିକ୍ଷିତ ସାହୁ)

ଗାଁ ପାଣ୍ଠିରୁ ଋଣ ନେଇ ଶୁଝି ନ ପାରିବାରୁ ଜଣେ ମହିଳାଙ୍କ ବେକରେ ଚପଲମାଳ ପକାଯାଇ ଗାଁ ବୁଲାଯାଇଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଗୁରୁବାର ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପୋଲିସ କହିଛି, ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ଗ୍ରାମ ପାଣ୍ଠିରୁ ବର୍ଷେ ତଳେ କିଛି ଟଙ୍କା ଋଣ ଆଣିଥିଲେ। ହେଲେ ଉକ୍ତ ଋଣ ମହିଳା ଜଣଙ୍କ ଶୁଝିପାରି ନ ଥିଲେ। ଏ ନେଇ ଗୁରୁବାର ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ ଉପସ୍ଥିତ କେତେଜଣ ମହିଳା ଋଣ ନେଇଥିବା ମହିଳାଙ୍କୁ ୩୦ ପ୍ରତିଶତ ସୁଧ ସହ ଋଣ ଟଙ୍କା ମାଗିଥିଲେ। ଏତେ ଟଙ୍କା ଦେବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରିବ ନାହିଁ ବୋଲି ମହିଳା ଜଣକ କହିଥିଲେ। ସମସ୍ତ ଟଙ୍କା ନ ଦେଲେ ଚପଲମାଳ ପିନ୍ଧାଯାଇ ଗାଁ ବୁଲାଯିବ ବୋଲି ବୈଠକରେ ଉପସ୍ଥିତ ମହିଳାମାନେ କହିବାରୁ ମହିଳା ଜଣକ ସମସ୍ତ ଟଙ୍କା ଶୁଝି ଦେବାକୁ ରାଜି ହୋଇଥିଲେ। ହେଲେ ବର୍ତ୍ତମାନ ସମସ୍ତ ଟଙ୍କା ଦେବାକୁ ମହିଳାମାନେ ଅଡ଼ି ବସିଥିଲେ। ଏହି ସମୟରେ ଜଣେ ମହିଳା ଏକ ଚପଲମାଳ ଆଣି ଋଣ ନେଇଥିବା ମହିଳାଙ୍କ ବେକରେ ପକାଇ ଦେଇଥିଲେ। ଏହାପରେ ତାଙ୍କୁ ଗ୍ରାମରେ ବୁଲାଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ କହିଛନ୍ତି, ଅଭିଯୋଗ ମିଳିବା ପରେ ନମ୍ବର ୩୧୦/୨୫ରେ ଏକ ମାମଲା ରୁଜୁ ସହ ତଦନ୍ତ କରାଯାଉଛି। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମାଟି ତଳୁ ବାହାରିଲା ହାତୀ କଙ୍କାଳ

■ ବାର୍‌ହା ବିଦ୍ୟୁତ୍ ଫାଶରେ ପଡ଼ି ହୋଇଥିଲା ମୃତ୍ୟୁ

କେନ୍ଦୁଝର, ୧୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ ହାତୀଦାନ୍ତ କାରବାର ଅଭିଯୋଗରେ ୧୧ ଜଣଙ୍କୁ ଗିରଫ କରିବା ପରେ ହାତୀ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିଛି। ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦିହୋଇ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତମାନେ ଦାନ୍ତ କାଟିନେବା ପରେ ହାତୀ ମୃତଦେହ ମାଟି ଖୋଳି ପୋତିଦେଇଥିଲେ। ବନ ବିଭାଗ ତଦନ୍ତ ଚଳାଇ ଶନିବାର ପୋତା ସ୍ଥାନରୁ ମାଟି ଖୋଳି ମୃତ ହାତୀର କଙ୍କାଳ ଉଦ୍ଧାର କରିଛି। ପୂର୍ବରୁ ବନ ବିଭାଗ ୫.୮୦ କେଜିର ହାତୀଦାନ୍ତ ଜବତ କରିଥିଲା।

ଗତ ସପ୍ତାହରେ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ହାତୀଦାନ୍ତ ଜବତ କରିଥିଲା। ହାତୀଦାନ୍ତ କାରବାର ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ପରେ ଆଉ ୯ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ତେଲକୋଇ-ପାଲଲହଡ଼ା ସୀମାନ୍ତ ଡେରି ଗ୍ରାମ ନିକଟରେ ୩ ବର୍ଷ ପୂର୍ବେ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଉକ୍ତ ବିଦ୍ୟୁତ୍ ତାର ଲାଗି ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ସେମାନେ ହାତୀର ଦାନ୍ତ କାଟି ସେଠାରେ ପୋତିଦେଇଥିଲେ। ବଣାଇ ଡିଭିଜନରେ ଏକ ହାତୀ ଶିକାର ହୋଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ସୂଚନା ଆଧାରରେ ବନ ବିଭାଗ ଅଧିକାରୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ବାହାର କରିଥିଲେ। କଙ୍କାଳ ସମେତ ଦାନ୍ତର ଏକ ଅଂଶ ମଧ୍ୟ ଜବତ ହୋଇଛି। ଜବତ ସାମଗ୍ରୀକୁ ଅଧିକ ପରୀକ୍ଷା ପାଇଁ ସଂରକ୍ଷିତ ରଖାଯାଇଥିବା ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି। ଶନିବାର ବନ ବିଭାଗ ପଚରାଉଚରା ପାଇଁ ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଛି।

# ଓଲଟିଲା ପିକ୍ଅପ୍ ଭ୍ୟାନ୍: ୨ ଶ୍ରମିକ ମୃତ

ବଣାଇଁ, ୧୬।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ ଟାଇଲ ବୋଝେଇ ପିକ୍ଅପ୍ ଭ୍ୟାନ୍ ଓଲଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିକା ଭୂମିଜ ଓ ଅଜୟ ମୁଣ୍ଡାରି। ମୃତକଙ୍କ ଘର ରାଉରକେଲା ଜଲଦା ଅଞ୍ଚଳର ବୋଲି ସୂଚନା ମିଳିଛି। ଦୁର୍ଘଟଣାରେ ଅନ୍ୟ ୩ ଗୁରୁତର ଆହତ ହୋଇଛନ୍ତି। ଏନେଇ ଚାନ୍ଦିପୋଷ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ରାଉରକେଲାରୁ ଟାଇଲ ବୋଝେଇ କରି ପିକ୍ଅପ ଭ୍ୟାନ୍ ବଣାଇଁ ଆସୁଥିଲା। ଭ୍ୟାନ୍ ଭିତରେ ଡ୍ରାଇଭରଙ୍କ ସହ ୨ ଜଣ ଶ୍ରମିକ ଥିବା ବେଳେ ଡାଲାରେ ୨ ଜଣ ଶ୍ରମିକ ବସିଥିଲେ। ବିରିତୋଳା ୧୪୩ ନମ୍ବର ଜାତୀୟ ରାଜପଥରେ ହଠାତ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଡାଲାରେ ବସିଥିବା ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଚାନ୍ଦିପୋଷ ପୋଲିସ ୩ ଗୁରୁତରଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।






ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା 'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। –ଶ୍ରୀଅରବିନ୍ଦ

ଖୁଦୁରୁକୁଣୀ ଓଷା,
ସିଂହ ସଂକ୍ରାନ୍ତି



# ଅନାବଶ୍ୟକ ଆଇନ



ଆକାର ପଟେଲ

ଚଳିତ ମାସରେ ଆମେ ସ୍ୱାଧୀନତା ଦିବସ ପାଳନ କଲୁ। ଏହା ହେଉଛି ଆମ ସ୍ୱାଧୀନତା ସଂଗ୍ରାମର ପରାକାଷ୍ଠା। ବିଦେଶୀ ଶାସନ ଏବଂ ଦମନକାରୀ ଆଇନଗୁଡ଼ିକରୁ ଆମକୁ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ମିଳିଛି। ତେବେ ସ୍ୱାଧୀନ ଭାରତରେ ନିକଟରେ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନ ପାରିତ ହୋଇଥିବା 'ମହାରାଷ୍ଟ୍ର ସ୍ପେଶିଆଲ ପବ୍ଲିକ ସୁକ୍ୟୁରିଟି ବିଲ୍' ଉପରେ ତର୍ଜମା କରୁଛନ୍ତି। ଏହାକୁ ସ୍ୱୀକୃତି ନ ଦେବା ସକାଶେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ତରଫରୁ ମୁଁ ରାଜ୍ୟପାଳଙ୍କୁ ନିବେଦନ କରିଛି। ତଥାକଥିତ ଅର୍ବାନ ନକ୍ସଲ ବା ସହରୀ ନକ୍ସଲଙ୍କ ବିରୋଧରେ ପଦକ୍ଷେପ ନେବା ଲାଗି ଏହି ବିଲ୍ ବା ବିଧେୟକରେ ପ୍ରାବଧାନ ରହିଛି। ଏହା ସାମ୍ବିଧାନିକ ତଥା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସୁରକ୍ଷିତ ଥିବା ମାନବ ଅଧିକାର ପ୍ରତି ବିପଦ। ନକ୍ସଲବାଦ ହେଉଛି ଅନେକ ଦଶନ୍ଧିର ଏକ ପୁରୁଣା ଗ୍ରାମୀଣ ତଥା କମ୍ୟୁନିଷ୍ଟ ପ୍ରେରିତ ଆନ୍ଦୋଳନ। ହେଲେ ଏବେ 'ଅର୍ବାନ ନକ୍ସଲାଜମ୍' ବା ସହରୀ ନକ୍ସଲବାଦ ଆଲୋଚନାର ବିଷୟ ହୋଇଛି। ସମ୍ଭବତଃ ଏହି ଆନ୍ଦୋଳନକୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅନ୍ୟମାନେ ସମର୍ଥନ କରୁଥିବାରୁ ଏଭଳି କୁହାଯାଉଛି। ଭାରତୀୟ ଆଇନରେ 'ସହରୀ ନକ୍ସଲବାଦ' ଶବ୍ଦର କୌଣସି ବୈଧ ସଂଜ୍ଞା ବା ବ୍ୟାଖ୍ୟା ନାହିଁ। ଅସ୍ପଷ୍ଟ ଭାଷା, ଭେଦଭାବ କୈନ୍ଦ୍ରିକ, ନ୍ୟାୟିକ ସମୀକ୍ଷାର ଅଭାବ ଏବଂ ଦୁରୁପଯୋଗର ସମ୍ଭାବନା ଥିବା ଏହି ବିଲ୍ ବୈଧ ପ୍ରତିବାଦର ଅପରାଧୀକରଣ କରିବାର ଆଶଙ୍କା ରହିଛି। ଏହା ବୈଚାରିକ ଦୃଷ୍ଟି କୋଣରୁ ପକ୍ଷପାତ। ଏହା ଅନ୍ତର୍ଜାତୀୟ ଓ ସାମ୍ବିଧାନିକ ରୂପେ ସୁରକ୍ଷିତ ଅଧିକାରଗୁଡ଼ିକ ପ୍ରତି ଅତ୍ୟଧିକ ବିପଦ ସୃଷ୍ଟି କରିବ ଏବଂ ରାଜ୍ୟରେ ବୈଧ ବିରୋଧର ଆପରାଧୀକରଣ କରିବ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଦୃଢ଼ତାପୂର୍ବକ କହିଛନ୍ତି, ଏହି ଆଇନ ସରକାରଙ୍କ ସମାଲୋଚକଙ୍କୁ ଦମନ କରିବା ଲାଗି ବ୍ୟବହାର କରାଯିବ ନାହିଁ। 'ସହରୀ ନକ୍ସଲବାଦ'ର କୌଣସି ବୈଧ ସଂଜ୍ଞା ନାହିଁ। ଏହା ହେଉଛି ଏକ ଶବ୍ଦାଡ଼ମ୍ବର ଏବଂ ରାଜନୈତିକ ଆଧାରିତ ଖଣ୍ଡବାକ୍ୟ, ଯାହାକୁ ମିଡିଆ ଏବଂ ରାଜନୈତିକ ବିତର୍କଗୁଡ଼ିକରେ ପ୍ରଚାର କରାଯାଉଛି। ସିଭିଲ ସୋସାଇଟିକୁ ବିରୋଧ କରିବା ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦେଶଦ୍ରୋହ କିମ୍ବା ଆତଙ୍କବାଦ ଆଖ୍ୟା ଦେବା ପାଇଁ ଏହାକୁ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ଉଦାହରଣ ସ୍ୱରୂପ, ଭୀମା କୋରେଗାଁଓ ଘଟଣାରେ ବେଆଇନ କାର୍ଯ୍ୟକଳାପ(ନିରୋଧୀ) ଆଇନ ବା ୟୁଏପିଏରେ ୧୬ ଜଣ କର୍ମକର୍ତ୍ତାଙ୍କୁ ଗିରଫ କରାଯାଇଥିଲା। ଏହି ଆଇନରେ ବ୍ୟକ୍ତିମାନଙ୍କୁ ବିନା ବିଚାରରେ ଅନେକ ବର୍ଷ ହେଲା ଅଟକ ରଖାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଅନେକେ କୌଣସି ହିଂସାତ୍ମକ କାର୍ଯ୍ୟ ସହ ଜଡ଼ିତ ନ ଥିଲେ। ସେମାନେ କେବଳ ଅବହେଳିତ ସମୁଦାୟ ପାଇଁ ସ୍ୱର ଉଠାଇବା କିମ୍ବା ନାଗରିକ ଅଧିକାର ସୁରକ୍ଷା ପାଇଁ ଲଢୁଥିଲେ। ଉଲ୍ଲେଖନୀୟ ଯେ, ଫଡ୍‌ନବିସଙ୍କ ପ୍ରଥମପାଳି ମୁଖ୍ୟମନ୍ତ୍ରିତ୍ୱ ସମୟରେ ୨୦୧୮ରେ ଗିରଫଦାରି ଆରମ୍ଭ ହୋଇଥିଲା। ୭ ବର୍ଷ ହେଲା ବିଚାର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୬ ଜଣ କର୍ମକର୍ତ୍ତାଙ୍କୁ ଜାମିନ ମିଳିନାହିଁ ଏବଂ ଫାଦର ଷ୍ଟାନ୍ ସ୍ୱାମୀଙ୍କର ହାଜତରେ ମୃତ୍ୟୁ ହୋଇଯାଇଛି।

ସହରୀ ନକ୍ସଲ ବର୍ଣ୍ଣନାରେ ଅହିଂସାତ୍ମକ ରାଜନୈତିକ ବିରୋଧ ଏବଂ ହିଂସାତ୍ମକ ଚରମବାଦ ମଧ୍ୟରେ ଥିବା ପ୍ରଭେଦକୁ ସ୍ପଷ୍ଟ କରାଯାଇନାହିଁ। ଏଭଳି ଏକ ଦ୍ୱନ୍ଦ୍ୱ କେବଳ ଭାରତର ସାମ୍ବିଧାନିକ ମୂଲ୍ୟବୋଧର ବିରୋଧୀ ନୁହେଁ ବରଂ ଏହା ଅନ୍ତର୍ଜାତୀୟ ବୈଧ ଉତ୍ତରଦାୟିତ୍ୱର ଉଲ୍ଲଂଘନ କରେ। ଆଉ ଏକ ଚିନ୍ତାଜନକ ବିଷୟ ହେଉଛି ଭେଦଭାବ। ପ୍ରଥମ ପାରାରେ ସୂଚିତ କରାଯାଇଥିବା ଶବ୍ଦସବୁ, 'ବାମପନ୍ଥୀ ଚରମବାଦୀ ସଂଗଠନ କିମ୍ବା ଏହିଭଳି ସଙ୍ଗଠନଗୁଡ଼ିକ' ଆପରାଧୀକରଣ ବିଚାରକୁ ସୂଚିତ କରିବା ସହ ଇଣ୍ଟରନ୍ୟାଶନାଲ କୋଭେନାଣ୍ଟ ଅନ୍ ସିଭିଲ ଆଣ୍ଡ ପଲିଟିକାଲ ରାଇଟ୍‌ସ–ଅନୁଚ୍ଛେଦ ୨୬ର ଉଲ୍ଲଂଘନ କରେ ; ଯେଉଁଥିରେ ଭାରତ ସ୍ୱାକ୍ଷର କରିଛି। ତେବେ ବିଧେୟକର ଅନୁଚ୍ଛେଦ ୩ କୌଣସି ସଙ୍ଗଠନକୁ 'ବେଆଇନ' ଘୋଷଣା କରିବା ପାଇଁ କାର୍ଯ୍ୟପାଳିକାକୁ ଅନୁମତି ଦିଏ। କିନ୍ତୁ ଏଥିରେ ନିଷ୍ପକ୍ଷ ନ୍ୟାୟିକ ଯାଞ୍ଚକୁ ପ୍ରୋତ୍ସାହିତ କରିବାର ପ୍ରାବଧାନ ନାହିଁ। କେବଳ ସରକାରଙ୍କ ଦ୍ୱାରା ନିଯୁକ୍ତ ପରାମର୍ଶଦାତା ବୋର୍ଡକୁ ଏଭଳି ଘୋଷଣାଗୁଡ଼ିକର ସମୀକ୍ଷା କରିବା ପାଇଁ ଦାୟିତ୍ୱ ଦିଆଯାଇଛି, ଅର୍ଥାତ୍ ସେମାନେ କଙ୍ଗାରୁ କୋର୍ଟ ପାଲଟିଯିବ। ଏହା ନ୍ୟାୟିକ ସୁରକ୍ଷାକୁ ହଟାଇ ଦେଇଛି ଏବଂ ସ୍ୱେଚ୍ଛାଚାରୀ କାର୍ଯ୍ୟ ପାଇଁ ଦ୍ୱାର ଖୋଲିଦେଇଛି। ତଦନ୍ତରେ ନିଷ୍ପକ୍ଷ ବିଚାର ଓ ତଜ୍ଜନିତ ପ୍ରକ୍ରିୟା ସୁନିଶ୍ଚିତ କରୁଥିବା ଏବଂ ଜଣଙ୍କ ଘର, ସମ୍ପତ୍ତି ଓ ଗୋପନୀୟତାରେ ଅବୈଧ ହସ୍ତକ୍ଷେପ ବିରୋଧରେ ବ୍ୟକ୍ତିଙ୍କୁ ସୁରକ୍ଷା ଦେଉଥିବା ଅଧିକାରଗୁଡ଼ିକୁ ଏହା ଉଲ୍ଲଂଘନ କରେ। ଧାରା ୧୪ ଆବେଦନକୁ ବାରଣ କରୁଥିବାବେଳେ ଧାରା ୧୭ ସରକାର ଅଧିକାରୀଙ୍କୁ ଅପରାଧ ଅଭିଯୋଗରେ ସୁରକ୍ଷା ପ୍ରଦାନ କରେ। ଦେଖିବାକୁ ଗଲେ ଏହିସବୁ ଧାରା ଉତ୍ତରଦାୟିତ୍ୱକୁ ଶେଷ କରିଦେଇଛି। ଉପନିବେଶିକ ଢାଞ୍ଚାରେ ଲୋକଙ୍କୁ ଜେଲରେ ରଖାଯିବା ଭଳି ଦମନମୂଳକ କାର୍ଯ୍ୟ ଏହି ଆଇନରେ ମଧ୍ୟ ରହିଛି। ଧାରା ୧୫ ଏହି ବିଲ୍ ଅଧୀନରେ ସମସ୍ତ ଅଭିଯୋଗକୁ ଜାମିନ ବିହୀନ କରିଛି। କୌଣସି ବିନା ତଦନ୍ତରେ ବିଚାର ପୂର୍ବରୁ ଦୀର୍ଘଦିନ ଅଟକ ରଖାଯିବାର ପ୍ରାବଧାନ ଅଛି। ଏହି ଆଇନର ଆବଶ୍ୟକତା ନାହିଁ। କାରଣ ଭାରତରେ ୟୁଏପିଏ, ଏମ୍‌ସିଓସିଏ ଓ ଭାରତୀୟ ନ୍ୟାୟ ସଂହିତା ସମେତ ଅତି କଠୋର ଆତଙ୍କବାଦ ବିରୋଧୀ ଓ ଅପରାଧ ଆଇନଗୁଡ଼ିକ ଅଛି।

ରାଜ୍ୟପାଳ ଯଦି ଆଇନକୁ ସ୍ୱୀକୃତି ଦିଅନ୍ତି ଓ ତାହାକୁ ଲାଗୁ କରାଯାଏ, ତେବେ ଏହା ସୁରକ୍ଷା ନାମରେ ମୌଳିକ ଅଧିକାରକୁ କ୍ଷତି କରିବ। ମହାରାଷ୍ଟ୍ର ସୁରକ୍ଷାରୁ ଦୂରେଇ ଯାଇ ଏହି ଆଇନ ପ୍ରତିବାଦ, ବିତର୍କ ଏବଂ ଉତ୍ତରଦାୟିତ୍ୱର ଅପରାଧୀକରଣ କରିଛି। 'ସହରୀ ନକ୍ସଲ' ଭଳି ଶବ୍ଦ ବ୍ୟାପକ କ୍ଷତିର କାରଣ ହୋଇସାରିଲାଣି। ସେଥିପାଇଁ ସମ୍ମତି ପ୍ରଦାନ ନ କରିବା ପାଇଁ ମୁଁ ସମ୍ମାନର ସହ ରାଜ୍ୟପାଳଙ୍କୁ ନିବେଦନ କରିଛି। ସ୍ୱାଧୀନତା ଦିବସ ପାଳନକୁ ପତାକା ଉଡ଼ାଇବା ଏବଂ ଅଭିବାଦନ ଗ୍ରହଣ କରିବା ସହ ଲମ୍ବା ଭାଷଣ ଦେବାର ପ୍ରତୀକ ଭାବେ ସୀମିତ ରଖାଯିବା ଉଚିତ ନୁହେଁ। ସ୍ୱାଧୀନତା, ନାଗରିକ ଅଧିକାରର ସୁରକ୍ଷା, ମାନବ ଅଧିକାରର ସୁରକ୍ଷା ଓ ନ୍ୟାୟ ଉପଲବ୍ଧ କରିବା ପ୍ରତି ଆମର ପ୍ରତିବଦ୍ଧତା ଜାରି ରହିବା ଦରକାର। କିନ୍ତୁ ଏହି ଆଇନ ଏ ସବୁର ଉଲ୍ଲଂଘନ କରେ ଏବଂ ଏହି କାରଣରୁ ଏପରି ଆଇନକୁ ଭାରତୀୟଙ୍କ ଉପରେ ବଳପୂର୍ବକ ଲଦି ଦିଆ ନ ଯାଉ।

Email:aakar.patel@gmail.com

# ଭକୁଆ ହେବାର ଉପାଦେୟତା



ରଞ୍ଜନ କୁମାର ଦାସ

ସାଧାରଣ ଜୀବନରେ କେହି ଯଦି କିଛି ଠିକ୍‌ରେ କରି ନ ପାରେ, କଥାଟାକୁ ଠିକ୍‌ରେ ବୁଝି ନ ପାରେ ତାକୁ ଆମେ କହୁ ଭକୁଆଟା କିରେ? ଅନ୍ୟ ଅର୍ଥରେ କହିବାକୁ ଗଲେ ଏଇଭଳି ଜଡ଼ା, ବେତା ଅଥବା ସାଧାରଣ ଦକ୍ଷତାଠାରୁ ନିମ୍ନରେ ଥିବା ଲୋକଙ୍କୁ ଆମେ ଭକୁଆ ବୋଲି ଭାବୁ। ସେଇଭଳି ଯେଉଁମାନେ ସହଜରେ ବୋକା ବନିଯାଆନ୍ତି, ନିହାତି ସହଜ ଜାଗାରେ ମଧ୍ୟ ସଫଳ ହୋଇପାରନ୍ତି ନାହିଁ ସେମାନଙ୍କୁ ମଧ୍ୟ ଭକୁଆ ବୋଲି ବିବେଚନା କରାଯାଏ, ଅଯୋଗ୍ୟ ଅପଦାର୍ଥ ବୋଲି ଧରାଯାଏ। ମାତ୍ର ସାମ୍ପ୍ରତିକ ସମୟରେ ଦେଖାଯାଉଛି ପାର୍ଥିବ ଜୀବନରେ ଏମାନେ ଅଧିକ ସଫଳ ହେଉଛନ୍ତି , ବଡ଼ ସ୍ଥାନ ପାଇଁ ଏମାନେ ପ୍ରଥମ ପସନ୍ଦରେ ରହୁଛନ୍ତି।

ବଡ଼ ଲୋକଙ୍କର ସବୁବେଳେ ଜଣେଜଣେ ବତିପେଲା ପେଣ୍ଠିଆ ଦରକାର ପଡନ୍ତି। ବଡ଼ଲୋକେ ବତି ନିଜେ ପେଲିଲେ ହାତରେ କିରୋସିନ ଲାଗିଯିବ ବୋଲି ବତିପେଲା ରଖୁଥିଲେ। ବଡ଼ ଶିକାରୀ ଓ ରାଜାରାଜୁଡ଼ାମାନେ ଶିକାରରେ ଗଲାବେଳେ ସାଙ୍ଗରେ ପେଣ୍ଠିଆ ନେଇ ଯାଉଥିଲେ। ସେମାନେ ସାଧାରଣତଃ ଶିକାର ପାଇଁ ଜାଲ ବିଛାଇବାଠାରୁ ଆରମ୍ଭ କରି ଶିକାରକୁ ଉଆସଯାଏ ବୋହି ଆଣିବା ଆଦି କାମ କରୁଥିଲେ। ସାଧାରଣତଃ ଏଭଳି ଭକୁଆ ଲୋକେ ଏସବୁ ପେଣ୍ଠିଆ କାର୍ଯ୍ୟ ପାଇଁ ପ୍ରଥମ ପସନ୍ଦ ଥିଲେ, ଯିଏ ଗାଳିଗୁଲଜ ସହି ମଧ୍ୟ ବୋଲକରା ଭଳି ପଛେପଛେ ଗଣ୍ଠିଲି ବୋହି ଚାଲୁଥିବ। ପ୍ରତିବାଦ କରିବାର ଭାଷା ତାକୁ ଜଣା ନ ଥିବ। ଆଗେ ରାଜା, ଜମିଦାରଙ୍କ ପଛରେ ଏବଂ ଏବେ ମଧ୍ୟ ମନ୍ତ୍ରୀ, ଏମ୍‌ଏଲ୍‌ଏ, ଠିକାଦାର ବା ବଡ ଅଫିସରଙ୍କ ପାଖରେ ଥୋକେ ଅନୁଗତ ଲୋକ ରହିବାର ଦେଖାଯାଏ। ଅନୁଗତ ହେବା ପାଇଁ ସର୍ବମାନ୍ୟ ଯୋଗ୍ୟତା ହେଲା ସେ ଜଣେ ଭକୁଆ ହୋଇଥିବା ଦରକାର। ସମଝଦାର ଲୋକଙ୍କୁ ଅନୁଗତ କରି ରଖିବାରେ ବିପଦ ଥାଏ। ଜଣେ ସମଝଦାର ଲୋକ ଭଲ ଅନୁଗତ ହେବ କି ନାହିଁ ତା'ର ଗ୍ୟାରେଣ୍ଟି ନ ଥାଏ। ସେ ହୁଏତ ନିଜ ବିବେକର କଥା ଶୁଣିପାରେ, ଉଚିତ ଅନୁଚିତ ବିଚାର କରିପାରେ ଏବଂ ନିଜ ନିଷ୍ପତ୍ତି ନିଜେ ନେଇପାରେ। ଅପରପକ୍ଷରେ ଭକୁଆଟିଏ ଯାହା ମାଲିକ କହିବ ତାକୁ ନିର୍ବିବାଦରେ ମାନିନେବ, ତା'ର ଔଚିତ୍ୟ ଅନୌଚିତ୍ୟ ଉପରେ ପ୍ରଶ୍ନ କରିବ ନାହିଁ। ୟେସ ଇଜ ଅଲ୍‌ୱେଜ ରାଇଟ ଦର୍ଶନରେ ବିଶ୍ୱାସ କରୁଥିବା ଏମାନେ ମାଲିକଙ୍କର ସବୁ ଅନୁଚିତ କାର୍ଯ୍ୟରେ ମଧ୍ୟ ବାଃ ବାଃ କରିବେ। କାଉକୁ ଧଳା ବୋଲି ମାଲିକ କହିଲେ ସେମାନେ ହଁ ମାରିବେ। ତେଣୁ ମାଲିକ ସବୁବେଳେ ଚାହେଁ ତା'ର ଅନୁଗତ ଓ ଚାକରମାନେ ଭକୁଆ, ଅପାଠୁଆ, ବିଚାରଶକ୍ତି ରହିତ ଓ ବୁଡବକ ହୋଇଥାନ୍ତୁ ଯଦ୍ୱାରା ସେମାନେ ତାଙ୍କୁ ଅନ୍ଧ ଭାବେ ଭକ୍ତି ଓ ବିଶ୍ୱାସ କରିବେ। ନିଆଁକୁ ଡେଇଁପଡ଼ କହିଲେ ଆଗପଛ ବିଚାର ନ କରି ଡେଇଁବେ। କାହାକୁ ଧରିଆଣ କହିଲେ ତା'ର ମୁଣ୍ଡକାଟି ନେଇଆସିବେ। ତେଣୁ ସେମାନେ ଅନୁଗତ ପଦବୀ ପାଇଁ ପ୍ରଥମ ପସନ୍ଦ ହେବ ସ୍ୱାଭାବିକ।

ଏଇ ଭକୁଆମାନେ ନିଜ ଆତ୍ମସମ୍ମାନ ପ୍ରତି ଏତେ ସଚେତନ ନ ଥିବାରୁ ଯୋଉଠି ସେଇଠି ମୁଣ୍ଡ ନୁଆଁଇ ଦେବାରେ ତାଙ୍କର ଦ୍ୱିଧା ମଧ୍ୟ ନ ଥାଏ। ସେମାନେ କାହାର ଅଯଥା ତୋଷାମଦ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ ବା ଲଜ୍ଜିତ ଅନୁଭବ କରନ୍ତି ନାହିଁ। ତେଣୁ ଭଲ ତୋଷାମଦ କରିପାରୁଥିବାରୁ ଏମାନେ ମାଲିକମାନଙ୍କର ପ୍ରିୟଭାଜନ ହେଇଥାନ୍ତି। ଏମାନଙ୍କୁ ମାଲିକ ଅଇଁଠା ରୁଟି ଖଣ୍ଡେ ଫିଙ୍ଗିଦେଲେ ବି ସେମାନେ ପରମ ଆନନ୍ଦରେ ତାକୁ ମହାପ୍ରସାଦ ତୁଲ୍ୟ ମଣିଗ୍ରହଣ କରିଥାନ୍ତି। ସେମାନେ ଏତାଦୃଶ୍ୟ କାର୍ଯ୍ୟରେ ଲଜ୍ଜା ଅନୁଭବ ତ କରନ୍ତି ନାହିଁ, ଅପରପକ୍ଷରେ ସେମାନେ ଅଳ୍ପରେ ସନ୍ତୁଷ୍ଟ ହେଉ ଥିବାରୁ ବିଶେଷ ବାଛବିଚାର ମଧ୍ୟ କରନ୍ତି ନାହିଁ। ଯେନତେନ ପ୍ରକାରେ ଯାହା ଅଳ୍ପସ୍ୱଳ୍ପ ମିଳେ ତାକୁ ଗ୍ରହଣ କରିନିଅନ୍ତି। ତେଣୁ ସେମାନେ ପ୍ରଥମ ପସନ୍ଦ ହେବେ ନାହିଁ କେମିତି?

ଏମାନେ ମାଲିକଙ୍କୁ ଯେମିତି ସନ୍ତୁଷ୍ଟି ଦେଇପାରନ୍ତି ନିଜେ ମଧ୍ୟ ସେମିତି ନିଜ କାମରେ ସନ୍ତୁଷ୍ଟ ଥାଆନ୍ତି। ଅଫିସ ବା ଦପ୍ତରରେ ଏମାନଙ୍କଠାରୁ କେହି ବେଶି ଆଶା ରଖି ନ ଥାନ୍ତି। ତେଣୁ ଅଳ୍ପ କାମ କରି ବା ଆଦୌ କାମ ନ କରି ଏମାନେ ଖସିଯାଇପାରନ୍ତି ଓ ସେଇ ସମୟରେ ଅଫିସରଙ୍କ ଘର ପାଇଁ ପରିବାପତ୍ର, ମାଛମାଂସ, ସଉଦା କିଣିପାରନ୍ତି। ସିନେମା ଟିକେଟ ଆଣି ମାଡାମଙ୍କୁ ସନ୍ତୁଷ୍ଟ କରିପାରନ୍ତି। ମନ୍ତ୍ରୀ ବା ବିଧାୟକଙ୍କ ଦ୍ୱାରପାଳ ଓ ବୋଲକରା ରୋଲ କରିପାରନ୍ତି। ଜାଣିବା ଶୁଣିବା ଓ ଆତ୍ମସମ୍ମାନ ଯୁକ୍ତ କର୍ମଚାରୀଟିଏ କ'ଣ ଏକଥା କରିପାରନ୍ତା ? ସେ ନିଜ ସମ୍ମାନ ପାଇଁ ଅକ୍ଲାନ୍ତ ପରିଶ୍ରମ କରେ। କାଳେ କାମ ନ କରିପାରିଲେ ତାକୁ ଅନ୍ୟଥା ଶୁଣିବାକୁ ପଡିବ ସେଇ ଭୟରେ ସେ ମରିପଡ଼ି କରେ। ମାତ୍ର ଭକୁଆଟିଏଠାରୁ କେହି ସେ ଆଶା ରଖନ୍ତି ନାହିଁ। ସେ ତାଳିମାରି,



ଅଇଁଠା ଚାଟି ତା'ର ସ୍ୱଳ୍ପ ଫାଇଦା ହାସଲ କରିଚାଲେ।

ସରକାରୀ ଦପ୍ତରମାନଙ୍କରେ ଏଭଳି ଅନେକ ମଜାଦାର ଉଦାହରଣ ଅଛି। ଆମେ ଯେତେବେଳେ ନୂଆ ଚାକିରିରେ ଯୋଗଦେଇଥିଲୁ ଫୁଲ ଶାର୍ଟକୁ ପ୍ୟାଣ୍ଟ ଭିତରେ ଇନ୍ କରି ପିନ୍ଧି ଅଫିସ ଯାଉଥିଲୁ। ଆମ ଅଫିସର ସର୍ବୋଚ୍ଚ ପରିଦର୍ଶନକାରୀ ଅଧିକାରୀ ଦିନେ ଆସିବାର ଥାଏ। ଜଣେ ପୁରୁଣା ଅଫିସର ଆମକୁ କହିଲେ କାଲି ଆଉ ଇନ୍ କରି ଆସିବ ନାହିଁ। ହାଫ ଶାର୍ଟ ପିନ୍ଧି ତାକୁ ଇନ୍ ନ କରି ଖୋଲା ଛାଡି ଆସିବ। ନ ହେଲେ ବାଙ୍ଗ ନବ। ସତକୁ ସତ ଆମେ ଦେଖିଲୁ ଯିଏ ବେଶି ଚିକଣଚାକଣ ହୋଇ ଅଫିସ ଆସିଥିଲେ ସବୁ କିଛି ନା କିଛି ଛୋଟ କାରଣରେ ଗାଳି ଶୁଣିଲେ। ତା'ର କିଛିଦିନ ପରେ ଶୀତଦିନ ଆସିଗଲା। ମୁଁ ବାହାଘର ପାଇଁ ଛୁଟିରେ ଯାଇଥିଲି। ଫେରିଲା ବେଳକୁ ରିସେପ୍ସନ ଦିନ ପିନ୍ଧିଥିବା କୋଟ ପିନ୍ଧି ମୁଁ ଅଫିସ ଯାଇଥାଏ। ଦୁର୍ଭାଗ୍ୟକୁ ସେ ମହାଶୟ ସେଦିନ ଅତର୍କିତ ପରିଦର୍ଶନରେ ଆସିଲେ। ମତେ କୋଟ ପିନ୍ଧିଥିବାର ଦେଖି ସେ ଅତିଷ୍ଠ ହୋଇପଡିଲେ ଓ କ'ଣ ନାନା ପ୍ରକାର ପ୍ରଶ୍ନ ପଚାରିଲେ। ମୁଁ ନୂଆ ଯୋଗଦେଇଥାଏ କାର୍ଯ୍ୟରେ। କିଛି ପ୍ରଶ୍ନର ଉତ୍ତର ମୁଁ ଦେଇପାରିଲି ନାହିଁ। ଅଗତ୍ୟା ମତେ କୋରାପୁଟର କାଶୀପୁର ଯିବାକୁ ପଡିଲା। କାଶୀପୁର ବଡ ଦୁର୍ଗମ ଅଞ୍ଚଳ ଥିଲା। କେହି ସେଠିକି ଯିବାକୁ ରାଜି ହୁଅନ୍ତି ନାହିଁ। ମୋର ଏ ଦୁରବସ୍ଥା ଦେଖି ସେ ପୁରୁଣା ଅଫିସର ଜଣକ କହିଲେ, ତମକୁ ମନା କରିଥିଲି ପରା ଫୁଲ୍ ଶାର୍ଟ ପିନ୍ଧିବନି ବୋଲି, ତମେ ଏକାଥରେ କୋଟ ପିନ୍ଧି ସାଏବଙ୍କ ଆଗକୁ ଚାଲିଗଲ ? ଏବେ ଆଉ କିଛି କରିହେବନି। ଯାଅ ସେଠି ଚାରି ଛଅ ମାସ ରୁହ ତା' ପରେ ଯାଇ ଦେଖିବା। ସେଦିନ ମୁଁ ମୋ ପ୍ରଶାସନିକ ଜୀବନର ପ୍ରଥମ ପାଠ ଶିଖିଲି : ନିଜ ବସ୍‌ଠାରୁ କେବେ ଅଧିକ ସ୍ମାର୍ଟ ହେବାକୁ ଚେଷ୍ଟା କରିବା ନାହିଁ। ସବୁବେଳେ ତାଙ୍କ ଆଗରେ ଭକୁଆ ଭଳି ରୋଲ କରିବ।

ତେଣୁ ଭକୁଆ ହେବାରେ ବହୁତ ଉପାଦେୟତା ରହିଛି ଏକଥାକୁ ଅସ୍ୱୀକାର କରିହେବନାହିଁ। ପ୍ରତ୍ୟେକ ମାଲିକ ଚାହେଁ ତା' ଚାକରଟି ଭକୁଆ ହେଉ, ଯିଏ ଗାଳିମନ୍ଦ ଶୁଣିଲେ ମଧ୍ୟ ପଡିରହିବ, କୁଆଡେ ଛାଡି ଚାଲିଯିବ ନାହିଁ। ସେମିତି ଡ୍ରାଇଭରଟି ବେଶି ସ୍ମାର୍ଟ ନ ହେଉ ବୋଲି ମାଲିକ ଚାହେଁ ନ ହେଲେ ସେ ପ୍ରଘଟ କରିଦେବ ମାଲିକ କୁଆଡେ ଯାଆନ୍ତି, କ'ଣ କରନ୍ତି। ନିଜ ବ୍ୟକ୍ତିଗତ ସହାୟକଟି ମଧ୍ୟ ନିର୍ମାୟା ଲୋକଟିଏ ହେଇଥାଉ ବୋଲି ଉଚ୍ଚ ପଦାଧିକାରୀମାନେ ଚାହାନ୍ତି। ସବୁ ସ୍ୱାମୀ ଚାହାନ୍ତି ସ୍ତ୍ରୀଟି ଶାନ୍ତ ସରଳ ହେଇଥାଉ ସ୍ୱାମୀର କୌଣସି କାମରେ ପ୍ରତିବାଦ କରୁ ନ ଥାଉ। ସ୍ତ୍ରୀ ସେମିତି ଚାହେଁ ସ୍ୱାମୀଟି ତା'ର ଏକାନ୍ତ ଅନୁଗତ, ବିଶ୍ୱସ୍ତ, କାନିରେ ବନ୍ଧା ଚାବିନେନ୍ଥା ହେଇଥାଉ। ଉପର ଅଫିସର ଚାହେଁ ଅଧସ୍ତନ କର୍ମଚାରୀଟି ହାଁ ଜୀ ହାଁ ଜୀ କରିବାର ଯୋଗ୍ୟତା ରଖୁଥାଉ। ତାଙ୍କର ବଚସ୍କର ହେଇରହୁ। ଏସବୁ କାମ ଓ କୋଉ ବିବେକ ଓ ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି କରିବ ନାହିଁ। ତେଣୁ ଏଥିପାଇଁ ସର୍ବାଗ୍ରେ ଲୋଡ଼ାପଡ଼ନ୍ତି ଭକୁଆ ଲୋକ।

ଫୋନ: ୯୪୩୭୨୮୬୫୧୨

# ଅଦମ୍ୟ ଅସ୍ମିତା



ଦେବେନ୍ଦ୍ର ନାଥ ରାଉତ

ଗତ ଏପ୍ରିଲରେ ଅସ୍ମିତା ପକ୍ଷ ଖୁବ୍ ଧୁମଧାମରେ ପାଳନ କରାଯାଇଥିଲା। ଏମିତି ଏକ ସମୟରେ ମୁଁ ଏକ କର୍ମଶାଳାରେ ଓଡ଼ିଶାରେ ଥାଏ। କଲେଜର ପିଲାମାନେ ଖୁବ୍ ଉତ୍ସାହର ସହିତ ପାଳନ କରୁଥାନ୍ତି ଏହି ସମାରୋହ। ଏଥିରେ ଭାଗନେଇ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କଲାବେଳେ ସେମାନଙ୍କ କଥାରୁ ହୃଦୟଙ୍ଗମ କଲି ଯେ ଓଡ଼ିଆ ଅସ୍ମିତା ଏବେ ବିପଦରେ ପଡ଼ିଯାଇଛି। ପ୍ରାୟତଃ ଅଧିକାଂଶ ବକ୍ତା ଓ ଛାତ୍ରୀଛାତ୍ର ଯେପରି କୌଣସି ଏକ ବାହ୍ୟ ଶତ୍ରୁକୁ ଓଡ଼ିଆ ଅସ୍ମିତାର ଅବକ୍ଷୟ ପାଇଁ ଦାୟୀ କରୁଥିଲେ। ସମସ୍ତେ ଏକ ସ୍ୱରରେ ସ୍ୱୀକାର କରୁଥିଲେ ଯେ ଓଡ଼ିଆ ଅସ୍ମିତା ବିପଦରେ। ଏମିତି ଏକ ମାନସିକତା ବା ଧାରଣା ମତେ ଭାରକ୍ରାନ୍ତ କରିଦେଇଥିଲା। ଆମ ଐତିହ୍ୟ, ପରମ୍ପରା ଓ ସଂସ୍କାର କ'ଣ ଏତେ ଦୁର୍ବଳ? ଓଡ଼ିଆ ଅସ୍ମିତା ବଜାରର ପଣ୍ୟଦ୍ରବ୍ୟ ନୁହେଁ ଯେ, ଯେକେହି ଆସି ଏହାର ମୂଳଚାଲ କରିବ। ସିଏ ସମ୍ରାଟ ଅଶୋକ ହୁଅନ୍ତୁ, କଳାପାହାଡ଼ ହେଉ, ମୋଗଲ, ମରହଟ୍ଟା, ଇଂରେଜ ବା ଅନ୍ୟ କେହି ବି ଏ ଅଦମ୍ୟ ଜାତିର ଅସ୍ମିତାକୁ ବିଲୁପ୍ତ କରିବାରେ ସମର୍ଥ ହୋଇନାହାନ୍ତି। ଉତ୍କଳୀୟ ବୀରତ୍ୱର କାହାଣୀ ଏବେ ବି ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଧଉଳି ପାହାଡ଼ ଉତ୍କଳୀୟଙ୍କ ସମର୍ପିତ ତ୍ୟାଗ ଓ ବଳୀଦାନର କାହାଣୀକୁ ନିଜ ବକ୍ଷରେ ଧାରଣକରି ମୂକସାକ୍ଷୀ ହୋଇରହିଛି। ଏହାର ସଂସ୍କୃତି ଅନନ୍ୟ ଓ ଅପରିକଳ୍ପନୀୟ। ନିଜ ଜାତିର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ଓଡ଼ିଆ ବୀର କଳିଙ୍ଗ ଯୁଦ୍ଧରେ ନିଜର ଆତ୍ମାହୁତି ଦେଇଥିଲେ ମଧ୍ୟ ଶତ୍ରୁ ନିକଟରେ ମଥାନତ କରି ନ ଥିଲେ ବରଂ ରକ୍ତପିପାସୁ ମଗଧ ସମ୍ରାଟ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଦେଇଥିଲେ। ଆମ ସ୍ୱାଭିମାନର ଉତ୍ସ ଏତେ ସଶକ୍ତ ଥିଲା ଯେ ଦୟାନଦୀର ଜଳ ଉତ୍କଳୀୟଙ୍କ ରକ୍ତରେ ଲାଲ ହେବା ପରେ ମଧ୍ୟ ଆମ ପୂର୍ବଜଙ୍କ ମନରେ ତିଳେ ହେଲେ ମୃତ୍ୟୁର ଭୟ ସଞ୍ଚାର ହୋଇ ନ ଥିଲା। ଉତ୍କଳମାତାର ଗୌରବକୁ ସ୍ୱୟଂ ସମ୍ରାଟ ଅଶୋକ ନିଜ ଦ୍ୱାରା ବର୍ଣ୍ଣନା କରି ନିଜକୁ ମହାନ୍ କରିବାର ପ୍ରୟାସରେ ସଫଳ ହୋଇଗଲେ। ପିଢ଼ି ପିଢ଼ି ଧରି ଅପରାଜେୟ ଉତ୍କଳକୁ ଶାରୀରିକ ଶକ୍ତି ଦ୍ୱାରା ପରାଜୟ କରିବା ପରେ ମଧ୍ୟ ଅପରାଜେୟ ଥିଲା ଉତ୍କଳୀୟ ସ୍ୱାଭିମାନ, ପରମ୍ପରା, ଅସ୍ମିତା ଓ ଏକତା। ତେଣୁ ଅଶୋକ କରିଥିଲେ ଶାନ୍ତିର ଚକ୍ରବ୍ୟୂହ। ଯେଉଁ ଚକ୍ରବ୍ୟୂହ ମଧ୍ୟରେ ଆମେ ଏବେ ବନ୍ଦୀ। ଏବେ ବି ଆମେ ଜାଣିପାରୁନେ ବା ଜାଣିବାର ପ୍ରୟାସ କରିବା ଆବଶ୍ୟକ ବୋଲି ମନେ କରୁନେ ଯେ, ସେ ସମୟରେ ଉତ୍କଳର ଶାସନ ବ୍ୟବସ୍ଥା କ'ଣ ଥିଲା ? କିଏ ଥିଲେ ସେ ସମୟର ପ୍ରଭାବଶାଳୀ ବ୍ୟକ୍ତି, ଯାହାଙ୍କ ପ୍ରଭାବରେ ଘର କୋଣର ଗୃହିଣୀଟି ରଣକ୍ଷେତ୍ରକୁ ଧାଇଁ ଆସୁଥିଲା ରଣଚଣ୍ଡୀର ରୂପନେଇ। କ'ଣ ଥିଲା ଆମ ଏହି ଅବିଶ୍ୱସନୀୟ ଅସ୍ମିତାର ଗୂଢ଼ ରହସ୍ୟ, ଯାହା ରୋଷେଇ ଶାଳର ଚଟୁ ଧରୁଥିବା କୋମଳ ହାତରେ ରକ୍ତ ପିପାସୁ ଖଣ୍ଡା ଧରିବାକୁ ସାମର୍ଥ୍ୟ ପ୍ରଦାନ କରିଥିଲା।

ଅଦମ୍ୟ ଓଡ଼ିଆ ଅସ୍ମିତାର ଅନ୍ୟ ଏକ ବିରଳ ଉଦାହରଣ, ୧୮୬୬ର ଲୋମହର୍ଷଣକାରୀ ଦୁର୍ଭିକ୍ଷ କାଳରେ କଙ୍କାଳସାର ଉପତ୍ୟକାରେ ହା–ଅନ୍ନ ହା–




ଅନ୍ନ ଚିତ୍କାର ମଧ୍ୟରେ ଯେତିକି ଏ ଜାତି ଅନ୍ନ ଚିନ୍ତାରେ ଥିଲା, ସମ ପରିମାଣରେ ବ୍ୟଥିତ ହେଉଥିଲା ପରିଚୟ ହରାଇବାର ଚିନ୍ତାରେ। 'ଓଡ଼ିଆ ଏକ ଭାଷା ନଏ' ଥିଲା ଏକ ନିଦ୍ରାଗ୍ରସ୍ତ ଜାତିକୁ ଜାଗ୍ରତ କରିବା ପାଇଁ ବଜ୍ର ଧ୍ୱନି। କ୍ଷୁଧାର ଜ୍ୱାଳାକୁ ସହ୍ୟ କରିବାର ଶକ୍ତି ନିଜ ମଧ୍ୟରେ ସମାହିତ କରି ଜାତିର ସ୍ୱତନ୍ତ୍ରତା ପାଇଁ ପ୍ରତ୍ୟେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ସୂତ୍ରରେ ବାନ୍ଧି ସ୍ୱତନ୍ତ୍ର ଭାବରେ ଆତ୍ମପ୍ରକାଶ କରିବାର ଆହ୍ୱାନ ଦେଇଥିଲେ କେତେଜଣ ପ୍ରଚଣ୍ଡ ସ୍ୱାଭିମାନୀ ଓଡ଼ିଆ। ଏହି ଆହ୍ୱାନର ଆଲୋଡ଼ନ ଓ ସଂଘାତ ମେଦିନାପୁରରୁ ରଙ୍ଗେଇଲୁଣ୍ଡା, ସମ୍ବଲପୁରରୁ ସିଂହଭୂମ ପର୍ଯ୍ୟନ୍ତ ଚାରିଆଡ଼େ ସଞ୍ଚରିଯାଇଥିଲା ବୈଦ୍ୟୁତିକ ତରଙ୍ଗ ଭଳି। ଫଳଶ୍ରୁତି, ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ହେଲା ଭାଷାଭିତ୍ତିରେ ଦେଶର ପ୍ରଥମ ରାଜ୍ୟ।

ଏ ଜାତି ନିୟତିର ତାଡ଼ନାରେ ନିଜର ସତ୍ତା ହରାଇବାର ଜାତି ନୁହେଁ ବରଂ ପ୍ରତ୍ୟେକ ଅଗ୍ନି ପରୀକ୍ଷାରେ ଆହୁରି ଉଜ୍ଜ୍ୱଳ ହୋଇ ନିଜର ଅସ୍ତିତ୍ୱକୁ ମଜଭୁତ କରିଛି। ଉତ୍କଳ ଗୌରବଙ୍କ ନେତୃତ୍ୱରେ ଆମର ପରିଚୟ ଆମେ ପାଇ ସାରିଛେ କିନ୍ତୁ ସେହି ଅଦମ୍ୟ ଜାତି କିଛି ଦିନ ପାଇଁ ନିଜକୁ ଖୋଜିବାରେ ଅସମର୍ଥ ହୋଇନି ତ ? ନିଜର ଅସ୍ମିତାଠାରୁ ଦୂରେଇ ଯାଇନି ତ? ଏକ ଅପରାଜେୟ ଜାତି ବର୍ତ୍ତମାନ ପରାଜୟର ଭୟରେ ଭୟଭୀତ ନୁହେଁ ତ? ପରାକ୍ରମୀ ପୂର୍ବଜଙ୍କ ଆମେ ଯୋଗ୍ୟ ଉତ୍ତର ଦାୟାଦ ତ ? ଏମିତି ଅନେକ ପ୍ରଶ୍ନ ! ସର୍ବଦା ଆମ ସମ୍ମୁଖରେ ଆମ ଅନିଚ୍ଛା ସତ୍ତ୍ୱେ ଉପସ୍ଥାପିତ ହୋଇଥାଏ। ଆମ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ କେତେ ଦୂରତା ? ଏ ସବୁ ଜାଣିବା ପାଇଁ ଯୁବ ପିଢିକୁ ମନଖୋଲି କହିବାକୁ ହେବ ଓ ଧୈର୍ଯ୍ୟର ସହିତ ଅନ୍ୟକୁ ଶୁଣିବାକୁ ହେବ। ବିଶ୍ୱର ପ୍ରତ୍ୟେକ କୋଣରେ ରହୁଥିବା ଓଡ଼ିଆ ଯୁବ ଧ୍ୱଜାଧାରକ ଓଡ଼ିଆ ଅସ୍ମିତା କ'ଣ ବୁଝିବାକୁ ହେବ! ଓଡ଼ିଶୀ, ସମ୍ବଲପୁରୀ, ଛଉ ବା ଅନ୍ୟ ମନବିମୋହିତ କରିବାର କଳା ଓ ସଙ୍ଗୀତ ମଧ୍ୟରେ କେବଳ ଓଡ଼ିଆ ଅସ୍ମିତା ସୀମିତ ନୁହେଁ। ଧର୍ମପଦଙ୍କ ଆଜନ୍ମ ପ୍ରଜ୍ଞା, ବାଜି ରାଉତଙ୍କ ଇଂରେଜ ନିର୍ଦ୍ଦେଶକୁ ଅବଜ୍ଞା, ବାଇମୁଣ୍ଡିଙ୍କ ପ୍ରଚେଷ୍ଟା, ଖାରବେଳଙ୍କ ନିଷ୍ଠା, କପିଳେନ୍ଦ୍ର ଦେବଙ୍କ ଶାସନ, ପଠାଣି ସାମନ୍ତଙ୍କ ଜ୍ଞାନ, ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ, ବକ୍ସି ଜଗବନ୍ଧୁଙ୍କ ସାହସ, ସୁରେନ୍ଦ୍ର ସାଏଙ୍କ ଆତ୍ମବିଶ୍ୱାସ, ଚାଷୀ ଭାଇର ପ୍ରୟାସ, ଆଦିବାସୀଙ୍କ ବିଶ୍ୱାସ ଆଦିରେ ରହିଛି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ଅସରନ୍ତି ଭଣ୍ଡାର। ଏହି ଚିର ପ୍ରବହମାନ ଓଡ଼ିଆ ଅସ୍ମିତାର ଧାରାକୁ ଉତ୍ତର ପିଢ଼ି କେବଳ ଦର୍ଶନ, ଶ୍ରବଣ ବା ବିଶ୍ଳେଷଣରେ ସୀମିତ ନ ରଖି ନିଜ ଜୀବନରେ ପ୍ରତିଫଳନ କରିବାକୁ ପ୍ରୟାସ କରିବା ଆବଶ୍ୟକ। କ୍ରମବର୍ଦ୍ଧିଷ୍ଣୁ ଦାଦନ ସମସ୍ୟା, ଅବହେଳିତ କୃଷି କ୍ଷେତ୍ର, ଅଣଦେଖା ପରମ୍ପରାଗତ ବୃତ୍ତି ଓ ସ୍ଥାପତ୍ୟ, ଅସହାୟ ଲୋକକଳା ଓ ସଂସ୍କୃତି, ବିଲୁପ୍ତ ପ୍ରାୟ ପଲ୍ଲୀ ଅର୍ଥନୀତି, ମାତୃଭାଷାଠୁ ଦୂରେଇବାର ପ୍ରବୃତ୍ତି ସହିତ ଭ୍ରମିତ ଯୁବଶକ୍ତିକୁ ଅନୁଧ୍ୟାନ କଲେ ନିଶ୍ଚୟ ମନରେ ଭୟ ସୃଷ୍ଟି ହେଉଛି ଆମ ଅସ୍ମିତାର ସୁରକ୍ଷା ଆମ ଉତ୍ତର ପିଢ଼ି କରିବାରେ ସମର୍ଥ ତ ? ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଯୁବ ପିଢ଼ି ଦାଦନ ପାଇଁ ନିଜକୁ ପ୍ରସ୍ତୁତ କରିବା ପୂର୍ବରୁ ନିଜର ସବୁଜ କ୍ଷେତକୁ ଥରେ ନିରେଖି ଦେଖିବାକୁ ହେବ। ଇଂଲିଶମୁହାଁ ହେବା ପୂର୍ବରୁ ନିଜ ମାତୃଭାଷାକୁ ଥରେ ଭଲଭାବେ ପଢ଼ିବାକୁ ହେବ। ସହରର ଚାକଚକ୍ୟ ଭିତରେ ହଜିବା ପୂର୍ବରୁ ନିଜ ଗାଁ ମାଟିର ଡାକକୁ ଥରେ ବୁଝିବାକୁ ହେବ।

ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦

## ଏଇ ଭାରତରେ

ମରୁଡ଼ିପ୍ରବଣ ଅଞ୍ଚଳରେ ପାଣିର ବିକଳ୍ପ ବ୍ୟବସ୍ଥା କରି ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରି ଏକ ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହା ସହ ସେମାନେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରୁଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ଜିଲାର କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। କିନ୍ତୁ ଏବେ ସେସବୁ ଜଳପୂର୍ଣ୍ଣ। ଏହି ଦମ୍ପତିଙ୍କ ପ୍ରଚେଷ୍ଟାରେ ଏବେ ସୁଦ୍ଧା ୧୧ଟି ପୁଷ୍କରିଣୀରେ ପର୍ଯ୍ୟାପ୍ତ ଜଳ ଗଚ୍ଛିତ ରଖିସାରିଲେଣି। 'ଅନନ୍ତ ନିରୁ ସଂରକ୍ଷଣମ୍' ପ୍ରୋଜେକ୍ଟ ମାଧ୍ୟମରେ କରାଯାଉଛି। ଏହି ଦମ୍ପତି ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଏହି କାର୍ଯ୍ୟରେ ସାମିଲ କରିଛନ୍ତି। ବନ ବିଭାଗ ମଧ୍ୟ ସହାୟତାର ହାତ ବଢ଼ାଇଛି। ପୋଖରୀଗୁଡ଼ିକରେ ପାଣି ଭରି ରହିବା ଯୋଗୁ ପୂର୍ବରୁ ଜଳାଭାବରୁ କୃଷିକାର୍ଯ୍ୟ ଛାଡ଼ି ବାହାରକୁ ଚାଲିଯାଇଥିବା ଲୋକେ ଏବେ ଗାଁକୁ ଫେରି ଆସୁଛନ୍ତି। ବିନୀତ ଓ ରୂପକ ମଧ୍ୟ ବିଭିନ୍ନ ଗାଁରେ ନୂଆ ପୋଖରୀ ଖୋଳଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଅଗଷ୍ଟ ୧୯୭୬

- ଦକ୍ଷିଣ ଆଫ୍ରିକାର ବର୍ଣ୍ଣବିଦ୍ୱେଷୀ ସରକାର ମହାତ୍ମାଗାନ୍ଧୀଙ୍କର ୫ଜଣ ଅଣନାତିଙ୍କୁ ଦକ୍ଷିଣ ଆଫ୍ରିକା ଭ୍ରମଣ ପାଇଁ ଅନୁମତିପତ୍ର ଦେବାକୁ ମନା କରିଦେଇଛନ୍ତି।
- କେନ୍ଦ୍ର ହିନ୍ଦୀ ନିର୍ଦ୍ଦେଶାଳୟ ପକ୍ଷରୁ ହିନ୍ଦୀ ଇଂରାଜୀ ଏବଂ ଇଂରାଜୀ ହିନ୍ଦୀରେ ଶବ୍ଦକୋଷ ପ୍ରକାଶ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।
- ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କ ଗୃହନିର୍ମାଣ ପାଇଁ ରାଜ୍ୟ ସରକାର ଶ୍ରମ ନିଯୁକ୍ତି ଗୃହନିର୍ମାଣ ବିଭାଗକୁ ଅତିରିକ୍ତ ୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ
ସ୍ୱଦେଶେ ବିଦେଶେ କ୍ଷଣେ କ୍ଷଣେ ଆସେ
ତା'ରି ଶୁଭ ନିମନ୍ତ୍ରଣ ।
ପକ୍ୱ କେଶେ ମୋ କରେ ସେ ସରାଗ
ଗଳିତ ଅଙ୍ଗେ ବୋଳଇ ପରାଗ
ଦଶନବିହୀନ ବଦନେ ମୋହର
ଲେଖଇ ମଧୁ ଚୁମ୍ବନ
ସେ ପ୍ରେୟସୀ ମୋର ଚିର ଯୌବନ
ନବୀନ ସେ ଚିରନ୍ତନ ।

–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | 3 | 1 |
| | | 8 | 6 | | | 5 | | |
| | | | | | 9 | | | 7 |
| | 2 | | 5 | | 3 | | | |
| 5 | | 1 | | | | 2 | 4 | |
| 9 | | | 7 | | | | | |
| | | | 3 | | | 7 | 6 | |
| | 1 | | | | | 4 | | |
| | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 3 | 7 | 1 | 5 | 4 | 9 |
| 1 | 9 | 3 | 5 | 4 | 6 | 2 | 7 | 8 |
| 7 | 5 | 4 | 8 | 9 | 2 | 1 | 3 | 6 |
| 3 | 7 | 5 | 1 | 6 | 8 | 9 | 2 | 4 |
| 6 | 1 | 9 | 7 | 2 | 4 | 3 | 8 | 5 |
| 4 | 8 | 2 | 9 | 5 | 3 | 7 | 6 | 1 |
| 5 | 4 | 1 | 6 | 3 | 7 | 8 | 9 | 2 |
| 8 | 2 | 7 | 4 | 1 | 9 | 6 | 5 | 3 |
| 9 | 3 | 6 | 2 | 8 | 5 | 4 | 1 | 7 |

ପୂର୍ବ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରାତନ ତୀର୍ଥସ୍ଥଳର ସୁରକ୍ଷା ହେଉ

ମହାଶୟ,

ରାଜ୍ୟ ତଥା ଦେଶର ବହୁ ପୁରାତନ ମନ୍ଦିର ଉପରେ ବିଭିନ୍ନ ଗୁଳ୍ମଲତା, ବୃକ୍ଷରାଜି ମାଡ଼ିଗଲାଣି। ଅନେକ ମନ୍ଦିର ମଧ୍ୟ ଭାଙ୍ଗିରୁଜି ଗଲାଣି। ବିଭିନ୍ନ ସ୍ଥାନରେ ଥିବା ମଠମନ୍ଦିରରେ ସୌନ୍ଦର୍ଯ୍ୟମୟ ସୂକ୍ଷ୍ମ କାରୁକାର୍ଯ୍ୟ ରକ୍ଷଣାବେକ୍ଷଣ ଓ ଦାୟିତ୍ୱହୀନତାରୁ ନଷ୍ଟ ହେବାରେ ଲାଗିଛି। ଏସବୁ ମଠମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ? ପୁରାତନ ତୀର୍ଥସ୍ଥଳ, ଧାର୍ମିକପୀଠ, ମନ୍ଦିରର ସୁରକ୍ଷା ପାଇଁ ପ୍ରଶାସନ ଓ ଜନସାଧାରଣ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ। ଏହି ବିଷୟକୁ ହେୟ ମନେକଲେ, ଆଗାମୀ ପିଢ଼ି କହିବେ, ରାଜ୍ୟ ତଥା ଦେଶରେ କ'ଣ ମଣିଷ ଅଭାବ ଥିଲେ ? ଏଣୁ ପ୍ରଶାସନ, ବୁଦ୍ଧିଜୀବୀ ଜ୍ଞାନୀ ଗୁଣୀ ବ୍ୟକ୍ତିବିଶେଷ ଏ ଦିଗରେ ବିଶେଷ ଧ୍ୟାନ ଦିଅନ୍ତୁ।

– ଆଦିକନ୍ଦ ସାହୁ, ଆଳି ବ୍ଲକ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛତୁଆ ଉତ୍ପାଦନ, ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୮(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍‌-ହୋମ୍‌-ରାଶନ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଏବଂ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ଯୋଜନାରେ ମୋଟ ୪୩,୯୨,୭୦୦ ହିତାଧିକାରୀଙ୍କୁ ବିଭିନ୍ନ ପୁଷ୍ଟି ଯୋଜନା ଅଧୀନରେ ଟେକ୍‌-ହୋମ୍‌-ରାଶନରେ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ଦିଆଯାଉଛି। ରାଜ୍ୟର ୫୪୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଛତୁଆ ଉତ୍ପାଦନ କରାଯାଇ ସେଗୁଡ଼ିକର ବଣ୍ଟନ କରାଯାଉଛି। ଅପପୁଷ୍ଟି ରୋକିବା ପାଇଁ ପରିପୂରକ ପୁଷ୍ଟି ଯୋଜନା (ଏସ୍‌ଏନ୍‌ପି), କିଶୋରୀ ବାଳିକାଙ୍କ ପୁଷ୍ଟି ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଆଦି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଛତୁଆର ପ୍ରସ୍ତୁତିଠାରୁ ଆରମ୍ଭକରି ପ୍ୟାକେଜିଂ, ବଣ୍ଟନ ପର୍ଯ୍ୟନ୍ତ ପୂରା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଶିଶୁ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ରାଜ୍ୟର ବିକାଶ ପାଇଁ ସବୁଠାରୁ ଅଧିକ ଜରୁରୀ। ଏଥିରେ କୌଣସି ପରିସ୍ଥିତିରେ ଅଣଦେଖା କରିହେବ ନାହିଁ। ତେଣୁ ଏହି ବ୍ୟବସ୍ଥାର ପ୍ରତ୍ୟେକସ୍ତରରେ ଉତ୍ତମ ତଦାରଖ ଓ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି। ବୈଠକରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ଯେପରି ମୁକାବିଲା କରିପାରିବେ ତଥା ବିଭିନ୍ନ ପରିସ୍ଥିତିରେ ସେମାନଙ୍କ ମନୋବଳ ଯେପରି ଦୃଢ଼ ରହିବ ସେଥିପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯେଉଁସବୁ ଜାଗାରେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ସେଠାରେ ନିଜସ୍ୱ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକସ୍ଥଳେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଜମି କିଣିବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯିବ। ଓମ୍ୱାଡିସ୍ ଓ ଡିଏମ୍‌ଏଫ୍ ଜିଲାଗୁଡ଼ିକରେ ଶତ ପ୍ରତିଶତ ଅଙ୍ଗନୱାଡ଼ିର ନିଜସ୍ୱ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ହେଲେ ଏଥିପାଇଁ ଏହି ଦୁଇ ପାଣ୍ଠିରୁ ଅର୍ଥ ଯୋଗାଯିବ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ପିଲାମାନଙ୍କ ପୁଷ୍ଟିସାଧନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ କହିଛନ୍ତି। ପଢ଼ା ପୁଷ୍ଟି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇପାରୁ ନ ଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଘରେ ଠିକ୍ ସମୟରେ ଖାଦ୍ୟ ଯୋଗାଇଦିଆଯିବ। ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ଓ ଜୋତା ଯୋଗାଣରେ ରାଜ୍ୟର କ୍ଷୁଦ୍ରଶିଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି।

# ଆରପାରିରେ କଟକ ପ୍ରସିଦ୍ଧ ଦହିବରା ବ୍ୟବସାୟୀ ରଘୁ

କଟକ,୧୬।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦହିବରାକୁ ପ୍ରସିଦ୍ଧ କରିଥିବା ଦହିବରା ବ୍ୟବସାୟୀ ରଘୁନାଥ ସାସମଲ(ରଘୁ)ଙ୍କ ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିବାବେଳେ ଶନିବାର ସକାଳ ୯ଟା ୪୫ ମିନିଟ୍‌ରେ ବିଡାନାସୀ ଗୋପାଳସାହିସ୍ଥିତ ବାସଭବନରେ ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ସ୍ତ୍ରୀ ନିଶାରାଣୀ ସାସମଲ(୮୫), ପୁତୁରା କେଦାରନାଥ ସାସମଲ, ଦୁଇପୁଅ ଲିଙ୍ଗରାଜ ସାସମଲ ଓ ବନମାଳୀ ସାସମଲ, ଦୁଇ ଝିଅ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ବିଡାନାସୀ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡପୁଅ ଲିଙ୍ଗରାଜ ମୁଖାଗ୍ନି ଦେଇଥିବା ପୁତୁରା କେଦାରନାଥ ସାସମଲ ସୂଚନା ଦେଇଛନ୍ତି। ମୃତ୍ୟୁ ଖବର ପାଇ କଟକ ମେୟର ସୁବାସ ଚନ୍ଦ୍ର ସିଂ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ଅଭିନେତା ତଥା ଭାଜପା ନେତା ଶ୍ରୀତମ ଦାସ ଓ କଟକ ଦହିବରା ଆଳୁଦମ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ରଘୁନାଥ ସାସମଲ

ସୂଚନା ଅନୁଯାୟୀ, ୧୯୩୪ ଜୁନ ୬ ତାରିଖ କଟକ ବିଡାନାସୀ ଗୋପାଳ ସାହିରେ ଜନ୍ମ ନେଇଥିଲେ ରଘୁନାଥ। ମାତ୍ର ୧୫ ବର୍ଷ ବୟସରେ ଦହିବରା ଆଳୁଦମ ବ୍ୟବସାୟ କରିଥିଲେ। ସହରର ବିଭିନ୍ନ ସାହିରେ ସାଇକେଲରେ ଯାଇ ଦହିବରା-ଆଳୁଦମ ବିକ୍ରି କରିବା ଆରମ୍ଭ କରିଥିଲେ। ପରେ ସେ ବାରବାଟୀ ଷ୍ଟାଡିୟମ ନିକଟରେ ଦହିବରା-ଆଳୁଦମ ବିକିଲେ। ସହର ବଢ଼ିବା ପରେ ୧୯୯୯ରୁ ରଘୁ ବିଡାନାସୀ ବନ୍ଧରେ ଦହିବରା-ଆଳୁଦମ ବିକ୍ରି କରି ଆସୁଛନ୍ତି। କଞ୍ଚା ଶାଳପତ୍ରରେ ଦହିବରା-ଆଳୁଦମ୍ ପରଷି ଦେଇ ଆସୁଥିଲେ। ରଘୁଙ୍କ ଦହିବରା ପ୍ଲେଟର ଦର ଅଣାଏରୁ ଆରମ୍ଭ ହୋଇ ଏବେ ୬୦ ଟଙ୍କାରେ ପହଞ୍ଚିଛି। ପ୍ରାୟ ୭୪ ବର୍ଷ ହେବ ରଘୁ ବିଡାନାସୀରେ ଦହିବରା-ଆଳୁଦମ୍ ସହ ପେଡା ବିକ୍ରି କରିଆସୁଥିଲେ। ୨୦୧୭ରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ପର୍ବରେ ଯୋଗଦେଇ ସେ ବେଶ ପ୍ରଶଂସା ସାଉଁଟି ଥିଲେ। କଟକ ଦହିବରାକୁ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଭୂମିକା ଥିଲା। ଓଡ଼ିଶା ତଥା ବାହାରେ କଟକ ଦହିବରା ଆଳୁଦମକୁ ଏକ ନୂତନ ପରିଚୟ ଦେଇଥିଲେ ରଘୁ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଘୁଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ଦହିବରା ଆଳୁଦମ୍‌କୁ ଜିଆଇ ଟ୍ୟାଗ୍ ପ୍ରଦାନ କରିବାକୁ ରଘୁ ଦାବି କରି ଆସୁଥିଲେ।

DSPL-212


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡେ଼ଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ। ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0246/2526

DSPL-213

ଆନ୍ତର୍ଜାତିକ ସମବାୟ ବର୍ଷ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୩୧ ଅଗଷ୍ଟକୁ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ମୟୂରଭଞ୍ଜ, ନବରଙ୍ଗପୁର, କେନ୍ଦ୍ରାପଡ଼ା ଓ ଦେବଗଡ଼ ଜିଲ୍ଲାର ଅଣଋଣୀ ଚାଷୀଙ୍କ ପାଇଁ ଏହି ବର୍ଦ୍ଧିତ ଅବଧି କେବଳ ଧାନ ଫସଲ ପାଇଁ ଉପଲବ୍ଧ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, **ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୩୧ ଅଗଷ୍ଟ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR-39001/13/0033/2526

**କଂଗ୍ରେସରେ ଯୋଗଦେଲେ ବିଜେଡିର ୨୦ କର୍ମୀ**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା)-କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ଓ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ନେତୃତ୍ୱରେ କାଶୀପୁର ବ୍ଲକ୍‌ ମାଜିଗୁଡା ଗ୍ରାମର ୨୦ଜଣ ବିଜେଡି କର୍ମୀ ଦଳ ଛାଡ଼ି ବିଧିବଦ୍ଧ ଭାବରେ ଶୁକ୍ରବାର କଂଗ୍ରେସରେ ଯୋଗଦେଇଛନ୍ତି। କାଶୀପୁର ବ୍ଲକର କଂଗ୍ରେସ କର୍ମୀ ବେଣୁଧର ନାଏକ ଓ ଅନିଲ ନାଏକଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଉଲ୍ଲାକା ଓ ବିଧାୟକ କାଡ୍ରାକା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ ଦଳର ନୀତି ଓ ଆଦର୍ଶ ତାଙ୍କ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ପାଇଁ ସମସ୍ତେ କଂଗ୍ରେସରେ ଯୋଗଦେଉଥିବା ଏମ୍‌ପି ଉଲ୍ଲାକା କହିଛନ୍ତି।



## ସଂକ୍ଷେପରେ

### ବିଜ୍ଞାପିତ ଅଞ୍ଚଳ ଘୋଷଣା ବିଷମକଟକରେ ଆନନ୍ଦ

ବିଷମକଟକ, ୧୬।୮ (ପ୍ରସନ୍ନ କୁମାର ପଣ୍ଡା)

ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଶନିବାର ରାଜ୍ୟର ୭ ଜିଲାର ୧୨ଟି ବିଜ୍ଞାପିତ ପରିଷଦ ଅଞ୍ଚଳ ଗଠନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ଏହି ତାଲିକାରେ ରାୟଗଡା ଜିଲାର ବିଷମକଟକ ନାମ ରହିଛି। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ବିଷମକଟକ ପ୍ରେସ କ୍ଲବ, ବଣିକ ସଂଘ, ନାଗରିକ ମଞ୍ଚ, ବିଭିନ୍ନ ରାଜନୈତିକ ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଷମକଟକକୁ ବିଜ୍ଞାପିତ ଅଞ୍ଚଳଭାବେ ଘୋଷଣା ହେବାରେ ଉଦ୍ୟମ ଜାରି ରଖିଥିବା ନାଗରିକ ମଞ୍ଚ ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ, ଦେବୀ ପଟ୍ଟନାୟକ, ଦିଲୀପ ପଟ୍ଟନାୟକ, ଶଶିଭୂଷଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ବକ୍ସି, ଏସ୍.ବାବୁରାଓ, କୃଷ୍ଣଚନ୍ଦ୍ର ସାହୁ, ଡି. ଶିବପ୍ରସାଦ,ପୃଥୁରାଜ ସାହୁ, ଚନ୍ଦ୍ରମୌଳି ପଟ୍ଟନାୟକ, ଦିଲୀପ ମହାରଣା, ରବିନ୍ଦ୍ରନାଥ ପଣ୍ଡା, ଭି.ପ୍ରଦୀପ କୁମାର, ସନ୍ତୋଷ ପଣ୍ଡାଙ୍କ ସହ ଅନ୍ୟ ସମସ୍ତ ନେତୃମଣ୍ଡଳୀ ବିଷମକଟକବାସୀଙ୍କ ପକ୍ଷରୁ ଧନ୍ୟବାଦ୍ ଜ୍ଞାପନ କରାଯାଇଛି।

### ଷୋହଳ ଖଣ୍ଡ ଗୌଡ଼ ସମାଜର ନନ୍ଦୋତ୍ସବ

ଗୁଡାରି, ୧୬।୮ (ପ୍ରମୋଦ କୁମାର ପତି)

ଗୁଡାରି ଷୋହଳ ଖଣ୍ଡ ଗୌଡ଼ ସମାଜ ପକ୍ଷରୁ ଶନିବାର ସ୍ଥାନୀୟ ନିୟାମନ ସାହି ତୁଳସୀ ଚହ୍ଲା ନିକଟରେ ନନ୍ଦ ଉତ୍ସବ ପାଳିତ ହୋଇଥିଲା। ଗୌଡ଼ ସମାଜର ମହିଳା ପୁରୁଷ ଏକାଠି ହୋଇ ହୋମଯଜ୍ଞ କରି ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜା କରିଥିଲେ। ଭଗବାନ ବାସୁଦେବଙ୍କ ଭୂମିକାରେ ଭୁଗୁନି ଗୌଡ଼ ପବିତ୍ର ବଂଶଧାରା ନଦୀରୁ ଗଙ୍ଗା ଆବାହନ କରିଥିଲେ। ମୁରଲୀ ଗୌଡ଼ ସପତ୍ନୀକ ନନ୍ଦଙ୍କ ଭୂମିକା ତୁଲାଇବା ସହ ଘୃତ ଯଜ୍ଞରେ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ୧୬ ଖଣ୍ଡ ଗୌଡ଼ ସମାଜ ସମ୍ପାଦକ ସୁବାଷ ଚନ୍ଦ୍ର ଗୌଡ଼ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିସର୍ଜନ ଶୋଭାଯାତ୍ରା ହୋଇଥିଲା।

### ମାଟି ଅତଡ଼ା ଧସି ନାବାଳକ ମୃତ

କଲ୍ୟାଣସିଂହପୁର, ୧୬।୮ (ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ କନ୍ଧ କାଟିପାଡୁ ପଞ୍ଚାୟତର ପଙ୍ଗଲି ଗାଁରେ ମାଟି ଅତଡ଼ା ଖସି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶଙ୍କର ରାଓ ହକ୍କାଙ୍କ ପୁଅ ଧରମା। ସେ ପୋଙ୍ଗଲି ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ଛାତ୍ର। ସୂଚନାନୁଯାୟୀ, ଶୁକ୍ରବାର ସ୍ୱାଧୀନତା ଦିବସ ପାଳନ ସାରି ଧରମା ୪ଜଣ ସାଙ୍ଗଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ମାଟି ଅତଡ଼ା ଖସିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଏ ନେଇ କଲ୍ୟାଣସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ ୧୦/୨୫ରେ ମାମଲା ରୁଜୁ କରିଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶନିବାର ହସ୍ତାନ୍ତର କରାଯାଇଛି। ଶନିବାର ମୃତଦେହ ସତ୍କାର କରାଯାଇଥିବା ସୂଚନା ମିଳିଛି।

### ରକ୍ତଦାନକରି ଚର୍ଚ୍ଚାରେ ଥାନା ଅଧିକାରୀ



ବିଷମକଟକ ୧୬।୮ (ପ୍ରସନ୍ନ କୁମାର ପଣ୍ଡା)

ଜଣେ ରୋଗୀକୁ ଆବଶ୍ୟକ ସମୟରେ ରକ୍ତଦାନକରି ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ଉଦାହରଣ ସୃଷ୍ଟି କରିଛନ୍ତି। ବିଷମକଟକ ଗ୍ରାମର ଜଣେ ମହିଳା ରୋଗୀ ଯସନା ହିଆଲ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଶରୀରରେ ରକ୍ତ କମି ଯାଇଥିବାରୁ 'ଏ'ପଜିଟିଭ୍ ରକ୍ତ ଆବଶ୍ୟକତା ଥିବା ଡ଼ାକ୍ତର ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲରେ 'ଏ' ପଜିଟିଭ୍ ରକ୍ତ ଖୋଜି ବୁଲୁଥିଲେ। ରକ୍ତ ନ ମିଳିବାରୁ ସେ ଚିନ୍ତା କରି ବସିଥିବା ସମୟରେ ବିଷମକଟକ ଥାନା ଅଧିକାରୀ ପାଢ଼ୀ କୌଣସି ସୂତ୍ରରୁ ଖବର ପାଇ ବିଷମକଟକ ଖ୍ରୀଷ୍ଟିଆନ ମେଡିକାଲରେ ପହଞ୍ଚି ତାଙ୍କର 'ଏ' ପଜିଟିଭ୍ ହୋଇଥିବାରୁ ସେ ମହିଳାଙ୍କୁ ରକ୍ତଦେଇ ଉଦାହରଣ ସୃଷ୍ଟି କରିଛନ୍ତି।

# 'ଏହି ମାଟିରୁ ଦିନେ ଶୁଭିଥିଲା ମୁକ୍ତିର ତୂର୍ଯ୍ୟନାଦ'




ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜିଲାପାଳ ଓ ଅନ୍ୟମାନେ।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)

ଏହି ମାଟିରୁ ଦିନେ ଶୁଭିଥିଲା ମୁକ୍ତିର ତୂର୍ଯ୍ୟନାଦ ଓ ଇଂରେଜ ବିରୋଧରେ ଆନ୍ଦୋଳନ। ଦେଶ ସ୍ୱାଧୀନତା ପାଇଁ ଯେଉଁ ସଂଗ୍ରାମୀ ଆତ୍ମ ବଳିଦାନ ଦେଇ ସ୍ୱାଧୀନତାର ସୂର୍ଯ୍ୟୋଦୟ କରାଇଛନ୍ତି ସେମାନଙ୍କୁ ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଦେଉଛି ବୋଲି ରାୟଗଡ଼ା ଜିଲା ସଦର ମହକୁମାସ୍ଥିତ ଜିସିଡି ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ସମାଜର ଅବହେଳିତ ଓ ଦୁର୍ବଳତମ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ମୁହଁରେ ହସ ଫୁଟାଇବା ଆରମ୍ଭ କରିଛି ବୋଲି ସେ କହିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟତଃ ସୁଭଦ୍ରା ଯୋଜନାରେ ୧ କୋଟି ମହିଳା ଉପକୃତ ହୋଇଛନ୍ତି, ଲକ୍ଷପତି ଦିଦି ସୃଷ୍ଟି କରିବାରେ ଭାରତରେ ଆଗରେ ରହିଛି, ମୁଖ୍ୟମନ୍ତ୍ରୀ କନ୍ୟା

**ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ**

ବିବାହ ଯୋଜନାରେ ଗରିବ ଝିଅଙ୍କ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ମାଧସିଂ ହାତ ଖର୍ଚ୍ଚ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ରେ ସର୍ବାଙ୍ଗୀନ ଉନ୍ନତି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି ଉଦ୍ୟୋଗ ଯୋଜନା, ସିଏମ୍ କିସାନ, ସମୃଦ୍ଧ କୃଷକ ଯୋଜନାରେ ଲୋକଙ୍କୁ ସୁବିଧା ଦିଆଯାଉଥିବା କହିଥିଲେ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ରିଜର୍ଭ ଇନ୍ସପେକ୍ଟର କବିବର ଦେଉରୀଙ୍କ ନେତୃତ୍ୱରେ ୩୬ ଟି ଦଳ ପରେଡ ପରିବେଷଣ କରିଥିଲେ। ଚଳିତବର୍ଷ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ ମନ୍ତ୍ରୀ ମଲ୍ଲିକ, ଜିଲାପାଳ ଆଷୁତୋଷ କୁଲକର୍ଣ୍ଣୀ, ଏସ୍‌ପି ସ୍ୱାଥି ଏସ୍. କୁମାର ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା କାରାଗାର, ସେବା ସମାଜରେ ଫଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର, ଡିଏସ୍‌ପି ଶ୍ରୀନିବାସ ଆଚାରି ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ଆଲୁମିନା ପକ୍ଷରୁ ସ୍ୱାଧୀନତା ଦିବସ

ଟିକିରି, ୧୬।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଟିକିରି ଦୋରଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ନୂଆପଡ଼ା ଟାଉନସିପ୍‌ସ୍ଥିତ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ରବିନାରାୟଣ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସାମୁହିକ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ଥୁଟିବର ବାଳିକା ବିଦ୍ୟାଳୟ ଓ ଟିକିରି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କାରଖାନା ସୁରକ୍ଷା ପାଇଁ ଅବିରତ ତଥା ଉଲ୍ଲେଖନୀୟ ଦାଇତ୍ୱ ତୁଲାଉଥିବା ସୁରକ୍ଷା କର୍ମୀଙ୍କୁ ମୁଖ୍ୟ ଅତିଥି ଓ ତାଙ୍କ ସ୍ତ୍ରୀ ପ୍ରଭା ମିଶ୍ର ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ କାରଖାନା ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣେଲ ପରମଜିତ ବାଜବା, ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ର, ବିଜୟ କୁମୁରା, ବାପ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ସିଏସ୍‌ଆର୍ ବିଭାଗ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମାନବ ସମ୍ବଳ ବିଭାଗ ଶର୍ମିଳା ସରକାର, ଇଆର ବିଭାଗ ମୁଖ୍ୟ କିରଣ ନାୟକ ଓ ଏଜିପି ଉତ୍ତମ ଗିରି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଦିତ୍ୟା ବିର୍ଲା ପବ୍ଲିକ୍ ସ୍କୁଲ ଶିକ୍ଷୟିତ୍ରୀ କରୁଣା ତିୱାରୀ ପରିଚାଳନା କରିଥିଲେ। ବାପ୍ଲିମାଳି ପର୍ବତରେ ଉତ୍କଳ ଆଲୁମିନା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଖଣି ମୁଖ୍ୟ ବିଜୟ ଚୌହାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖଣି ସିଏସ୍‌ଆର୍ ମୁଖ୍ୟ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି।

# ସିଜିମାଳି ଅଞ୍ଚଳବାସୀଙ୍କ ସମସ୍ୟା ଶୁଣିଲେ ଏମ୍‌ପି

ରାୟଗଡ଼ା,୧୬।୮ (ଆଶିଷ ରଞ୍ଜନ ପଣ୍ଡା)

କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ରାୟଗଡ଼ା ଗସ୍ତ କରି କାଶୀପୁର ବ୍ଲକ ସିଜିମାଳି ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରିଛନ୍ତି। ସେଠାରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସିଜିମାଳି ଅଞ୍ଚଳବାସୀ ଏବଂ ମା ମାଟି ମାଳି ସୁରକ୍ଷା ମଞ୍ଚ ଗତ ଦିନରେ କଂଗ୍ରେସ ଭେଟେରାନ୍ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ନିଜ ସମସ୍ୟା ଜଣାଇଥିଲେ। ଏହା ପରେ ଏମ୍‌ପି ଉଲ୍ଲାକା ସିଜିମାଳି ଗସ୍ତ କରିଛନ୍ତି। ଅଞ୍ଚଳବାସୀ ଏମ୍‌ପି ଉଲ୍ଲାକାଙ୍କୁ ସ୍ୱାଗତ

**ବିଭିନ୍ନ ଅଭିଯୋଗ ଜଣାଇଲେ ଲୋକେ**

କରି ସେମାନଙ୍କ ଉପରେ ହେଉଥିବା ପୋଲିସର ଅତ୍ୟାଚାର, ନାରିଙ୍ଗିଦେଇ ମାଝିଙ୍କୁ ଗିରଫ କରିବା ଘଟଣା ଓ ଅନ୍ୟ ସମସ୍ୟା ନେଇ ଅଞ୍ଚଳବାସୀ ତାଙ୍କୁ ଅବଗତ କରାଇଥିଲେ। ଏମ୍‌ପି ଉଲ୍ଲାକା ଶନିବାର ରାୟଗଡ଼ା ଜେଲକୁ ଯାଇ ନାରିଙ୍ଗିଦେଇଙ୍କୁ ଭେଟି ତାଙ୍କ ସମସ୍ୟା ପଚାରି ବୁଝିଥିଲେ।



ସିଜିମାଳି ଅଞ୍ଚଳବାସୀ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ



ଅତିଥିଙ୍କ ସହ ବିଭିନ୍ନ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

ଗୁଣପୁର ,୧୬।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଛୋଟ ଶିଶୁ ଭାଇ ଭଉଣୀ ମାନେ କୃଷ୍ଣ,ବଳରାମ କଂସ ଓ ରାଧାଙ୍କ ବେଶରେ ସଜେଇ ହୋଇ ନଗର ପରିକ୍ରମା କରିଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଶିଶୁମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସୋମନାଥ ଗୌଡ, ସଭାପତି ବି.ଗଜପତି ରାଓ, ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା, ଉପସଭାପତି ମୋହନ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ, ସଦସ୍ୟା ପ୍ରତିଭା ରଥ ଓ କୈକେୟୀ ଶବର, ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ପୂର୍ବତନ ସଭାପତି ଲଳିତ ବୈଦ୍ୟଭୂଷଣ ଓ ଧର୍ମ ଜାଗରଣ ସଂଯୋଜକ ତଥା ପୂର୍ବତନ ପରିଚାଳନା ସମିତି ସଦସ୍ୟ ସାରଙ୍ଗ ନାଗବଂଶ ଏବଂ ରାୟଗଡା ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ପ୍ରଭୃତି ଉପସ୍ଥିତ ଥିଲେ।

# ବେଆଇନ୍ କ୍ଲିନିକ୍ ସିଲ୍

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହର କପିଳପୁର ଅଞ୍ଚଳରେ ଚାଲିଥିବା ବେଆଇନ୍ କ୍ଲିନିକ୍ ଲକ୍ଷ୍ମଣ ଲାବଣ୍ୟ ଚିକିତ୍ସାଳୟ ଏବଂ ଗବେଷଣା କେନ୍ଦ୍ରକୁ ଶନିବାର ଜିଲା ପ୍ରଶାସନ ସିଲ୍ କରିଛି। ଜିଲା ଚିକିତ୍ସାଧିକାରୀ ବି. ସରୋଜିନୀ ଦେବୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ମମତା ସାହୁ, ଗୁଣପୁର ଏସ୍‌ଡିପିଓ ବାବୁଲି ନାୟକ , ପଦ୍ମପୁର ତହସିଲଦାର ଶଙ୍କର ବାଗ ମାଜିଷ୍ଟ୍ରେଟଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ନିୟମ ଅନୁସାରେ ଏହି ଚିକିତ୍ସାଳୟର ପଞ୍ଜିକରଣ ନ ଥିବା ଅଭିଯୋଗ ହୋଇଥିଲା। ଚଢ଼ାଉ ସମୟରେ ଗୁଣପୁର ପୋଲିସ, ଅଗ୍ନିଶମ ବିଭାଗ ମଧ୍ୟ ଉପସ୍ଥିତ ଥିଲେ। ଦୀପକ କୁମାର ପଣ୍ଡା ବେଆଇନ୍‌ଭାବେ ଦୀର୍ଘ ବର୍ଷ ହେଲା ଏହି କ୍ଲିନିକ ଚଳାଉଥିବାବେଳେ ସରକାର ଓ ପ୍ରଶାସନର କିପରି ଦୃଷ୍ଟି ପଡ଼ିଲା ନାହିଁ, ଯାହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକଲେ ଉପଜିଲାପାଳ

ଗୁଡାରି,୧୬।୮ (ପ୍ରମୋଦ କୁମାର ପତି)

ଗୁଣୁପୁର ଉପଜିଲାପାଳ ଦୁଧାଳ ଅଭିଷେକ ଦିଲୀପ ଶନିବାର ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ମେଡିକାଲରେ କାର୍ଯ୍ୟରତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଚିକିତ୍ସାଧୀନ ରୋଗୀଙ୍କୁ ଭେଟି ମିଳୁଥିବା ସେବା ସମ୍ପର୍କରେ ବୁଝିଥିଲେ। ମେଡିକାଲ ପରିସର ବୁଲି ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଲକ୍ଷ୍ୟ କରିଥିଲେ। ପରେ ତହସିଲ କାର୍ଯ୍ୟାଳୟ ଯାଇଥିଲେ। ତହସିଲଦାର ଏ. ସ୍ନେହଲତାଙ୍କ ସହ ଆଲୋଚନା କରିବା ନଥିପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଗୁଡାରି ପ୍ରେସ୍ ୟୁନିଅନ ସଦସ୍ୟ ଓ ୟୁଥ ଫର ଚେଞ୍ଜ ସଦସ୍ୟ ଉପଜିଲାପାଳଙ୍କୁ ଭେଟି ଗୁଡାରିରୁ ଭୁବନେଶ୍ୱର ସରକାରୀ ବସ୍ ସେବା ପ୍ରଦାନ ସହ ଗୁଡାରିରୁ ରାୟଗଡା ଆଉ ଗୋଟିଏ ବସ୍ ଚଳାଚଳ ନେଇ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପଜିଲାପାଳଙ୍କୁ ଦରଖାସ୍ତ ପ୍ରଦାନ ସମୟରେ ମକରଧ୍ୱଜ କାଦମ୍ବାଲୁ, ପ୍ରସାଦ ଲିମା, ଭି. ଆଦିତ୍ୟ ଓ ଏମ. ଗୌତମ ପ୍ରମୁଖ ଉପସ୍ଥିତ ଥିଲେ।



ଗୁଡାରି ମେଡିକାଲରେ ଉପଜିଲାପାଳ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି।

# ଆଜାଦ ହିନ୍ଦ ୟୁଥ ଆସୋସିଏଶନର ସ୍ୱାଧୀନତା ଦିବସ

ରାୟଗଡ଼ା,୧୬।୮ (ଭାଗ୍ୟଶ୍ରୀ ମିଶ୍ର)




କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାୟଗଡ଼ା ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ୍ ଆନୁକୂଲ୍ୟରେ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ରାଜଲକ୍ଷ୍ମୀ ଦେବୀ ଯୋଗଦେଇଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆସୋସିଏଶନ୍ ଓ ସହରର କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିନାୟକ କର, ରାୟଗଡା ବାର୍ ଆସୋସିଏଶନ୍‌ର ସମ୍ପାଦକ ମଙ୍ଗଳ ମୂର୍ତ୍ତି ବେଉରିଆ, ସେଞ୍ଚୁରିଆନ୍ ଶିକ୍ଷା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରାଜେଶ୍ କୁମାର ପାଢ଼ୀ, ଓଡ଼ିଶୀ ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ ଓ ଉପସଭାପତି ନୀଳମଣି ପାଢ଼ଯୋଶୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବ୍ରଜ ସୁନ୍ଦର ନାୟକ, ଶିବ ପ୍ରସାଦ ମିଶ୍ର ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଘୋଷିକା ବିଦିଶା ଶତପଥି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏଶନ୍‌ର ମିହିର ପଣ୍ଡା, ସୁରଜ ସ୍ୱାଇଁ, ଜୀତେନ୍ଦ୍ର ରେଡ୍ଡୀ, ପ୍ରଶାନ୍ତ ବିଷୋୟୀ, ଜୟନ୍ତ ନାୟକ, ପ୍ରଫୁଲ୍ଲ ପରିଡ଼ା ଓ ବ୍ୟୋମକେଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ମୁନିଗୁଡ଼ାରେ ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ

ମୁନିଗୁଡା,୧୬।୮ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାର ବିଭିନ୍ନସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ ଅବସରରେ ମୁନିଗୁଡାର ଗୀତା ଭବନ ପରିସରରେ ସତ୍‌ସଙ୍ଗ ସେବା ସମିତି,ପାଇକସାହିସ୍ଥିତ ପୁରୁଷୋତ୍ତମ ଭାଗବତ ତୁଙ୍ଗି,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ରାମକୃଷ୍ଣ ସଙ୍ଘ, ରାଧାମାଧବ ସଙ୍ଘ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପୁରୋହିତ ଜଗବନ୍ଧୁ ପଣ୍ଡା, ନିକୁଞ୍ଜ ଶତପଥୀ ଓ ସଦାନନ୍ଦ ମହାପାତ୍ରଙ୍କ ସମେତ ଅନ୍ୟମାନେ ପ୍ରଥମେ କଳସ ସ୍ଥାପନ କରିବା ସହ ହୋମଯଜ୍ଞ ଓ ବିଭିନ୍ନ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀକୃଷ୍ଣଙ୍କ ଜନ୍ମରୁ ଆରମ୍ଭକରି କୃଷ୍ଣଙ୍କ ବିଭିନ୍ନ ରୂପ ଓ ଲୀଳା ଉପରେ ପ୍ରବଚନ ଦିଆଯାଇଥିଲା । ସଙ୍ଘ ପକ୍ଷରୁ ଭଜନ ଓ ସଂକୀର୍ତ୍ତନ ମଣ୍ଡଳୀ ସହ ନଗର ପରିକ୍ରମା କରାଯାଇଥିଲା । କୁନି କୁନି ପିଲାମାନେ ଶ୍ରୀକୃଷ୍ଣ ବେଶ ଧାରଣକରି ଦହିହାଣ୍ଡି ଭାଙ୍ଗି ଥିଲେ । ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ରାଧା ଓ କୃଷ୍ଣ ବେଶ ଧାରଣକରି ନଗର ପରିକ୍ରମା ସହ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ମୁନିଗୁଡା ପଞ୍ଚାୟତର ଶୋହଳଖଣ୍ଡ ଗୌଡ଼ ସମାଜ ତରଫରୁ ସମାଜ ଗୃହ ପରିସରରେ ସଭାପତି ହାଡ଼ିପା ଗୌଡ଼ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦୋରାଙ୍କ ମିଳିତ ସଂଯୋଜନା ନନ୍ଦ ଉତ୍ସବ ପାଳନ ଅବସରରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ର ଜନ୍ମାଷ୍ଟମୀ ଅବସରରେ ହୋଇଥିବା ବିଭିନ୍ନ ବେଶ ।

# ସୁନ୍ଦର ଭାରତ ଗଠନରେ ଶିକ୍ଷା, ସମୃଦ୍ଧି ହେବା ଆବଶ୍ୟକ

ଗୁଣପୁର,୧୬।୮ (ପ୍ରଦୀପ କୁମାର ପାଢ଼ୀ)



ପତାକା ଉତ୍ତୋଳନ ଅବସରରେ ଉପସ୍ଥିତ ମୁଖ୍ୟ ଅତିଥି ଓ ଅନ୍ୟମାନେ।

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସଦର ମହକୁମାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ପରେଡ଼ରେ ଉପ ଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୁଧାଳ ଅଭିଷେକ ଦିଲୀପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣକରି ସୁନ୍ଦର ଭାରତ ଗଠନ ନିମନ୍ତେ ଶିକ୍ଷା, ସମୃଦ୍ଧି ଉନ୍ନତମାନର ହେବା ଆବଶ୍ୟକ ଏବଂ ଆମ ଦେଶ ପାଇଁ ସ୍ୱାଧୀନତା ଆଣିଥିବା ସଂଗ୍ରାମୀମାନଙ୍କ ବଳିଦାନ ମନେ ପକେଇବା ସହ ସେମାନଙ୍କୁ ସଲାମି ଦେବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଭାରତୀୟ ସଂରକ୍ଷିତ ବାହିନୀ ଦୁର୍ଗପତି ବ୍ରଜ ମୋହନ ନାୟକ, ଡେପୁଟି କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମହାଲିକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର, ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର, ଅତିରିକ୍ତ ତହସିଲଦାର ଗୟା ଉମ୍ବରୁଧର ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଅଗ୍ନିଶମ ଅଧିକାରୀ ରଜନୀକାନ୍ତ ଗୌଡ଼, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେଡ଼ରେ ୨୬ ପ୍ଲାଟୁନ୍ ଅଂଶଗ୍ରହଣ କରିଥିଲେ। ଏଥି ମଧ୍ୟରେ ବରିଷ୍ଠ ଏନ୍‌ସିସି ପରେଡ୍‌ରେ କମନ୍ ଏନ୍‌ସିସି ଗାନ୍ଧୀ ବିଶ୍ ବିଦ୍ୟାଳୟ ପ୍ରଥମ, ଗୁଣପୁର ମହାବିଦ୍ୟାଳୟ ଦ୍ୱିତୀୟ, ଜୁନିଅର ଏନ୍‌ସିସିରେ ଜୁନିଅର ରେଡ୍‌କ୍ରସ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ବାଳକ ଏନ୍‌ସିସି ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସିଭିଲିଆନରେ ବାଳିକା ସିଭିଲିଆନ ଏକଲବ୍ୟ ପ୍ରଥମ, ବାଳିକା ସିଭିଲିଅନ୍ ବିଦ୍ୟାନିକେତନ ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

ସେହିପରି ପ୍ରଶାସନ ପକ୍ଷରୁ ଅୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମା' ପାଇଁ ଗଛଟିଏ ଚିନ୍ତା ଧାରାକୁ

**ଗୁଣପୁରରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ**

ଉଚ୍ଚତର କରିବା ପାଇଁ ଚାରାରୋପଣ ନିମନ୍ତେ ଗୋଟିଏ ଲେଖାଏ ଚାରା ପ୍ରଦାନ କରାଯାଇଥିଲା। ସ୍ୱାଧୀନତା ଦିବସ ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୋର ୫ଟାରୁ ରାମଧୁନ, ୫ଟା ୩୦ ରୁ ପ୍ରଭାତଫେରି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଙ୍କ ସହ ପୌର ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ ମିଳିତ ଭାବେ ସକାଳ ୭ଟାରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେଡ଼ ପରେ ମୁଖ୍ୟ ଅତିଥି ଜେଲକୁ ଯାଇ ଅନ୍ତେବାସୀଙ୍କୁ ମିଠା, ସଦର ଚିକିତ୍ସାଳୟରେ ଫଳ, ସେବାସମାଜରେ ବାଳିକାଙ୍କ ପୋଷାକ, ସ୍କୁଲ ଉପକରଣ, ବାଳନିକେତନ ଛାତ୍ରଙ୍କୁ ସ୍କୁଲ ବ୍ୟାଗ ଓ ବହି ଆଦି ବଣ୍ଟନ କରିଥିଲେ। ଉପଖଣ୍ଡସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅନନ୍ତ କୁମାର ପାତ୍ର ଓ ସୋମନାଥ ଗମାଙ୍ଗ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୧୭ ଶହ ଲିଟର ମହୁଲ ଜବତ, ଯୁବକ ଗିରଫ

ଝରିଗାଁ,୧୬।୮(କିଶୋର ଚନ୍ଦ୍ର ମଣ୍ଡଳ)

ଅବକାରୀ ବିଭାଗ ଝରିଗାଁ ବ୍ଲକ ସଦରମହକୁମାରେ ଚଢ଼ାଉ କରି ୧୭ ଶହ ଲିଟର ମହୁଲ ଜବତ ସହ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନବରଙ୍ଗପୁର ଅବକାରୀ ବିଭାଗ ଅଧିକାରୀ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଅବକାରୀ ଇନ୍ସପେକ୍ଟର ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଅବକାରୀ ଟିମ ଝରିଗାଁ ସ୍ଥିତ ଏକ ଦୋକାନ ଗୃହରେ ପହଞ୍ଚି ଚଢ଼ାଉ କରିଥିଲେ। ସେଠାରୁ ମହୁଲ ଜବତ କରିବା ସହ ବ୍ୟବସାୟୀ ରବି ତେଜାଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ କନଷ୍ଟେବଲ ସୁବାଷ ଗୌଡ଼, ଛତର ଗଣ୍ଡ, ଜୋଛନା ହରିଜନ, ଶୁକୁ ଦଳାଇ ପ୍ରମୁଖ ସାମିଲ ଥିଲେ।

### ବିଚାରାଧୀନ କଏଦୀ ଅଦାଲତରୁ ଚମ୍ପଟ ଘଟଣା
### ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡ

ଉମରକୋଟ, ୧୬।୮(ସନ୍ତୋଷ ଶତପଥୀ)

ଅଦାଲତ ପରିସରରୁ ପୋଲିସ ସୁରକ୍ଷା ବଳୟରୁ ବିଚାରାଧୀନ କଏଦୀ ଖସି ଚମ୍ପଟ ମାରିବା ଘଟଣାର ବିଚାର କରି ଉମରକୋଟ ପ୍ରଥମ ଶ୍ରେଣୀ ବିଚାରପତି ଇପ୍ସିତା ଭୋଇ ଅଭିଯୁକ୍ତ ଚନ୍ଦନ ବେହେରାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାନୁଯାୟୀ ଗତ ଜାନୁଆରୀ ୬ରେ ଉମରକୋଟ ଉପ କାରାଗାରରୁ କେତେଜଣ ବିଚାରଧୀନ କଏଦୀଙ୍କୁ ପୋଲିସ ଭ୍ୟାନରେ ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ହାଜର କରିବା ପାଇଁ ନିଆଯାଇଥିଲା। ଏହି ସମୟରେ ପୋଲିସକୁ ଚକମା ଦେଇ ହତ୍ୟା ମାମଲାର ବିଚାରଧୀନ ଅଭିଯୁକ୍ତ ଚନ୍ଦନ ବେହେରା ଖସି ପଳାଇଥିଲେ। ଚନ୍ଦନଙ୍କୁ କାବୁ କରି ପୁଣି ଉମରକୋଟ ଉପକାରାଗାରକୁ ନିଆଯାଇଥିଲା। କନଷ୍ଟେବଲ ମୋନିରାମ ଗଣ୍ଡ ଉମରକୋଟ ଥାନାରେ ଉକ୍ତ ଦିନ ଏକ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ଅକ୍ଷୟ ମିଶ୍ର ଘଟଣାର ତଦନ୍ତ କରୁଥିଲେ। ୮ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତ ଚନ୍ଦନଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି। ଏହି ମକଦ୍ଦମାକୁ ସରକାରୀ ଓକିଲ ପ୍ରଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ସୁନାବେଡ଼ା/ସେମିଲିଗୁଡ଼ା,୧୬।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ଥାନା ଅଧୀନ ସେମିଲିଗୁଡ଼ା ଶାସ୍ତ୍ରୀନଗରରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଧୀନ ଅନ୍ତରପଡ଼ା ଗାଁର ଗଦାଧର ସାହୁଙ୍କ ପୁଅ ସିଲୁ(୩୦)। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସିଲୁ ୪ ଦିନ ହେବ ଶାସ୍ତ୍ରୀନଗରରେ ତାଙ୍କ ସମ୍ପର୍କୀୟ ଦାଦାଙ୍କ ଘରେ ରହୁଥିଲେ। ତାଙ୍କ ଦାଦା ଓ ଖୁଡ଼ୀ ନନ୍ଦପୁର ରାସ୍ତାରେ କରିଥିବା ଜଳଖିଆ ଦୋକାନକୁ ଯାଇଥିଲେ। ବହୁତ ସମୟ ଧରି ସିଲୁ ଦୋକାନକୁ ନ ଆସିବାରୁ ତାଙ୍କ ଦାଦା ତାଙ୍କୁ ଫୋନ କରିଥିଲେ। ସେ କଲ୍ ଗ୍ରହଣ ନ କରିବାରୁ ଘର କବାଟ ଖୋଲି ଦେଖିବା ବେଳେ ସିଲୁଙ୍କୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ। ଏ ନେଇ ସୁନାବେଡ଼ା ପୋଲିସକୁ ଖବର ଦେଇଥିଲେ। ସୁନାବେଡ଼ା ଥାନା ଏସ୍‌ଆଇ ଚରଣସିଂ ମାଝୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପୋଲିସ ନଂ. ୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ସିଲୁଙ୍କ ଘର ଲୋକ ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଦିଆଯିବ। ଏହା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଆଇ ମାଝୀ କହିଛନ୍ତି।

### ଆହତ ଧଳା ପେଚା ଉଦ୍ଧାର



କୋରାପୁଟ,୧୬।୮(ଅମିତାଭ ବେହେରା)

କୋରାପୁଟ ଏସ୍‌ଏଲ୍‌ଏନ୍‌ସି ପଛପଟ ମାରୁତି ନଗରର ଜଣେ ଖବରଦାତା ଦିଲୀପ ମହାନ୍ତିଙ୍କ ଘର ଭିତରକୁ ଶୁକ୍ରବାର ରାତିରେ ପଶି ଆସିଥିବା ଏକ ଆହତ ଧଳା ପେଚାକୁ ଉଦ୍ଧାର କରାଯାଇଛି। ଖବରଦାତା ପେଚାକୁ ସୁରକ୍ଷିତ ଭାବେ ରଖିଥିବା ବେଳେ କୋରାପୁଟ ବନ ବିଭାଗ ରେଞ୍ଜ ଅଧିକାରୀ ପାହାଡ଼ ସିଂଙ୍କୁ ଶନିବାର ଖବର ଦେଇଥିଲେ। ପେଚାର ଡେଣାରେ ମାଡ଼ ହୋଇଥିବାରୁ ଉଡ଼ିପାରୁ ନ ଥିଲା। ରେଞ୍ଜ ଅଧିକାରୀଙ୍କ ନିର୍ଦ୍ଦେଶରେ ରବି ମୁଦୁଲି, ସୋମନାଥ ମୁଦୁଲି ଓ ବନ ବିଭାଗର ଏକ ଟିମ୍ ପେଚାକୁ ଉଦ୍ଧାର କରି ଆଣି ଚିକିତ୍ସା କରାଯାଉଛି।

# ସାର ପାଇଁ ଟେକାପଥର ଫୋପାଡ଼ିଲେ ଚାଷୀ

କୋଷାଗୁମୁଡ଼ା, ୧୬।୮(ପ୍ରସାଦ ବିଷୋୟୀ)



ସାର ପାଇଁ ଲ୍ୟାମ୍ପ୍‌ସ ଆଗରେ ଚାଷୀଙ୍କ ଭିଡ଼।

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରେ ସାର ଅଭାବ ଲାଗି ରହିଛି। ଶନିବାର ସାର ବଣ୍ଟନବେଳେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ସାର ପାଇଁ ଠେଲାପେଲା ହେବା ବେଳେ ୨ ମହିଳା ଅସୁସ୍ଥ ହେଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏଥିସହ ଧାଡ଼ିରେ ଥିବା ଚାଷୀମାନେ ବିରକ୍ତି ହୋଇ କାର୍ଯ୍ୟାଳୟ ପରିସରକୁ ଟେକାପଥର ଫୋପାଡ଼ିଥିଲେ। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡାକେଲ, କୋଡ଼ିଙ୍ଗା ଅତିରିକ୍ତ ତହସିଲଦାର ଅଶୋକ ମୁଦୁଲି, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ନାୟକ ଓ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ସାର ବଣ୍ଟନ କରାଯାଇଥିଲା।

ସୂଚନାନୁଯାୟୀ, ଚାଷୀମାନେ ସାର ପାଇଁ ଶନିବାର ସକାଳେ ଲ୍ୟାମ୍ପ୍‌ସ ଆଗରେ ଲମ୍ବା ଧାଡ଼ି ବାନ୍ଧି ଠିଆହୋଇ ରହିଥିଲେ। ପୋଲିସ ଆସିବା ପରେ ପୂର୍ବାହ୍ନ ୧୦ଟା ୩୦ରେ ସାର ଦେବା ଆରମ୍ଭ ହୋଇଥିଲା। ଗୋଟିଏ ବସ୍ତା ସାର ପାଇଁ ଚାଷୀ ଦିନ ତମାମ ଲମ୍ବା ଧାଡ଼ିରେ ଠିଆହୋଇ ରହିଥିଲେ। ଜଣଙ୍କ ଆଧାର କାର୍ଡରେ ୨ ବସ୍ତା ସାର ଦେଉଛନ୍ତି । ଚାଷୀମାନେ ଅଭିଯୋଗ କରୁଛନ୍ତି ଯେ ପୂର୍ବରୁ ଲ୍ୟାମ୍ପ୍‌ସରେ ସାର ଥିଲା। ସେସବୁ ବଡ଼ବଡ଼ିଆ ଲୋକଙ୍କୁ ଦେଇଛନ୍ତି। ଏବେ ଅଳ୍ପ ସାର ଥିବାରୁ ତାହାକୁ ଗୋଟିଏ କିମ୍ବା ୨ଟି ବସ୍ତା ଦେଇ ଚାଷୀଙ୍କ ମଧ୍ୟରେ ବଣ୍ଟାଯାଉଛି। ଛୋଟ ଚାଷୀଙ୍କୁ ସାର ମିଳୁନାହିଁ। କୋଷାଗୁମୁଡ଼ା ଲ୍ୟାମ୍ପ୍‌ସକୁ ୨୨୧୫ ପ୍ୟାକେଟ ସାର ଆସିଥିଲା। କିନ୍ତୁ ଶନିବାର ସବୁ ସାର ଶେଷ ହୋଇଗଲା ବୋଲି ସମବାୟ ସମିତି ପରିଚାଳକ ପ୍ରଣବ ମହାନ୍ତି କହିଛନ୍ତି। ସାର ଦେବା ସମୟରେ ଚାଷୀମାନେ ବିରକ୍ତହୋଇ କାର୍ଯ୍ୟାଳୟ ପରିସରକୁ ଟେକା ପଥର ଫୋପାଡ଼ିଥିଲେ। ଶନିବାର ଯେଉଁମାନେ ସାର ପାଇ ନ ଥିଲେ ସେମାନଙ୍କୁ ଟୋକେନ ଦିଆଯାଇଛି। ସୋମବାର କିମ୍ବା ମଙ୍ଗଳବାର ସାର ଆସିଲେ ଟୋକେନ ଦେଖାଇଲେ ସେମାନଙ୍କୁ ସାର ଦିଆଯିବ ବୋଲି ସୂଚନା ମିଳିଛି।

## ପରେଡ୍ ବିଜେତା, ଶ୍ରେଷ୍ଠ କର୍ମଚାରୀ ପୁରସ୍କୃତ

ନବରଙ୍ଗପୁର, ୧୬।୮(ସଦାଶିବ ପ୍ରହରାଜ

ଜିଲାସ୍ତରୀୟ ସ୍ୱାଧୀନତା ଦିବସର ପରେଡ୍ ପଡ଼ିଆରେ ମୋଟ ୨୬ ଶିକ୍ଷାନୁଷ୍ଠାନ ଓ ପୋଲିସ ପ୍ଲାଟୁନ୍ ଯୋଗଦେଇଥିଲେ। ୮ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପରେଡ୍ ପ୍ରତିଯୋଗିତାର ବିଜୟୀ ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଗ୍ରୁପ୍ ଏ ସିନିୟର ୟୁନିଫର୍ମ ଦଳରେ ବିଜେତା ଏନ୍‌ସିସି ନବରଙ୍ଗପୁର ମହାବିଦ୍ୟାଳୟ ଓ ଉପବିଜେତା ଏନ୍‌ସିସି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ,ଗ୍ରୁପ୍ ବି ୟୁନିଫର୍ମରେ ବିଜେତା ରେଡ୍‌କ୍ରସ୍ ଆର୍‌ସିଡି ହାଇସ୍କୁଲ ଓ ଉପବିଜେତା ସ୍କାଉଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହାବିଦ୍ୟାଳୟ ସିଭିଲିଆନ ଦଳରେ ବିଜେତା ସ୍ମାର୍ଟ ଗୁରୁକୁଳ ଓ ଉପ ବିଜେତା ଶିକ୍ଷା ବିଜ୍ଞାନ କଲେଜ, ଗ୍ରୁପ୍ ସି ସିଭିଲିଏନ୍( ସିନିୟର)ଦଳରେ ବିଜେତା ବାପୁଜୀ ପବ୍ଲିକ ସ୍କୁଲ ଓ ଉପ ବିଜେତା ୟୁନିକ୍ ପବ୍ଲିକ ସ୍କୁଲ,ଗ୍ରୁପ୍ ଡି ସିଭିଲିଏନ୍ (ଜୁନିୟର) ଦଳରେ ବିଜେତା ଟେକ୍ନୋ ଗୁରୁକୁଳ ଓ ଉପ ବିଜେତା ଏକ୍ସ ବୋର୍ଡ ୟୁ ପି ସ୍କୁଲ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ବିଭିନ୍ନ ବିଭାଗୀୟ କ୍ଷେତ୍ରରେ ଉତ୍କୃଷ୍ଟତା ଲାଭ କରିଥିବା କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସଞ୍ଜୁକ୍ତା ଚୌଧୁରୀ ଶ୍ରେଷ୍ଠ ଆଶାକର୍ମୀ, ଖାଣ୍ଡା ଗାଁ କଲ୍ୟାଣ ସମିତିକୁ ସୁସ୍ଥ ଗାଁ ପୁରସ୍କାର, ବେତାଳ ପଞ୍ଚାୟତ ଶ୍ରେଷ୍ଠ ଜନ ଆରୋଗ୍ୟ ସମିତି, ଜିରାଗୁଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଶ୍ରେଷ୍ଠ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ନବରଙ୍ଗପୁର ମ୍ୟୁନିସିପାଲିଟିରେ ଜଗତ ହରିଜନ ଶ୍ରେଷ୍ଠ ପୁରୁଷ ସଫେଇ କର୍ମଚାରୀ, ତୁଳସୀ ହରିଜନ ଶ୍ରେଷ୍ଠ ମହିଳା ସଫେଇ କର୍ମଚାରୀ, ମମତା ଓ ସୁଭଦ୍ରା ଯୋଜନାରେ ଉତ୍ତମ କାର୍ଯ୍ୟ ନିର୍ବାହକରି ଜିଲା ସଂଯୋଜକ (ମମତା) ବିଶ୍ୱଜିତ୍ ମହାନ୍ତି, ବାଲ୍ୟବିବାହ ପ୍ରତିରୋଧରେ ଆକ୍ସନଏଡ୍‌ର ଫକୀର ରାଉତ, ପୋଷଣ ଅଭିଯାନ ପାଇଁ ଶ୍ରେଷ୍ଠ ସିଡିପିଓ ସସ୍ମିତାବାଲା ମହାନ୍ତି, ଶ୍ରେଷ୍ଠ ସୁପରଭାଇଜର ସବିତା ମଲ୍ଲିକ, ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ଧବନୀ ଜାନୀ, ଶ୍ରେଷ୍ଠ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ଓ କାଲୁ ଚରଣ ମହାରଣା, ଶ୍ରେଷ୍ଠ ଏଟିଏମ୍ ଆତ୍ମା ତେନ୍ତୁଳିଖୁଣ୍ଟି ବାଳଗୋବିନ୍ଦ ସାହୁ, ଶ୍ରେଷ୍ଠ ଉଦ୍ୟାନ କୃଷକ କୃଷ୍ଣ ଭତରା ଏବଂ ସମ୍ପୂର୍ଣ୍ଣତା ଅଭିଯାନ ପାଇଁ ପିରାମଲ୍ ଫାଉଣ୍ଡେଶନକୁ ପୁରସ୍କୃତ କରାଯାଇଛି।

ଆର୍ ସି ଡି ହାଇସ୍କୁଲରେ ଅନୁଷ୍ଠିତ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲାପାଳ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ୍, ତପନ କୁମାର ଖୁଣ୍ଟିଆ, ଡିଇଓ ଛତ୍ରପତି ସାହୁ ଯୋଗଦେଇଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରର ପ୍ରବନ୍ଧ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଛି। ୪ ସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏହାକୁ ଡିଆଇପିଆର୍‌ଓ ମନୋଜ ବେହେରା ପରିଚାଳନା କରିଥିଲେ।

### ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ

ନବରଙ୍ଗପୁର, ୧୬।୮(ସଦାଶିବ ପ୍ରହରାଜ)

ଭାଜପା ପକ୍ଷରୁ ଶନିବାର ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପାୟୀଙ୍କ ମହାପ୍ରୟାଣ ଦିବସ କରାଯାଇଛି। ଦୈତାରି ମାଝି ସ୍ୱର୍ଗତ ବାଜପାୟୀଙ୍କ ନିତି ଆଦର୍ଶ, ନୈତିକତା ଓ ରାଷ୍ଟ୍ରଭକ୍ତି ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ପିଣ୍ଟୁ ମିଶ୍ର ,ସିମାଞ୍ଚଳ ବିଷୋୟୀ, ଅଶ୍ୱିନୀ ଦାସ, ରାଜେନ୍ଦ୍ର ବିଷୋୟୀ, ଦେବଦାସ ମହାକୁଡ,ଗିତାଞ୍ଜଳୀ ମହାପାତ୍ର,ସୁକାନ୍ତି ବେହେରା,ପୁନମ ସାହୁଙ୍କ ସମେତ ଭାଜପା କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଜୟପୁର କଂଗ୍ରେସ ଭବନରେ ସ୍ୱାଧୀନତା ଦିବସ

ଜୟପୁର, ୧୬।୮ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଶଶିଭୂଷଣ ପାତ୍ର, ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ସୁକାନ୍ତ ପଟ୍ଟନାୟକ ଓ ରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ବାହିନୀପତି ଜୟପୁର ପାରାବେଡ଼ାସ୍ଥିତ ଉତ୍କଳ ବାଳାଶ୍ରମକୁ ଯାଇ ଅନ୍ତେବାସୀଙ୍କୁ ସାକ୍ଷାତ କରିଥିଲେ।

### ବର୍ଷା ଯୋଗୁ କେରଙ୍ଗା ପାହାଡ଼ରୁ ମାଟି ଅତଡ଼ା ଧସି ରାସ୍ତା ଅବରୋଧ

କୋରାପୁଟ,୧୬।୮(ଅମିତାଭ ବେହେରା)

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଯୋଗୁ ନାରାୟଣପାଟଣା ବ୍ଲକ୍ ବିଜାଘାଟି ପଞ୍ଚାୟତ ରାସ୍ତାରେ କେରଙ୍ଗା ପାହାଡ଼ରୁ ମାଟି ଅତଡ଼ା ଧସି ଶନିବାର ରାସ୍ତା ଅବରୋଧ ହୋଇଛି। ଦାମନଯୋଡ଼ି-ନାରାୟଣପାଟଣା ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ବ୍ଲକ ପ୍ରଶାସନ ପହଞ୍ଚି ନ ଥିବା ସୂଚନା ମିଳିଛି। ଶୁକ୍ରବାର ଜିଲାରେ ୪୨୯.୫ ମି.ମି. ବର୍ଷା ହୋଇଥିଲା। ନାରାୟଣପାଟଣାରେ ୩୧ ମି.ମି., ବନ୍ଧୁଗାଁରେ ୬୨ ମି.ମି. ଓ ଲକ୍ଷ୍ମୀପୁରରେ ୯୨ ମି.ମି. ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂଗ୍ରାମୀଙ୍କ ମହାନ୍ ତ୍ୟାଗ ପାଇଁ ମିଳିଛି ସ୍ୱାଧୀନତା

**ନବରଙ୍ଗପୁରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

ନବରଙ୍ଗପୁର, ୧୬।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଭୋର ୪ଟା ୩୦ରେ ସହର ସାରା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୂନ୍ ପରିବେଷଣ କରାଯାଇଛି। ସକାଳ ୭ଟାରେ ସହର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ସ୍କୁଲ ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଭାତଫେରିରେ ସାମିଲ ହୋଇଥିଲେ। ସକାଳ ୭.୩୦ରେ ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

ପରେ ନବରଙ୍ଗପୁର ଷ୍ଟାଡିୟମରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡ୍ ଅଭିବାଦନ ଗ୍ରହଣକରି ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଏସ୍‌ପି ମଡକର ସନ୍ଦିପ ସମ୍ପତ , ପୌରାଧକ୍ଷ କୁନୁ ନାୟକ ପତାକା ମଞ୍ଚରେ ଉପସ୍ଥିତ ଥିଲେ। ସଂଗ୍ରାମୀଙ୍କ ମହାନ୍ ତ୍ୟାଗ ପାଇଁ ସ୍ୱାଧୀନତା ମିଳିଛି। ପାପଡ଼ାହାଣ୍ଡି ଶହୀଦଙ୍କ ବଳିଦାନ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ବୀରତ୍ୱକୁ ମୁଖ୍ୟ ଅତିଥି ମନେପକାଇଥିଲେ। ନବରଙ୍ଗପୁରକୁ ସମୃଦ୍ଧ ଜିଲାରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜେଲ୍‌କୁ ଯାଇ ରୋଗୀ, ଅନ୍ତେବାସୀଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରିଥିଲେ।



ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପରେଡ୍ ଅଭିବାଦନ ଗହଣ କରୁଛନ୍ତି।

## ବାର୍ତ୍ତା ବାଣ୍ଟିବ ବଜ୍ରପାତ ସଚେତନତା ରଥ

ଡାବୁଗାଁ, ୧୬।୮ (ପ୍ରଜ୍ଞା ରଞ୍ଜନ ପରିଡ଼ା)

ବଜ୍ରପାତରୁ ଜନସାଧାରଣଙ୍କ ସୁରକ୍ଷା ତଥା ଏ ସମ୍ବନ୍ଧୀୟ ସତର୍କତା ଅବଲମ୍ବନ ନିମନ୍ତେ ଶନିବାର ପୂର୍ବାହ୍ନ ୧୧ଟାରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ଶରତ ମାଝୀଙ୍କ ଦ୍ୱାରା ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଏହି ରଥ ବ୍ଲକ୍‌ର ସମସ୍ତ ପଞ୍ଚାୟତ ଏବଂ ଗ୍ରାମ ପରିକ୍ରମାକରି ଜନସାଧାରଣଙ୍କୁ ବଜ୍ରପାତ ସମୟରେ କିପରି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିପାରିବେ ସେ ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିବ। ରଥ ଉଦ୍‌ଘାଟନ କାର୍ଯ୍ୟକ୍ରମ ବେଳେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ. ଡି. ପ୍ରସାଦ, ସି.ପି. ପ୍ରବୀଣ ପଟ୍ଟନାୟକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁବାଇ ଜୈନ ମନ୍ଦିରରୁ ମୂର୍ତ୍ତି ଚୋରି

ନନ୍ଦପୁର,୧୬।୮(ତୁଷାରକାନ୍ତ ମହାନ୍ତି)



ଚୋରି ହୋଇଥିବା ମୂର୍ତ୍ତି।

କୋରାପୁଟ ଜିଲା ନନ୍ଦପୁର ସୁବାଇ ଜୈନ୍ ମନ୍ଦିର ତାଲା ଭାଙ୍ଗି ପୂଜା ପାଉଥିବା ବିରଳ ଐତିହ୍ୟ ଜୈନ ମୂର୍ତ୍ତି ଚୋରିହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ତଥା ପ୍ରାଚୀନ ଜୈନ ମନ୍ଦିର ବିକାଶ ପରିଷଦ ସଭାପତି ଦୟାନିଧି ପୂଜାରୀ, ଗୋପୀନାଥ ବିଷୋୟୀ, ପୂଜକ କୃପା ପୂଜାରୀ ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୦୮/୨୫ରେ ମାମଲା ରୁଜୁ କରିଛି। ଏସ୍‌ଆଇ ବେଦବର ସାହୁ ତଦନ୍ତ କରୁଛନ୍ତି। ଶୁକ୍ରବାର ଓ ଶନିବାର କୋରାପୁଟ ଜିଲା ପୋଲିସ ବୈଷୟିକ ଟିମ୍‌ର ସହାୟତାରେ ନନ୍ଦପୁର ପୋଲିସ ତଦନ୍ତ କରୁଥିବା ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ,୨୦୧୪ରେ ସୁବାଇ ଜୈନ ମନ୍ଦିରରୁ ଗୋଟିଏ ମୂର୍ତ୍ତି ଚୋରି ହୋଇଥିଲା। ୨୦୨୨ରେ ନନ୍ଦପୁର ଭୈରବ ମନ୍ଦିରରୁ ୩ ଓ ଚଳିତ ବର୍ଷ କେଚେଲାରୁ ଗୋଟିଏ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନନ୍ଦପୁର ଥାନାରେ ୩ ଓ କୋରାପୁଟ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ପୋଲିସ ଚୋରି ମୂର୍ତ୍ତିର ଟେର ପାଇପାରୁନାହିଁ। ନନ୍ଦପୁର, ଲମତାପୁଟ, କୋରାପୁଟ ଓ ସେମିଲିଗୁଡ଼ା ବ୍ଲକ୍‌ରେ ଜୈନ କୀର୍ତ୍ତିରାଜି ପଥର ଖୋଦେଇ ମୂର୍ତ୍ତିଗୁଡ଼ିକ ସୁରକ୍ଷା ଓ ଅବହେଳିତ ହୋଇରହିଛି। ମୂର୍ତ୍ତିଗୁଡ଼ିକର ସୁରକ୍ଷା ନେଇ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଦୃଷ୍ଟିଦେବାକୁ ବାରମ୍ବାର ଦାବି ହେଉଛି। କିନ୍ତୁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ନନ୍ଦପୁର ଥାନାଧିକାରୀ ପଣ୍ଡା ସୁବାଇ ଜୈନ ମନ୍ଦିରର ୨ ମାମଲା ଓ ନନ୍ଦପୁର ଭୈରବ ମନ୍ଦିରର ମୂର୍ତ୍ତି ଚୋରି ମାମଲାର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

## ଜୟପୁର ବିଧାୟକଙ୍କୁ ଚାପୁଡ଼ା ମାରିବା ଘଟଣା: ଜଣେ ଗିରଫ

କୋରାପୁଟ,୧୬।୮(ଅମିତାଭ ବେହେରା)



କଂଗ୍ରେସ ପକ୍ଷରୁ କରାଯାଉଥିବା ଶୋଭାଯାତ୍ରା ।

ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ କେହି ଜଣେ ଦୁର୍ବୃତ୍ତ ଚାପୁଡ଼ା ମାରିବା ଭିଡ଼ିଓ ମୋବାଇଲରେ ଭାଇରାଲ ହୋଇଥିଲା। ଏହା ପରେ ଜଣେ ବ୍ୟକ୍ତିଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ କୃଷ୍ଣଚନ୍ଦ୍ର କୁଲଦୀପ। ସୂଚନା ଅନୁଯାୟୀ, ଗୁରୁବାର ରାତିରେ କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ସହରରେ ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଧାୟକ ବାହିନୀପତି ଓ ବିଧାୟକ ରାମଚନ୍ଦ୍ର କାଡମ ଯୋଗଦେଇଥିଲେ। ବସ୍‌ଷ୍ଟାଣ୍ଡ ନିକଟରେ ହଠାତ କୃଷ୍ଣ ବିଧାୟକ ବାହିନୀପତିଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ଲୋକେ କୃଷ୍ଣଙ୍କୁ କାବୁ କରି ଟାଉନ ଥାନରେ ଜିମା ଦେଇଥିଲେ। ଟାଉନ ଥାନା ପକ୍ଷରୁ କୃଷ୍ଣଙ୍କ ଡାକ୍ତରୀ ପରୀକ୍ଷା କରିବା ପାଇଁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପୋଲିସ କୃଷ୍ଣଙ୍କୁ ପଚରଉଚରା କରିଥିଲା। ସୂଚନା ମୁତାବକ ଉଭୟ ପଟୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବିଧାୟକଙ୍କ ପକ୍ଷରୁ ପିଏସଓ ସୁବ୍ରତ ସାସମଲ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଟାଉନ ଥାନାରେ ୧୭୩/୨୫ ଏବଂ ୧୭୪/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି। ଟାଉନ ଥାନା ଏସ୍‌ଆଇ ରାଜେଶ ପ୍ରିୟଦର୍ଶୀ ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି। ବିଧାୟକ ବାହିନୀପତି ଘଟଣା ସମ୍ପର୍କରେ କିଛି କହିବାକୁ ମନା କରିଛନ୍ତି।

## ୨୩ ପଞ୍ଚାୟତରେ ଗ୍ରାମସଭା

ନନ୍ଦପୁର,୧୬।୮(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ସଦର ମହକୁମାରେ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ୨୩ ପଞ୍ଚାୟତରେ ଗ୍ରାମସଭା ଆୟୋଜନ କରାଯାଇଛି। ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ପଞ୍ଚାୟତର ବୁଦ୍ଧିଜୀବୀ, ପିଇଓ, ଏଡିଇଓ, ଜିଆର୍‌ଏସ୍ ଯନ୍ତ୍ରୀଙ୍କ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଚାରାରୋପଣ, ଜିପିଡିପି, ଏମ୍‌ଜିଏନ୍‌ଆରଇଜିଏସ୍, ଓଲଏମ୍, ମିଶନ ଶକ୍ତି, ପାନୀୟ ଜଳ ଓ ପରିମଳ, ସ୍ୱଚ୍ଛ ଭାରତ ଯୋଜନା, ସ୍ଥାୟୀ ସମ୍ପତ୍ତି ବୃଦ୍ଧି ଓ ବାଲ୍ୟବିବାହ ରୋକିବାକୁ ସଚେତନ କରାଯାଇଥିଲା। ୨୩ ପଞ୍ଚାୟତରେ ଗ୍ରାମସଭା ତଦାରଖ ପାଇଁ ୨୩ ନୋଡାଲ ଅଧିକାରୀ ନିଯୁକ୍ତ କରାଯାଇଥିଲା। ସଭାରେ ବିଡିଓ ଦୁର୍ଗାପ୍ରସାଦ ଦୋରା,ସରପଞ୍ଚ ସାଜେନ୍ତି କିର୍ସାନୀ, ସମିତିସଭ୍ୟ ବିନୋଦିନୀ ସମାର୍ଡ଼ୀ, ସମସ୍ତ ୱାର୍ଡ ସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ତଥା ବ୍ଲକ୍‌ର ଭାରପ୍ରାପ୍ତ ଜିପିଡିଓ ଦିବାକର ପୁରୋହିତ ଗ୍ରାମସଭା ପରିଚାଳନା କରିଥିଲେ।





ଗ୍ରାମସଭାରେ ଉପସ୍ଥିତ ବ୍ଲକ୍ ଅଧିକାରୀ ଓ ଅନ୍ୟମାନେ।

**ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ**

## ସ୍ଥାପନହେବ ଜିଲା ସଂଗ୍ରହାଳୟ

କୋରାପୁଟ/ଜୟପୁର,୧୬।୮ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)



କୋରାପୁଟ ପୋଲିସ ପଡ଼ିଆରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଭିବାଦନ ଗ୍ରହଣ କରୁଛନ୍ତି ।

କୋରାପୁଟ ପୋଲିସ ପରେଡ୍ ପଡ଼ିଆରେ ଜିଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେପକାଇବା ଓ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ଦିନ ବୋଲି କହିଥିଲେ। ଜିଲାରେ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୪୨କୋଟି ୬୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଅର୍ଥରେ ଦେଓମାଳି ଓ ପଣ୍ଡି ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣକରି ଜିଲା ସଂଗ୍ରହାଳୟ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଯୋଜନାଗୁଡ଼ିକ ପ୍ରଜ୍ଞାପନ ମେଢ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ, ଏସ୍‌ପି ରୋହିତ ବର୍ମା ଓ ଆଇଏଏସ୍ ପ୍ରୋବେସେନରି ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ ପ୍ରଥମ ସ୍ଥାନ ହାସଲ କରିଥିଲେ। ବିକାଶ ବିଦ୍ୟାଳୟ ୨ୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୩ୟ ସ୍ଥାନରେ ରହି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ପ୍ରଜ୍ଞାପନ ମେଢ ପ୍ରତିଯୋଗିତାରେ ସମଗ୍ର ଶିକ୍ଷା ଅଭିଯାନ ପ୍ରଥମ, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱିତୀୟ ଓ ଉଦ୍ୟାନ ବିଭାଗ ୩ୟ ସ୍ଥାନ ପାଇ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ପରେଡ୍‌ର ଶ୍ରେଷ୍ଠ ଦଳ ଓ ଶାରୀରିକ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ଟିମ୍‌ଗୁଡ଼ିକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେଡ୍‌ରେ ୨୭ ଟିମ୍ ଅଂଶ ଗ୍ରହଣ କରିଥିଲେ। ପୋଲିସ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଜୀବନ ସଂଗ୍ରାମ ପରେଡ୍ ପରିଚାଳନା କରିଥିଲେ। ପୋଲିସ ପରେଡ୍ ପଡ଼ିଆରେ ମୁଖ୍ୟ ଅତିଥି ଚାରାରୋପଣ ଓ ରକ୍ତଦାନ ଶିବିରର ଉଦ୍‌ଘାଟନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶୀସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ରବି ଶତପଥୀ ସଂଯୋଜନା କରିଥିଲେ। ଜୟପୁର ଦଶହରା ପଡ଼ିଆରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏଥିରେ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ପତକା ଉତ୍ତୋଳନ କରିଥିଲେ। ଏଥିରେ ଏସ୍‌ଡିପିଓ ପାର୍ଥ କଶ୍ୟପ,ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଟାଉନ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଇତ, ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଏବଂ ଏସ୍‌ଡିପିଆର୍‌ଓ ଯଶୋଦା ଗାଦବା ଉପସ୍ଥିତ ଥିଲେ। ଏଠାରେ ୩୯ ଗ୍ରୁପ୍ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ପ୍ୟାରେଡରେ ଶ୍ରେଷ୍ଠ ବିବେଚିତ ଗ୍ରୁପ୍‌ଗୁଡ଼ିକୁ ଉପଜିଲାପାଳ ରେଡ୍ଡୀ ପୁରସ୍କୃତ କରିଥିଲେ। ପ୍ରଶାସନ ପକ୍ଷରୁ ଉତ୍କଳ ବାଳାଶ୍ରମ ଅନ୍ତେବାସୀ ଓ ଉପକାରାଗାରର କଏଦୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ନନ୍ଦପୁର, କୁନ୍ଦୁରା,ବୋରିଗୁମ୍ମା ଓ ଅନ୍ୟ ବ୍ଲକ୍‌ଗୁଡ଼ିକରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

# 'ଯୁବଶକ୍ତି ହେଉଛନ୍ତି ରାଜ୍ୟର ଆଶା'

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଡିଏନ୍‌କେ ଖେଳ ପଡିଆଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସ୍ଥିତ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଯୁବକମାନଙ୍କୁ କହିଥିଲେ, ଯୁବ ଶକ୍ତି ହେଉଛନ୍ତି, ଆମ ରାଜ୍ୟର ଆଶା ଓ ପ୍ରଭାବଶାଳୀ ସମାଜ ଗଠନର ଆଧାର । ସେମାନେ ହେଉଛନ୍ତି ସୃଜନାତ୍ମକ ଓ ଉତ୍ସାହର ସଂଗମ । ବିକଶିତ ଓଡିଶାର ନିର୍ମାଣ ପାଇଁ ସମସ୍ତେ ସଂକଳ୍ପ ନେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପରସ୍ପର ମଧ୍ୟରେ ଭାଇଚାରା ଓ ସଦ୍ ଭାବନାକୁ ଅକ୍ଷୁର୍ଣ୍ଣ ରଖି ସମାଜର ତୃଣମୂଳସ୍ତରରୁ ଆରମ୍ଭକରି ସମସ୍ତଙ୍କ ଉନ୍ନତି ପାଇଁ ଏକ ମନରେ ଚିନ୍ତା କରିବା ଓ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଉପାଧ୍ୟାୟ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲାପାଳ (ରାଜସ୍ୱ)ବେଦବର ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇକିରଣ, ଉପଜିଲାପାଳ ଅଶ୍ୱନି ଏ.ଏଲ୍. ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ପୋଲିସ ଆର୍‌ଆଇ ସତ୍ୟପ୍ରିୟ ବିଶ୍ୱାଳ ପରେଡ୍ ନେତୃତ୍ୱ ନେଇଥିବା ବେଳେ ସେକେଣ୍ଡ ଇନ୍ କମାଣ୍ଡ ଭାବେ ସରଜେଣ୍ଟ ବିଭୀଷଣ ଶବର ଉପସ୍ଥିତ ଥିଲେ। ୩୧ କଣ୍ଟିଜେଣ୍ଟ ପରେଡ୍‌ରେ ଭାଗ ନେଇଥିଲେ ସହକାରୀ କମାଣ୍ଡାଣ୍ଟ ସୁରେଶ ଚନ୍ଦ୍ର ପାତ୍ର, ଡିଏସ୍‌ପି ଓନାମ ଲାକ୍ରା ପରେଡ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟ ହାଣ୍ଡବଲ ଚାମ୍ପିୟନ୍‌ଶିପ୍‌ରେ ଭାଗ ନେଇଥିବା ସିନ୍ଧିମାଳ କସ୍ତୁରବା ଗାନ୍ଧୀ ବାଳିକା



ଜିଲାସ୍ତରୀୟ ଉତ୍ସବରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଭିବାଦନ ଗ୍ରହଣ କରୁଛନ୍ତି।

## ଜିଲା, ବ୍ଲକ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ

ବିଦ୍ୟାଳୟର ଛାତ୍ରୀ ବିଭୂତି ମୁଣ୍ଡାଗୁଡିଆଙ୍କୁ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ, ଛାତ୍ର ତଥା ପରେଡରେ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଜିଲାପାଳ ମୁଖ୍ୟା ଚିକିତ୍ସାଳୟକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ଜିଲାର ୭ ବ୍ଲକର ସଦର ମହକୁମାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ବିଡିଓ, କର୍ମଚାରୀ, ଛାତ୍ରୀଛାତ୍ର, ଏବଂ ବ୍ଲକ ଅଧକ୍ଷା, ଅଧକ୍ଷାମାନେ ଯୋଗ ଦେଇଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ, ବେସରକାରୀ ଅନୁଷ୍ଠାନ, ମାଲକାନଗିରି ୟୁନିଅନ ଅଫ ଜର୍ନାଲିଷ୍ଟ, ଉତ୍କଳ ସାମ୍ବାଦିକ ସଂଘ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

# ଜିଲାପାଳ, ଏସ୍‌ପି ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍

ମାଲକାନଗିରି, ୧୬।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ପ୍ରଶାସନ ଏକାଦଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚଙ୍କ ନେତୃତ୍ୱରେ ପୋଲିସ ଏକାଦଶ ଟିମ୍ ଏଥିରେ ଭାଗ ନେଇଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ବେଦବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚକୁ ଜିଲା କ୍ରୀଡା ଅଧିକାରୀ ଅଜୟ ମାଣ୍ଡାଙ୍ଗି ଆୟୋଜନ କରିଥିଲେ । ଜିଲା କ୍ରୀଡା ସଂଘ ସମ୍ପାଦକ ରାମହରି ପଣ୍ଡା ଓ ସହ ସମ୍ପାଦକ ଗୋପୀକୃଷ୍ଣ ପଟ୍ଟନାୟକ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ। ପ୍ରଶାସନ ଏକାଦଶ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ଖଣି ଅଧିକାରୀ ସତ୍ୟେନ୍ଦ୍ର ସରଦାର, ଭଗତ ନାୟକ, ସହାୟକ ଜିଲାପାଳ ମୁନା ଡୁରୁକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ପୋଲିସ୍ ଏକାଦଶ ପକ୍ଷରୁ ଆର୍‌ଆଇ ସତ୍ୟପ୍ରିୟ ବିଶ୍ୱାଳ, ଡିଏସ୍‌ପି ଓନାମ୍ ଲାକ୍ରା, ଆଇଆଇସି ରିଗାନ କିଣ୍ଡୋ, କୁମୁଦ ପ୍ରଧାନ, ବିଭୀଷଣ ଶବରଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଭାଗ ନେଇଥିଲେ।


ଖେଳାଳିଙ୍କ ସହ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପରିଚିତ ହେଉଛନ୍ତି।

**WANTED**
Experienced **ELECTRICAL SITE ENGINEERS** with **AutoCad Skills** for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
**Contact Person**
**Abinash Rautaray : 63713 82526**

## ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

# ଆଗାମୀ ଦିନରେ ଆମ ରାଜ୍ୟ, ଜିଲା ବିକାଶର ଶିଖର ଛୁଇଁବ

କୋରୁକୋଣ୍ଡା/ପଡ଼ିଆ/ମାଲକାନଗିରି/ଚିତ୍ରକୋଣ୍ଡା, ୧୬।୮ (ଶିବଦତ୍ତ ସାହୁ/ ଭାସ୍କର ରାଓ/ ଗୌରି ଶଙ୍କର ପଣ୍ଡା/ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ବାଲିମେଲା ଏନ୍‌ଏସିରେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କ ନେତୃତ୍ୱରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ନଗରପାଳ ପ୍ରଦୀପ କୁମାର ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଉପାଧକ୍ଷା ରଶ୍ମିତା ବାଙ୍କା, କାଉନସିଲର ମନୋଜ ଦେବ ପାଙ୍ଗୀ, ବିମଳ ବେହେରା, ଜ୍ୟୋତିରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ, ମଙ୍ଗୁଳି ହିଆଲ, ଦେବେନ୍ଦ୍ର କୁମାର ଦାସ, କୃଷ୍ଣ ବାଘ,ଡୁଳାମଣି ଛତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଥାନା, ବ୍ୟାଙ୍କ, ବଣିକ ସଂଘ,ଜଳବିଦ୍ୟୁତ୍ କାର୍ଯ୍ୟାଳୟ ଆଦିରେ ଏହି ଦିବସ ପାଳନ କରାଯାଇଥିଲା। ସେହିପରି କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ବିଡିଓ ଅମୂଲ୍ୟ କୁମାର ସାହୁଙ୍କ ନେତୃତ୍ୱରେ ଦିବସ ପାଳନ ହୋଇଛି। ବ୍ଲକ୍ ଅଧକ୍ଷ ଜିତୁ ବୁରୁଡି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ପଡ଼ିଆ ବ୍ଲକ୍‌ରେ ବିଡିଓ ଅଶ୍ୱିନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆଞ୍ଚଳିକ କଲେଜ ଖେଳ ପଡ଼ିଆରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ କଲ୍ୟାଣ ବିଶ୍ୱାସ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏମ୍‌ପି ପ୍ରତିନିଧି ପି.ଭେଙ୍କଟଶ୍ୱର ରାଓ,ଜିଲା କ୍ରିକେଟ ଆସୋସିଏସନ ସଭାପତି ଏମ୍‌ଡି ଫାରୁକ, ସିଡିପିଓ ରୀନାରାଣୀ ରାଉତ, ଭାଜପା ମଣ୍ଡଳ ସଭାପତି କୋଟାମ ବାଲାୟା, ବିଜେଡି ବ୍ଲକ ସଭାପତି ଚିନାମ ରବୀଟ କୁମାର ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ନୀହାର ରାୟ, ଜିଲା ଯୁବ ଭାଜପା ସଭାପତି ରତନ ବଣିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ମାଡକାମୀ କହିଥିଲେ, ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବୀତ। ଦେଶ ବର୍ତ୍ତମାନ ବିକାଶଧାରାରେ ଆଗକୁ ବଢିଛି। ଆଗାମୀ ଦିନରେ ଦେଶ ସହ ଆମ ରାଜ୍ୟ ଓ ଜିଲା ମଧ ବିକାଶର ଶିଖର ଛୁଇଁବ। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ମନୋଜ ସାହା, ରାହୁଲ ଗୋଲରି, ଦିଲୀପ ପଟ୍ଟନାୟକ, ମାଣିକ ବାଛଡ, ପଙ୍କଜ ଖରା, ନିର୍ମଳ ଏକା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ନୀହାର ରାୟ, ଜିଲା ଯୁବ ଭାଜପା ସଭାପତି ରତନ ବଣିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ମାଡକାମୀ କହିଥିଲେ, ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବିତ। ଦେଶ ବର୍ତ୍ତମାନ ବିକାଶଧାରାରେ ଆଗକୁ ବଢିଛି। ଆଗାମୀ ଦିନରେ ଦେଶ ସହ ଆମ ରାଜ୍ୟ ଓ ଜିଲା ମଧ ବିକାଶର ଶିଖର ଛୁଇଁବ। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ମନୋଜ ସାହା, ରାହୁଲ ଗୋଲରି, ଦିଲୀପ ପଟ୍ଟନାୟକ, ମାଣିକ ବାଛଡ, ପଙ୍କଜ ଖରା, ନିର୍ମଳ ଏକା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମଧ୍ୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।


ବାଲିମେଲା ଏନ୍‌ଏସିରେ ଆୟୋଜିତ କାର୍ଯ୍ୟକ୍ରମରେ ନଗରପାଳ ପ୍ରଦୀପ କୁମାର ନାୟକ ଓ ଅନ୍ୟମାନେ ।

GOVERNMENT OF ODISHA No.A-506
DEPARTMENT OF WATER RESOURCES
O/o THE CHIEF ENGINEER AND BASIN MANAGER,
MAHANADI BASIN, AT-BURLA, DISTRICT-SAMBALPUR, PIN-768017
E-mail Id - cebmumbburla@gmail.com
'e' Procurement Notice No-CE & BM-MB-15/2025-2026 (Online)
BID IDENTIFICATION NO-CE & BM-MB-15/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Kebar Canal Section, Barpali Irrigation Division, Barpali) |
| 2 | No of works | : | One (01) number |
| 3 | Class of contractor | : | "Special Class" and "Super Class" |
| 4 | Bid Identification No | : | CE&BM-MB-15/2025-2026 (Online) |
| 5 | Estimated cost | : | Rs.21.13 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 20.08.2025 at 11.30 A.M. to Dated - 09.09.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 09.09.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 10.09.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager,
Mahanadi Basin, Burla
OIPR-32508/11/0024/2526

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST/OT/CCTV/ORH/KUR/488, ତା.09.08.2025ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଦୂରସଂଘର ଉପକରଣର ଉନ୍ନୟନ, OHE ଓ PSI ଡିପୋରେ CCTV ସଂସ୍ଥାପନ, ଡିସ୍‌ପ୍ଲେ ଏବଂ ସାର୍ବଜନୀନ ଘୋଷଣା ପ୍ରଣାଳୀର ବ୍ୟବସ୍ଥା, RPF ପୋଷ୍ଟ ଏବଂ କାର୍ଯ୍ୟାଳୟ ନିମନ୍ତେ ଦୂରସଂଘର କାର୍ଯ୍ୟ, ତଥା ଦୂରସଂଘର ଉପକରଣ ଓ ଯନ୍ତ୍ରପାତିର ଯୋଗାଣ।
**ଟେଣ୍ଡର ମୂଲ୍ୟ :** ₹ 5,71,98,454.54, EMD : ₹ 4,36,000/-
ବିଡ୍ ଆରମ୍ଭ ହେବା ତାରିଖ : ତା.18.08.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.09.2025ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-480/Q/25-26

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍
OHPC
ISO 9001-14001 18001 Certified
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN : 764 051
Phones : 06861-291058(O)/291048(R)<E mail - bhep.balimela@gmail.com>/unit.head_balimela@yahoo.com
REGISTERED OFFICE : ODISHA HYDRO POWER CORPORATION LIMITED.
(A Government of Odisha Undertaking)
BHOI NAGAR, JANPATH, BHUBANESWAR - 751022
Tel. : 91 0674-2542983, 2542802, 2545526, 2542826, GRAM : HYDROPOWER,
e-mail : ohpc.co@gmail.com / md@ohpcltd.com, WEB : www.ohpcltd.com / CIN : U40101OR1995SGC003963
NOTICE INVITING TENDER NO. 30/2025-26 DATED 12.08.2025
No.CAD-1450 : Sealed Tenders are invited in two-part basis i.e. (a) Techno-Commercial bid & (b) Price-bid from the registered Security Agencies who fulfill the eligibility criteria as per the tender specification for the work as mentioned below.

| SL. NO. | DESCRIPTION OF SERVICES | COST OF TENDER PAPER (Non-refundable) in Rs. | EMD | PERIOD OF AVAILABILITY OF TENDER AT OHPC WEBSITE | LAST DATE & TIME OF RECEIPT OF TENDER | DATE & TIME OF OPENING OF TECHNO COMMERCIAL BID |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Engagement of security personnel in BHEP, Balimela for a period of two years | Rs.11,800/- (Rs.10,000/- + GST 18%) | Rs.4,50,000/- | 20.08.2025 to 11:00 Hrs. on 08.09.2025 | up to 13:00 Hrs. on dated 08.09.2025 | 17:00 Hrs. on dated 08.09.2025 |

For details of the tender documents, terms & conditions please visit our website www.ohpcltd.com
OIPR-04019/11/0110/2526
Sd./- Unit Head, BHEP, Balimela


ମାଲକାନଗିରି ଜିଲା ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳନ ଅବସରରେ କୁନିକୁନି ପିଲାମାନେ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଉତ୍ସବ ପାଳନ କରୁଛନ୍ତି । (ଫଟୋ-ଦୁର୍ଯ୍ୟୋଧନ ପାତ୍ର)

# ୭ କିଲୋ ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

କୋରୁକୋଣ୍ଡା, ୧୬।୮ (ଶିବଦତ୍ତ ସାହୁ)

ବାଲିମେଲା ସହରଠାରୁ ପ୍ରାୟ ୫ କି.ମି.ଦୂର ତଥା ନୀଳାକାମ୍ବେରୁ ପଞ୍ଚାୟତ ସୋର୍ଲକୋଣ୍ଡା ବ୍ୟାରେଜ ନିକଟରେ ୨ଜଣ ବ୍ୟକ୍ତି ଏକ ବାଇକ୍ ଯୋଗେ ୭ କିଲୋ ଗଞ୍ଜେଇ ନେଇ ଯାଉଥିବା ବେଳେ ଓର୍କେଲ ପୋଲିସ ହାବୁଡ଼ରେ ଧରାପଡ଼ିଛନ୍ତି। ତେବେ ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଭି -୨୫ ଗ୍ରାମର ରାଖାଲ ବାଲା(୪୫), ଜୀଉଟିପାଲ୍ଲୀ ଗ୍ରାମର ଭୀମା ପଡିୟାମି(୫୦)।

ପୋଲିସ ସୂଚନା ଅନୁଯାୟୀ, ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସୋର୍ଲକୋଣ୍ଡା ବ୍ୟାରେଜ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ବ୍ୟକ୍ତି ଏକ ଜରି ବ୍ୟାଗ୍‌ରେ କିଛି ସାମଗ୍ରୀ ନେଇ ଦ୍ରୁତଗତିରେ ଯାଉଥିବା ଦେଖି ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ପାଖରେ ଥିବା ବ୍ୟାଗ୍‌ରେ ପ୍ରାୟ ୭ କିଲୋ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲା। ଘଟଣାସ୍ଥଳରୁ ପୋଲିସ ଉକ୍ତ ବାଇକ୍ ସହ ଗଞ୍ଜେଇ ଜବତକରି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫକରି ଥାନାକୁ ଆଣିଥିଲେ। ଏନେଇ ନଂ.୨୨୦/୨୫ରେ ମାମଲା ରୁଜୁକରି ଦୁଇ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

CAD - 1496
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
**ଆପଣ ଜାଣନ୍ତି କି ?**
- କୌଣସି ପ୍ଲଟେଡ ସ୍କିମ୍ ୫୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ।
- ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରାଯାଉଥିବା ପ୍ଲଟେଡ ସ୍କିମ୍ ପାଇଁ ଏହି ନିୟମ ପ୍ରଯୁଜ୍ୟ।
- ରେରା ପଞ୍ଜୀକରଣ ପୂର୍ବରୁ ଏହା ସ୍ଥାନୀୟ ପ୍ଲାନିଂ ଅଥରିଟିଙ୍କର ଅନୁମୋଦନ ଲାଭ କରିବା ବାଞ୍ଛନୀୟ।
- ରେରା ପଞ୍ଜୀକରଣ ନ ଥିଲେ କୌଣସି ପ୍ଲଟେଡ ସ୍କିମ୍‌ର ବିଜ୍ଞାପନ କିମ୍ବା ବିକ୍ରି ଏବଂ ଖର୍ଦ୍ଦି କରନ୍ତି ତେବେ ତାହା ଆଇନତଃ ଦଣ୍ଡନୀୟ। ଏଥିପାଇଁ ରେରା ଆଇନରେ ପ୍ରକଳ୍ପ ମୂଲ୍ୟର ସର୍ବୋଚ୍ଚ ୧୦% ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି।
- କୌଣସି ପ୍ରଲୋଭନର ବଶବର୍ତ୍ତୀ ହୋଇ ଅଣପଞ୍ଜୀକୃତ ପ୍ରକଳ୍ପରେ ସର୍ବଦା ଜମି କିଣିବାରୁ କ୍ଷାନ୍ତ ରୁହନ୍ତୁ।

ଆପଣଙ୍କ ଅଞ୍ଚଳରେ ଯଦି ଏପରି ପ୍ରକଳ୍ପ ନଜରରେ ଆସେ
ତେବେ ସେ ସଂକ୍ରାନ୍ତ ତଥ୍ୟ ରେରା କର୍ତ୍ତୃପକ୍ଷଙ୍କୁ ନିମ୍ନ ଠିକଣାରେ ଜଣାନ୍ତୁ।
**Secretary, Odisha RERA**
**Block-A1, 3rd Floor, Toshali Bhawan, Satya Nagar, Bhubaneswar-751007**
**Email: reraodisha@gmail.com**
ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ ଲଗଇନ କରନ୍ତୁ
**https://rera.odisha.gov.in**
OIPR-13223/11/0014/2526
"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"

**ଟ୍ରାକ୍ଟର-ବାଇକ ମୁହାଁମୁହିଁ ଧକ୍କା: ଜଣେ ମୃତ**

ଦଶମନ୍ତପୁର,(ଅରବିନ୍ଦ ନାୟକ)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ମହକୁମାସ୍ଥିତ ଆର୍‌କେ କଲେଜ୍ ନିକଟ ଖେଳ ପଡିଆ ପାର୍ଶ୍ୱରେ ଟ୍ରାକ୍ଟର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଟିକାମ୍ବ ପଞ୍ଚାୟତ ବନାସିଲ ଗ୍ରାମର ବାରିକ ମୁଦୁଲି(୨୯)ଙ୍କ ଶନିବାର ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ବାରିକ କୌଣସି କାର୍ଯ୍ୟରେ ଲୁଲ୍ଲା ପଞ୍ଚାୟତରୁ ଦଶମନ୍ତପୁର ଦେଇ ବାଇକ୍(ଓଆର-୧୦ ଡବ୍ଲ୍ୟୁ-୯୧୫୧) ଯୋଗେ ଗାଁକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର(ଓଡି-୧୦ଜି-୯୭୦୩)ସହ ମୁହାଁମୁହିଁ ଧକ୍କା ହୋଇ ବାରିକଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଟିମ୍ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

# ସାର ନ ମିଳିବାରୁ ସମବାୟ କାର୍ଯ୍ୟାଳୟ ଘେରିଲେ ଚାଷୀ

### ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ

କୋଟପାଡ଼,୧୬।୮(କେ.ରାଜଶେଖର ରାଓ)



ଚାଷୀ ସମବାୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

କୋରାପୁଟ ଜିଲା କୋଟପାଡ଼ରେ ଚଳିତ ଖରିଫ ଚାଷ ଧାନ ରୁଆ କାର୍ଯ୍ୟ ସରି ଆସୁଥିବା ବେଳେ ଅଞ୍ଚଳରେ ସାରର ଅଭାବ ଦେଖା ଦେଇଛି। ଶନିବାର ଚାଷୀମାନେ ସମବାୟ କାର୍ଯ୍ୟାଳୟ ଘେରିବା ସହ କେନ୍ଦୁଗୁଡା ଛକ ୬୩ ନଂ ଜାତୀୟ ରାଜପଥକୁ ୧୭ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ୫ ଘଣ୍ଟା ଧରି ଅବରୋଧ କରିଥିଲେ। ସ୍ଥାନୀୟ ତହସିଲଦାର ତ୍ୱିଙ୍କେଲ ସେଠୀ ପହଞ୍ଚି ସମବାୟ ବିଭାଗ ଓ ଚାଷୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। କୋଟପାଡ଼ ସମବାୟ ବିଭାଗ ପକ୍ଷରୁ ଆବଶ୍ୟକ ପରିମାଣରେ ସାର ଯୋଗାଇ ନ ଥିବାରୁ ଚାଷୀ କାର୍ଯ୍ୟାଳୟ ଆସି ସାର ନ ପାଇ ନିରାଶ ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛିଦିନ ହେବ ବିଭାଗକୁ ଆବଶ୍ୟକ ପରିମାଣରେ ସାର ଆସିପାରୁ ନ ଥିବାରୁ ବିଭାଗରେ ଋଣ କରିଥିବା ଚାଷୀଙ୍କୁ ସାର ବଣ୍ଟନ ପରେ ଅନ୍ୟମାନଙ୍କୁ ସାର ମିଳିପାରୁନାହିଁ। ଚାଷୀଙ୍କ ଆଧାର କାର୍ଡ ମାଧ୍ୟମରେ ୨ ବସ୍ତା ସାର ଦିଆଯାଉଛି। ଯାହା ଚାଷୀଙ୍କ ପାଇଁ କମ୍ ପରିମାଣର। ବିଭାଗରେ ସରକାରୀ ଦର ୟୁରିଆ ୫୦ କେଜିକୁ ୩ଶହ ଟଙ୍କା ନିଆଯାଉଛି। ଗ୍ରାମାଞ୍ଚଳରେ ସାର ବେପାରୀ ପୂର୍ବରୁ ଗଚ୍ଛିତ କରି ରଖିଥିବା ସାର ୫ଶହରୁ ୭ଶହ ଟଙ୍କାରେ ବିକ୍ରି କରୁଥିବା ଚାଷୀ ଅଭିଯୋଗ କରୁଛନ୍ତି। କେତେକ ପଞ୍ଚାୟତରେ ୯ଶହ ଟଙ୍କାରେ ସାର ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳଗୁଡ଼ିକରେ ବିନା ସ୍ୱୀକୃତିପ୍ରାପ୍ତ ସାର ଦୋକାନଗୁଡ଼ିକୁ କୃଷି ବିଭାଗ ପକ୍ଷରୁ ଯାଞ୍ଚ କରାଯାଉ ନ ଥିବାରୁ ସାରର କଳା ବଜାର ହେଉଥିବା ଚାଷୀ କହିଛନ୍ତି। କୋଟପାଡ଼କୁ ଆସୁଥିବା ସାର ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳକୁ ଚାଲାଣ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଚଳିତବର୍ଷ ମକା ଚାଷ ପାଇଁ ଠିକ ସମୟରେ ୟୁରିଆ ନ ଦେଲେ ଚାଷ ନଷ୍ଟ ହେବା ସମ୍ଭାବନା ରହିଛି। ସମବାୟ ବିଭାଗରୁ ଆବଶ୍ୟକ ପରିମାଣରେ ସାର ନ ମିଳିବାରୁ ବାଧ ହୋଇ କଳା ବେପାରୀମାନଙ୍କଠାରୁ ଚଢ଼ା ଦରରେ କିଣୁଥିବା କେତେକ ଚାଷୀ କହିଛନ୍ତି। ବିନା ଲାଇସେନ୍ସ ଦୋକାନଗୁଡ଼ିକରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଆବଶ୍ୟକ ପରିମାଣ ସାର ଯୋଗାଇବାକୁ ଚାଷୀ ଦାବି କରିଛନ୍ତି। କୋଟପାଡ଼ରେ ସାର ଅଭାବ ନେଇ ୭ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ତହସିଲଦାର ସେଠୀ ସମବାୟ ବିଭାଗ କାର୍ଯ୍ୟାଳୟ ଗସ୍ତ କରି ଚଷୀଙ୍କ ଜମିପଟ୍ଟା ଦେଖି ଆବଶ୍ୟକ ପରିମାଣର ସାର ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଚାଷୀଙ୍କୁ ଆଧାର କାର୍ଡ ମାଧ୍ୟମରେ ସାର ଦିଆଯାଉଛି। ୩ ଦିନ ପୂର୍ବେ ସାର ଆସିଥିବା ବେଳେ ଚାଷୀ ୧୦ ଘଣ୍ଟା ଅପେକ୍ଷା କରି ସାର ନେଇଥିଲେ। ଶନିବାର ସାର ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଚାଷୀ ସକାଳ ୬ଟାରୁ ସମବାୟ କାର୍ଯ୍ୟାଳୟ ଯାଇ ପୂର୍ବାହ୍ନ ୧୦ଟା ଯାଏ ଅପେକ୍ଷା କରିଥିଲେ ସୁଦ୍ଧା ସାର ମିଳି ନ ଥିଲା। ଏହାପରେ ଚାଷୀ ଉତ୍ୟକ୍ତ ହୋଇ କାର୍ଯ୍ୟାଳୟ ଘେରାଉ କରିଥିଲେ। ବର୍ତ୍ତମାନ ୧,୭୦୦ ବସ୍ତା ସାର ଥିବା, ୧୭ ପଞ୍ଚାୟତରେ ୧୦୦ ବସ୍ତା ପହଞ୍ଚାଇ ଦିଆଯିବ। ଆବଶ୍ୟକ ପଡ଼ିଲେ ଅଧିକ ସାର ଯୋଗାଇ ଦିଆଯିବ ବୋଲି ବିଭାଗ ପ୍ରତିଶ୍ରୁତି ଦେବା ପରେ ଚାଷୀ ଜାତୀୟ ରାଜପଥରୁ ଉଠିଥିଲେ। କିନ୍ତୁ ଖବର ଲେଖା ଯିବା ସୁଦ୍ଧା ଚାଷୀ ସମବାୟ ବିଭାଗ କାର୍ଯ୍ୟାଳୟରୁ ହଟି ନ ଥିବା ଦେଖାଦେଇଛି।

# ଶିକ୍ଷାର ବିକାଶ ନେଇ ଦେଢ଼ କୋଟି ଅନୁଦାନ

ଉମରକୋଟ, ୧୬।୮(ସନ୍ତୋଷ ଶତପଥୀ)



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଓ ଅନ୍ୟମାନେ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଶନିବାର ନବରଙ୍ଗପୁର ଜିଲାର ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରିଥିଲେ। ବ୍ଲକ୍‌ର ୧୦ ବିଦ୍ୟାଳୟ, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ମୋଟ ୧କୋଟି ୪୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି। ବ୍ଲକ୍‌ର ଦରଗାଗୁଡ଼ା, ଭିତରଗୁଡ଼ା, ନୁଆଗୁଡ଼ା, ମେନ୍ଦାବେଡ଼ା, ବଡ଼ବାସିନୀ, ଭାଲୁଗୁଡା, ବୁର୍ଜା, କେଶରୀବେଡଡ଼, ଚନ୍ଦ୍ରପୁରୀ ଗାଁରେ ମନ୍ତ୍ରୀ ଗଣ୍ଡ ଅତିରିକ୍ତ ଶ୍ରେଣୀଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍‌ର ଅନେକ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ରହିଥିଲା। କେତେକ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ଶତାଧିକ ପିଲାଙ୍କୁ ନେଇ ଶିକ୍ଷାଦାନ କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ମନ୍ତ୍ରୀ ବ୍ଲକ୍‌ର ପ୍ରାୟ ୧୦ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁଦାନ ଦେଇଛନ୍ତି। ଆଗାମୀ ଦିନରେ ଶିକ୍ଷାର ବିକାଶ ପାଇଁ ଆହୁରି ଚେଷ୍ଟା କରାଯିବ ବୋଲ ଏମ୍‌ପି ବଳଭଦ୍ର ମାଝୀ କହିଛନ୍ତି। ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଏମ୍‌ପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ପୌରାଧ୍ୟକ୍ଷ ରାଧା ଭତ୍ରା, ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ମାଝୀ, ବିଡିଓ ମନୋଜ କୁମାର ମେହେର, ପୌର ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ, କନିଷ୍ଠ ଯନ୍ତ୍ରୀ ରୁଦ୍ର ପାତ୍ର, ବୈଷୟିକ ପରାମର୍ଶଦାତା ମନୋରଞ୍ଜନ ଭୋଇ ଏବଂ ବିଜେଡି ନେତା ଦେବିସିଂ ମାଝୀ, ମନ୍ଦିରା ନାୟକ, ପ୍ରଭାତ ନାୟକ, ସତ୍ୟ ବେହେରା, ମିଲୁ ପଣ୍ଡା, ବାଦଲ ପଟନାୟକ, ଜଟି ପଟନାୟକ, ମାନସିକ ଦାସ, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବୈଠକ

# ୧୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ନବରଙ୍ଗପୁର,୧୬।୮(ସଦାଶିବ ପ୍ରହରାଜ)



ବୈଠକରେ ଆଲୋଚନା କରାଯାଉଛି ।

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆସନ୍ତା ଅଗଷ୍ଟ ୧୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ଶନିବାର ରାଜ୍ୟ ସମ୍ପାଦକ ମହମ୍ମଦ ଜାଭେଦ ଅଖତାର ଅଧ୍ୟକ୍ଷତାରେ ନବରଙ୍ଗପୁର ସୁପରଭାଇଜରଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲା ଶାଖା ସଭାପତି ଶିବାନନ୍ଦ ରାଉତ, ଜିଲା ସମ୍ପାଦକ ବନମାଳୀ ନାୟକ ମଞ୍ଚାସୀନ ଥିଲେ। ରାଜ୍ୟବ୍ୟାପୀ ରାଜସ୍ୱ କ୍ଷେତ୍ର କର୍ମଚାରୀମାନଙ୍କୁ ଅଣ-ରାଜସ୍ୱ ଦାୟିତ୍ୱ ଦିଆଯାଉଛି ବୋଲି ରାଜ୍ୟ ସମ୍ପାଦକ କହିଥିଲେ। ଅଗଷ୍ଟ ୧୮ରୁ ୨ ଖାନା ସଂଶୋଧନ (ସି୨ସି) ଏବଂ ସମସ୍ତ ଅଣ-ରାଜସ୍ୱ କାର୍ଯ୍ୟ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ରୀୟ ଅଧିକାରୀ ସଂଘ ନିର୍ଦ୍ଦେଶନାମା ଅନୁଯାୟୀ ଏହି ଘୋଷଣା କରାଯାଇଛି। କର୍ମଚାରୀମାନେ ଏହାକୁ ସରକାରଙ୍କ ଅମାନବୀୟ ଚାପର ପ୍ରତିବାଦଭାବେ ବର୍ଣ୍ଣନା କରିଛନ୍ତି। କର୍ମଚାରୀମାନେ ସମ୍ବିଧାନର ଅନୁଚ୍ଛେଦ ୨୧ ଓ ୨୩ର ଉଲଂଘନ ହେଉଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତୱାରୀ ରାଜସ୍ୱ ମଣ୍ଡଳ ପୁନଃ ଗଠନ କରାଯାଇ ନୂତନ ପଦବୀ ପୂରଣ, ସହକାରୀ ରାଜସ୍ୱ ନିରୀକ୍ଷକ ସର୍ବନିମ୍ନ ଯୋଗ୍ୟତା ସ୍ନାତକ, ମୂଳ ଦରମା ଲେଭେଲ-୮କୁ ପରିବର୍ତ୍ତିତ କରିବା ଦାବି ହୋଇଛି। ଅଭିଯୋଗ ସମାଧାନ ନହେଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ରାଜ୍ୟର ସମସ୍ତ ଜିଲାରେ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି।

# ପାୱାର ଲିଫ୍ଟିଂରେ ସୁଙ୍କି ଏଏସ୍‌ଆଇଙ୍କୁ ସ୍ୱର୍ଣ୍ଣ ପଦକ

ପଟ୍ଟାଙ୍ଗି,୧୬।୮(ଶରତ କୁମାର ଧଳ)



ଏଏସ୍‌ଆଇ ବାବୁଲା ସାମଲ।

କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ୍ ଅଧୀନ ଆନ୍ଧ୍ର ସୀମାନ୍ତ ସୁଙ୍କି ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ବାବୁଲା ସାମଲ କେରଳର କୋଝିକୋଡ୍‌ରେ ଚାଲିଥିବା ଜାତୀୟସ୍ତରୀୟ ପାୱାର ଲିଫ୍ଟିଂରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଅଗଷ୍ଟ ୨ରୁ ୭ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ଏଏସ୍‌ଆଇ ସାମଲ ଓ କୋରାପୁଟର ଅବସରପ୍ରାପ୍ତ ଶିକ୍ଷକ ବଇବ କୁମାର ତାଣ୍ଡି ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତାଣ୍ଡି ରୌପ୍ୟ ପଦକ ଜିତିଛନ୍ତି। ଏଏସ୍‌ଆଇ ସାମଲ ସ୍କ୍ୱାଟ ୨୨୫ କେଜି(୧), ବେଞ୍ଚ୍ ପ୍ରେସ ୯୦କେଜି(୯) ଓ ଡେଡ୍ ଲିଫ୍ଟ ୨୨୨.୫କେଜି(୩) କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତାଣ୍ଡି ସ୍କ୍ୱାଟ ୧୪୫(୨), ବେଞ୍ଚ ପ୍ରେସ୍ ୧୧୭.୫କେଜି, ଡେଡ୍ ଲିଫ୍ଟ(୧) ୧୫୨. ୫କେଜି(୪) କରିଥିଲେ। ଏଏସ୍‌ଆଇ ସାମଲଙ୍କ ସଫଳତାରେ ରାଜ୍ୟ, ଜିଲା ପୋଲିସ ବିଭାଗ ଓ ସୁଙ୍କି ଥାନାରେ ଖୁସିର ଲହରି ଖେଳିଯାଇଥିଲା। ଏଏସ୍‌ଆଇ ସାମଲ କେରଳରୁ ଆସିବା ପରେ ଏଏସ୍‌ଆଇ ସାମଲଙ୍କୁ ଡିଆଇଜି ଡା.କନୱର ଭିସାଲ ସିଂ, ଏସ୍‌ପି ରୋହିତ ବର୍ମା, ଉପ ଆରକ୍ଷୀ ଅଧୀକ୍ଷକ ମୋନବ୍ରତା ଶତପଥୀ ଓ ସୁଙ୍କି ଥାନାଧିକାରୀ ଚତୁର୍ଭୁଜ ନାୟକ ସାଙ୍ଗାନା ପ୍ରମୁଖ ଅଧିକାରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

DSPL-208



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ସିଏମ୍ କିଷାନ

"ସିଏମ୍ କିଷାନ ଯୋଜନାର ହିତାଧିକାରୀ ମାନେ ଧ୍ୟାନ ଦିଅନ୍ତୁ"



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପିଏମ୍ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ସିଏମ୍ କିଷାନ ହିତାଧିକାରୀ (କ୍ଷୁଦ୍ର ଓ ନାମମାତ୍ର ଚାଷୀ) ମାନେ, ସିଏମ୍ କିଷାନ ଯୋଜନାର ସହାୟତା ଜାରି ରଖିବା ପାଇଁ ନିମ୍ନଲିଖିତ ବାଧ୍ୟତାମୂଳକ ଆବଶ୍ୟକତା ଗୁଡ଼ିକ ପୂରଣ କରନ୍ତୁ

**ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**
- ବ୍ୟାଙ୍କ୍ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲ୍ ରେ ପଞ୍ଜିକରଣ

**ପଞ୍ଜିକରଣର ଶେଷ ତାରିଖ**
**୦୭-୦୯ -୨୦୨୫**

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀ ମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ୍ (cmkisan.odisha.gov.in)ରେ ପଞ୍ଜିକରଣ କରାଇ ନିଅନ୍ତୁ

ଅଧିକ ସୂଚନା ପାଇଁ
ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

OIPR-01102/13/0028/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଉପରାଷ୍ଟ୍ରପତି ପ୍ରାର୍ଥୀ ଚୟନ ପାଇଁ ୧୯ରେ ଏନ୍‌ଡିଏ ଏମ୍‌ପିଙ୍କ ବୈଠକ

ନୂଆଦିଲ୍ଲୀ,୧୬।୮

ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆସନ୍ତା ମଙ୍ଗଳବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଉକ୍ତ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ପ୍ରାର୍ଥୀ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ଲାଗି ଏନ୍‌ଡିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟିତ୍ୱ ଦେଇଥିଲେ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଉଭୟ ସଦନର ଏନ୍‌ଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ମେଣ୍ଟର ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ବୈଠକରେ ଆଲୋଚନା ହେବ। ଉପରାଷ୍ଟ୍ରପତି ନିର୍ବାଚନ ଲାଗି ୨୧ ତାରିଖରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଥିବାବେଳେ ସେହିଦିନ ଏନ୍‌ଡିଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିପାରନ୍ତି।

### ଦ୍ୱିଭାଷୀ ମଡେଲରେ ନୂଆ ଶିକ୍ଷାନୀତି ଆଣିବ କର୍ନାଟକ

ବେଙ୍ଗାଲୁରୁ,୧୬।୮

ଜାତୀୟ ଶିକ୍ଷାନୀତି (ଏନ୍‌ଇପି)କୁ ବିରୋଧ କରି ତାମିଲନାଡୁ ସରକାର ରାଜ୍ୟ ପାଇଁ ନୂଆ ଶିକ୍ଷାନୀତି ଆଣିଥିବାବେଳେ କର୍ନାଟକ ସରକାର ଖୁବ୍‌ଶୀଘ୍ର ରାଜ୍ୟକୈନ୍ଦ୍ରିକ ଶିକ୍ଷାନୀତି ଆପଣାଇବାକୁ ଯାଉଛନ୍ତି। ଏଥିପାଇଁ କେତେକ ପଦକ୍ଷେପ ସମ୍ପର୍କରେ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଘୋଷଣା କରିଛନ୍ତି। ଏନେଇ ପ୍ରଫେସର ସୁଖଦେଓ ଥୋରାଟଙ୍କ ଅଧ୍ୟକ୍ଷତାରେ ଗଠିତ ଆୟୋଗ ଗତ ୮ ତାରିଖରେ ରିପୋର୍ଟ ଦାଖଲ କରିଛି। ଏଥିରେ ସ୍କୁଲ୍‌ଗୁଡ଼ିକ ପାଇଁ ଦ୍ୱିଭାଷୀ ମଡେଲ ନିମନ୍ତେ ସୁପାରିସ କରାଯାଇଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କନ୍ନଡ କିମ୍ବା ମାତୃଭାଷା ମାଧ୍ୟମରେ ପାଠ ପଢ଼ାଯିବ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ବଦଳରେ ସ୍ୱତନ୍ତ୍ର ଶିକ୍ଷାନୀତି ଆଣିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଥିଲା। ତଦନୁଯାୟୀ ୨୦୨୩ ଅକ୍ଟୋବରରେ କମିଶନ ଗଢ଼ାଯାଇଥିଲା ବୋଲି ସିଦ୍ଧାରାମାୟା କହିଛନ୍ତି। ଚଳିତ ବର୍ଷ ୨,୫୦୦ କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ୫୦୦ କର୍ନାଟକ ପବ୍ଲିକ୍ ସ୍କୁଲ୍ (କେପିଏସ୍) ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

## ଦିଲ୍ଲୀରେ ଆଜି


ଜନ୍ମାଷ୍ଟମୀ ଅବସରରେ ନୂଆଦିଲ୍ଲୀସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରକୁ ରଙ୍ଗିନ ଆଲୋକରେ ସଜାଯାଇଛି। (ଫଟୋ- ଚମନ ଗୌତମ)

# ପାକ୍ ପାଇଁ ଗୁପ୍ତଚରଗିରି କରିଥିଲେ ଜ୍ୟୋତି

## ୨,୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କଲା ପୋଲିସ

ହିସାର, ୧୬।୮

ହରିୟାଣା ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଶନିବାର ହିସାରର ଏକ ସ୍ଥାନୀୟ କୋର୍ଟରେ ୟୁଟ୍ୟୁବର ଜ୍ୟୋତି ମାଲ୍‌ହୋତ୍ରାଙ୍କ ବିରୋଧରେ ୨,୫୦୦ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଗିରି କରୁଥିବା ନେଇ ଠୋସ୍ ପ୍ରମାଣ ମିଳିଛି ବୋଲି ଉକ୍ତ ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ଜ୍ୟୋତି ଲମ୍ବା ସମୟ ଧରି ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିଲେ। ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ପୂର୍ବତନ ଅଧିକାରୀ ଦାନିଶ ଅଲ୍ଲୀଙ୍କ ସହ ତାଙ୍କର ସମ୍ପର୍କ ଥିଲା। ଆଇଏସ୍‌ଆଇ ଏଜେଣ୍ଟ ଶାକିର, ହସନ ଅଲ୍ଲୀ, ନାସି ଢିଲ୍ଲୋଙ୍କ ସହ ମଧ୍ୟ ସେ ସମ୍ପର୍କରେ ଥିଲେ। ଚାର୍ଜଶିଟ୍ ଅନୁଯାୟୀ, ଜ୍ୟୋତି ୨୦୨୪ ଏପ୍ରିଲ ୧୭ରେ ପାକିସ୍ତାନ ଯାଇ ମେ' ୧୫ରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ କରତାରପୁର କରିଡର ଦେଇ ପାକିସ୍ତାନ ଯାଇଥିଲେ


ଜ୍ୟୋତି ମାଲ୍‌ହୋତ୍ରା

ଏବଂ ପାକିସ୍ତାନର ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ଝିଅ ମରିୟମ ନୱାଜଙ୍କୁ ଭେଟି ତାଙ୍କର ସାକ୍ଷାତ୍‌କାର ନେଇଥିଲେ। ପ୍ରକାଶ ଯେ, ଗତ ମେ' ୧୬ରେ ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ହିସାର ପୋଲିସ ଜ୍ୟୋତିଙ୍କୁ ଗିରଫ କରିଥିଲା।

# ଟ୍ରମ୍ପ୍-ପୁଟିନ୍ ଆଲୋଚନାରେ ଯୁଦ୍ଧ ବନ୍ଦ ନେଇ ଚୁକ୍ତିନାମା ହେଲାନି

## ବୁଝାମଣା ହୋଇଥିବା କହିଲେ ପୁଟିନ୍

ୱାଶିଂଟନ,୧୬।୮

ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଶୁକ୍ରବାର ବହୁପ୍ରତୀକ୍ଷିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ତେବେ ୟୁକ୍ରେନ୍‌ରେ ରୁଷିଆ ଯୁଦ୍ଧ ବନ୍ଦ ଲାଗି ଉଭୟ ନେତା କୌଣସି ଚୁକ୍ତିନାମାରେ ପହଞ୍ଚି ନ ଥିବା ବୈଠକ ଶେଷରେ ଟ୍ରମ୍ପ୍ କହିଛନ୍ତି। ତେବେ ସେମାନେ ଏକ ବୁଝାମଣାରେ ପହଞ୍ଚିଥିବା ପୁଟିନ୍ କହିଛନ୍ତି। ଉଭୟ ନେତା ପରସ୍ପରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ପୁଟିନ୍‌ଙ୍କ ସହ ଆଲୋଚନା ପରେ ଟ୍ରମ୍ପ୍ ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ କଥା ହେବା ସହ ନାଟୋ ନେତାମାନଙ୍କୁ ଆଲୋଚନା ସମ୍ପର୍କରେ ଅବଗତ କରାଇଛନ୍ତି। ପୁଟିନ୍‌ଙ୍କୁ ସ୍ୱାଗତ ପାଇଁ ରେଡ୍ କାର୍ପେଟ ବିଛାଯାଇଥିଲେ ମଧ୍ୟ



ଆଲାସ୍କାର ଜଏଣ୍ଟ ବେସ୍ ଏଲ୍‌ମେଣ୍ଡୋର୍ଫ-ରିଚାର୍ଡସନ୍‌ଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଲୋଚନା କରୁଛନ୍ତି।

ରୁଷିଆ ଯୁଦ୍ଧ ବନ୍ଦ ନେଇ କୌଣସି ରାଜିନାମା ହୋଇପାରି ନ ଥିବା ଟ୍ରମ୍ପ୍ କହିଛନ୍ତି। ଆଲାସ୍କା ଛାଡ଼ିବା ପରେ ଏକ ନ୍ୟୁଜ୍ ଚ୍ୟାନେଲକୁ ସେ କହିଥିଲେ, ଯୁଦ୍ଧବିରତି କରାଇବା ଦାୟିତ୍ୱ ଏବେ ଜେଲେନ୍‌ସ୍କିଙ୍କୁ ଉପରକୁ ଯାଉଛି। ଏଥିରେ ୟୁରୋପୀୟ ଦେଶଗୁଡ଼ିକର ସମ୍ପୃକ୍ତି ରହିବ।

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୩.୫ ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଟ୍ରମ୍ପ୍-ପୁଟିନ୍ ସମିଟ୍ ସତ୍ତ୍ୱେ ଏହାକୁ ବନ୍ଦ କରିବା ନେଇ କୌଣସି ଚୁକ୍ତିନାମା ହୋଇପାରିନାହିଁ। ଜେଲେନ୍‌ସ୍କି ସୋମବାର ୱାଶିଂଟନ ଯାଇ ଟ୍ରମ୍ପ୍‌ଙ୍କୁ ଭେଟିବେ ବୋଲି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି ନୁହେଁ, ଶାନ୍ତି ଚୁକ୍ତିନାମା ସବୁଠୁ ଭଲ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ରୁଷିଆ ମଧ୍ୟ ସାମୟିକ ଯୁଦ୍ଧବିରତିରେ ଆଗ୍ରହୀ ନ ଥିବା ପୁଟିନ୍‌ଙ୍କ ଉକ୍ତିକୁ ଟ୍ରମ୍ପ୍ ଦୋହରାଇଛନ୍ତି। ଆଲାସ୍କା ସମିଟ୍‌କୁ ଜେଲେନ୍‌ସ୍କିଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା ବେଳେ ଶନିବାର ଟ୍ରମ୍ପ୍ ତାଙ୍କ ସହ ଦୀର୍ଘ ସମୟ କଥା ହୋଇଥିଲେ ଓ ୱାଶିଂଟନ ଆସିବାକୁ ଆମନ୍ତ୍ରଣ କରିଥିଲେ। ଯୁଦ୍ଧ ଓ ହତ୍ୟାକାଣ୍ଡ ବନ୍ଦ ପାଇଁ ସବିଶେଷ ଆଲୋଚନା ହେବ ବୋଲି ଟ୍ରମ୍ପ୍ କହିଥିବାରୁ ଜେଲେନ୍‌ସ୍କି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ସୂଚନାଯୋଗ୍ୟ, ଆଲାସ୍କାରେ ପୁଟିନ୍ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରମ୍ପ୍ ପୁଟିନ୍‌ଙ୍କ ସହ କରମର୍ଦ୍ଦନ କରିବା ପରେ ଉଭୟଙ୍କ ମଧ୍ୟରେ ୨.୫ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଯୁଦ୍ଧ ବନ୍ଦ ନେଇ ଶୀର୍ଷ ଉପଦେଷ୍ଟାମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ଆଲୋଚନାରୁ ୟୁକ୍ରେନ୍ ଓ ୟୁରୋପୀୟ ନେତାଙ୍କୁ ବାଦ୍ ଦିଆଯାଇଥବାରୁ ଜେଲେନ୍‌ସ୍କି ପୂର୍ବରୁ ଏହାକୁ ବିରୋଧ କରିଥିଲେ। ସମସ୍ତେ ଯୁଦ୍ଧର ସାଧୁତାପୂର୍ଣ୍ଣ ବନ୍ଦ ଚାହାନ୍ତି। ଯୁଦ୍ଧ ବନ୍ଦ ପାଇଁ ଯଥାସମ୍ଭବ ଫଳପ୍ରଦ କାର୍ଯ୍ୟ କରିବାକୁ ୟୁକ୍ରେନ୍ ପ୍ରସ୍ତୁତ। ଯୁଦ୍ଧ ବନ୍ଦ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଉ ନ ଥିବାରୁ ଏହା ଜାରି ରହିଛି। ଯୁଦ୍ଧବନ୍ଦ ପ୍ରସ୍ତୁତି ନେଇ ମସ୍କୋ ପକ୍ଷରୁ କୌଣସି ସଙ୍କେତ ଦିଆଯାଇ ନ ଥିବା ଜେଲେନ୍‌ସ୍କି କହିଥିଲେ।

### ଭାରତ ଉପରେ ଅତିରିକ୍ତ ଟାରିଫ୍ ଲଗାଇ ନ ପାରେ ଆମେରିକା

ନ୍ୟୁୟର୍କ,୧୬।୮(ପି.ଟି.)

ରୁଷିଆଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଅତିରିକ୍ତ ଟିକସ ନ ଲଗାଇପାରେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟମ୍ପ୍ ସଙ୍କେତ ଦେଇଛନ୍ତି। ଆମେରିକା ଅତିରିକ୍ତ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ ଭାରତ କ୍ଷତିଗ୍ରସ୍ତ ହୋଇଥାନ୍ତା ବୋଲି ଆଶଙ୍କା କରାଯାଉଥିଲା। ତେବେ ଏତେଶୀଘ୍ର ରୁଷିଆ ଓ ଏହାର ବାଣିଜ୍ୟ ସହଯୋଗୀଙ୍କ ଉପରେ ଅତିରିକ୍ତ ଟାରିଫ୍ ଲଗାଯାଉ ନାହିଁ। ୨ରୁ ୩ ସପ୍ତାହ ମଧ୍ୟରେ ଏହାର ପୁନର୍ବିଚାର କରିବେ ବୋଲି ଟ୍ରମ୍ପ୍ କହିଥିବାରୁ ଭାରତ ପାଇଁ ଆଶ୍ୱସ୍ତି ଆଣିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଆଲୋଚନା ପରେ ଟ୍ରମ୍ପ୍ ମସ୍କୋ ପ୍ରତି ତାଙ୍କ ଆଭିମୁଖ୍ୟକୁ କୋହଳ କରିଥିବା ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଲାସ୍କା ସମିଟ୍ ଠିକ୍‌ଠାକ୍ ଚାଲିଥିବାରୁ ଏହାକୁ ସେ ୧୦ରେ ୧୦ ରେଟିଂ ଦେଇଛନ୍ତି।

### ଆଜି ଭାରତ ଫେରିବେ ଶୁଭାଂଶୁ



ନୂଆଦିଲ୍ଲୀ, ୧୬।୮(ପି.ଟି.)


ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ରବିବାର ଆମେରିକାରୁ ଭାରତ ଫେରିବେ। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଏବଂ ଆମେରିକୀୟ ମହାକାଶ ସଂସ୍ଥା (ନାସା)ର ମିଳିତ ଆକ୍ସିଓମ ୪ ମିଶନ ଅନ୍ତର୍ଗତ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରେ ପହଞ୍ଚି ଶୁଭାଂଶୁ ଇତିହାସ ରଚିଥିଲେ। ନୂଆଦିଲ୍ଲୀରେ ପହଞ୍ଚିବା ପରେ ଶୁଭାଂଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ନିଜ ସହର ଲକ୍ଷ୍ନୌକୁ ଯିବେ। ୨୨ ଓ ୨୩ରେ ନୂଆଦିଲ୍ଲୀଠାରେ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ଦି ବେଙ୍ଗଲ ଫାଇଲ୍ସ' ଇଭେଣ୍ଟରେ ବିବାଦ

କୋଲକାତା, ୧୬।୮

ଫିଲ୍ମ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀଙ୍କ 'ଦି ବେଙ୍ଗଲ ଫାଇଲ୍ସ' ସିନେମାର ଟ୍ରେଲର ଲଞ୍ଚ୍ ଇଭେଣ୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଶନିବାର ଅପରାହ୍ନରେ କୋଲକାତାର ଏକ ପଞ୍ଚତାରକା ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଭେଣ୍ଟକୁ ପୋଲିସ ବନ୍ଦ କରିଥିବା ଅଗ୍ନିହୋତ୍ରୀ ଅଭିଯୋଗ କରିଛନ୍ତି। ଫିଲ୍ମର ସ୍କ୍ରିନିଂ ପାଇଁ ବ୍ୟବହୃତ ଲାପ୍‌ଟପ୍‌କୁ ପୋଲିସ ଜବତ କରିଥିବା ସେ କହିଛନ୍ତି। ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରି ଅଗ୍ନିହୋତ୍ରୀ କହିଛନ୍ତି, ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୋଲିସ 'ଦି ବେଙ୍ଗଲ ଫାଇଲ୍ସ'ର ଟ୍ରେଲର ଇଭେଣ୍ଟକୁ ବନ୍ଦ କରିଛି। ଶେଷ ମୁହୂର୍ତ୍ତରେ ଇଭେଣ୍ଟକୁ ବାତିଲ କରିବା ରାଜ୍ୟ ସରକାରଙ୍କ ଅସହିଷ୍ଣୁତାକୁ ଦର୍ଶାଉଛି। ବୋଧହୁଏ କୋଲକାତାରେ ମତବ୍ୟକ୍ତ କରିବାର ସ୍ୱାଧୀନତା ନାହିଁ। ତେବେ


ବିବେକ ଅଗ୍ନିହୋତ୍ରୀ




ଅଗ୍ନିହୋତ୍ରୀଙ୍କ ଏହି ଅଭିଯୋଗକୁ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଭିତ୍ତିହୀନ ବୋଲି କହିଛି। ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲ ଘୋଷ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ଦଳର ରାଜନୈତିକ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ଅଗ୍ନିହୋତ୍ରୀ ସିନେମାକୁ ବ୍ୟବହାର କରୁଥିବାର ଅନେକ ନଜିର ରହିଛି। ଲୋକଙ୍କ ମଧ୍ୟରେ ବିଭାଜନର ମାନସିକତା ସୃଷ୍ଟି କରିବା ପାଇଁ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମକୁ ନିର୍ମାଣ କରାଯାଇଛି। କୋଲକାତା ଆସି ଡ୍ରାମା କରିବାକୁ ଅଗ୍ନିହୋତ୍ରୀଙ୍କୁ ଅନୁମତି ମିଳିବ ନାହିଁ ବୋଲି କୁନାଲ କହିଛନ୍ତି। ବିବାଦ ମଧ୍ୟରେ ପ୍ରଡକ୍ସନ କମ୍ପାନୀ 'ଜି ଷ୍ଟୁଡିଓଜ୍' ପକ୍ଷରୁ ସୋସିଆଲ ମିଡିଆରେ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମର ଟ୍ରେଲରକୁ ଜାରି କରାଯାଇଛି। ପ୍ରକାଶ ଯେ, ୧୯୪୬ରେ ଗ୍ରେଟର କଲିକତାରେ ହୋଇଥିବା ନରସଂହାର ଏବଂ ଦଙ୍ଗାକୁ ନେଇ 'ଦି ବେଙ୍ଗଲ ଫାଇଲ୍ସ' ଫିଲ୍ମ ଆଧାରିତ।

### ପାକିସ୍ତାନରେ ବାଦଲଫଟା ବର୍ଷା: ୩୨୦ ମୃତ

ଇସ୍‌ଲାମାବାଦ,୧୬।୮

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଶୁକ୍ରବାରଠାରୁ ୩୬ ଘଣ୍ଟା ଧରି ପ୍ରବଳ ବର୍ଷା ଲାଗି ରହିବା ଯୋଗୁ ହଠାତ୍ ବନ୍ୟା ଆସି ୩୨୦ ଜଣଙ୍କ ମୃତ୍ୟୁ ଘଟିଛି। ସର୍ବାଧିକ କ୍ଷତିଗ୍ରସ୍ତ ବୁନେର ଜିଲାରେ କେବଳ ୧୮୪ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ କ୍ଷତିଗ୍ରସ୍ତ ଜିଲାଗୁଡ଼ିକ ମଧ୍ୟରେ ବଜଉର, ସ୍ୱାତ୍, ମାନଏହରା, ଶାଙ୍ଗଲା, ଟୋରଘର ଏବଂ ବାଟଗ୍ରାମ ରହିଛି। ଶାଙ୍ଗଲାରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାତ୍‌ରେ ୨୨, ବଜାଉରରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ଅନେକ ଆହତ ହେବା ସହ କେତେଜଣ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବନ୍ୟା ଯୋଗୁ ବହୁ ଘର କ୍ଷତିଗ୍ରସ୍ତ ହେବା ସହ ବିଭିନ୍ନ ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

# ବିକଶିତ ଭାରତ ରୋଜଗାର ଯୋଜନା ଘୋଷଣା କଲେ ମୋଦି

ନୂଆଦିଲ୍ଲୀ,୧୬।୮

୭୯ତମ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେବା ଅବସରରେ ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଯୁବବର୍ଗଙ୍କ ନିମନ୍ତେ ଏହି ଯୋଜନାରେ ୩.୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅଗଷ୍ଟ ୧୫ରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ପ୍ରଥମ ଥର ନିଯୁକ୍ତି ପାଇଥିବା କର୍ମଚାରୀ ଓ ଘରୋଇ ସେକ୍ଟର ନିଯୁକ୍ତିଦାତାମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଘରୋଇ କ୍ଷେତ୍ରରେ ପ୍ରଥମେ ନିଯୁକ୍ତ ହୋଇଥିବା ଯୁବତୀ ଯୁବକ



ସରକାରଙ୍କଠାରୁ ସିଧାସଳଖ ୧୫,୦୦୦ ଟଙ୍କା ପାଇବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଆନୁଷ୍ଠାନିକ ନିଯୁକ୍ତି ପାଇଁ ଏହି ଯୋଜନା ସହାୟକ ହେବ। ନିଯୁକ୍ତି ସୃଷ୍ଟି ବଢ଼ାଇବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଯେଉଁ କମ୍ପାନୀଗୁଡ଼ିକ ସ୍ଥାୟୀ ନିଯୁକ୍ତି ସୃଷ୍ଟି କରିବେ, ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିବା ନିଯୁକ୍ତିଦାତାମାନଙ୍କୁ ପ୍ରତି ନୂଆ କର୍ମଚାରୀ ପ୍ରତି ମାସିକ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ସରକାର ଯୋଗାଇ ଦେବେ। ଏହା ଉତ୍ପାଦନ ସେକ୍ଟର ପାଇଁ ଲାଭଦାୟକ ହେବ। ଆଗାମୀ ୨ ବର୍ଷରେ ଏହି ଯୋଜନାରେ ପ୍ରାୟ ୩.୫ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏବଂ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ମିଳିତ ଭାବେ ଏହି ଯୋଜନାର ତଦାରଖ କରିବେ। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ମିଶନର ଆଧାର ଶିଳା ଭାବେ ନେଇଛନ୍ତି। ଯୁବବର୍ଗଙ୍କ ପାଇଁ ଏହା ତାଙ୍କର ଉପହାର ଏବଂ ଡବଲ ଦୀପାବଳି ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

# ସବୁଠୁ ଅସୁନ୍ଦର କୁକୁର

### ଟାଇଟଲ ଜିତି ୪.୩ ଲକ୍ଷ ହାତେଇଲା ୨ ବର୍ଷୀୟ 'ପେଟୁନିଆ'

ୱାଶିଂଟନ୍

ନିକଟରେ ଆମେରିକାର କାଲିଫର୍ନିଆ ରାଜ୍ୟ ସାନ୍ତାରୋଜାସ୍ଥିତ ସୋନୋମା କାଉଣ୍ଟି ଫେୟାରରେ 'ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁର ପ୍ରତିଯୋଗିତା ୨୦୨୫'ର ଆୟୋଜନ ହୋଇଥିଲା। ଚଳିତ ଥର ଏହି ନିଆରା ପ୍ରତିଯୋଗିତାରେ ୨ ବର୍ଷୀୟ ହେୟାରଲେସ୍ ଇଂଲିଶ-ଫ୍ରେଞ୍ଚ୍ ବୁଲ୍‌ଡଗ୍ 'ପେଟୁନିଆ' ବିଜୟୀ ହୋଇ ସବୁଠାରୁ ଅସୁନ୍ଦର କୁକୁରର ଆଖ୍ୟା ପାଇଛି। ପେଟୁନିଆ ଓ ଏହାର ମାଲିକାଣୀ ତଥା ଆମେରିକାର ଓରେଗନ୍ ରାଜ୍ୟ ନିବାସୀ ଶାନନ୍ ନାଇମାନଙ୍କୁ ୫ ହଜାର ଡଲାର



(ପ୍ରାୟ ୪.୪ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ମିଳିଛି। ପେଟୁନିଆର ଚେହେରା ଜଳହସ୍ତୀ ଏବଂ ବାଦୁଡ଼ିର ମିଶ୍ରିତ ଚେହେରା ପରି ହୋଇଥିବା ନେଇ ପ୍ରତିଯୋଗିତାର ଜଣେ ବିଚାରପତି କହିଛନ୍ତି। ନିଜର ଅଜବ ଚେହେରା ଏବଂ ଆକାର ଯୋଗୁ ପେଟୁନିଆକୁ ବିଶ୍ୱର ସବୁଠାରୁ ଅସୁନ୍ଦର କୁକୁରର ଟାଇଟଲ ମିଳିଥିବା ସେ କହିଛନ୍ତି।

ପେଟୁନିଆକୁ ଆମେରିକାରେ ଲାସ୍ ଭେଗାସ୍‌ରୁ ଉଦ୍ଧାର କରାଯାଇଥିଲା। ଓରେଗନସ୍ଥିତ ଲଭେବଲ୍ ଡଗ୍ ରେସ୍କ୍ୟୁ ଟିମ୍ ପେଟୁନିଆକୁ ଉଦ୍ଧାରକରି ତାକୁ ଏକ ନୂତନ ଜୀବନ ଦେଇଥିଲା। ପେଟୁନିଆର ମାଲିକାଣୀ ଶାନନ୍ ଲଭେବଲ୍ ଡଗ୍ ରେସ୍କ୍ୟୁ ଟିମ୍‌ଠାରୁ ତାକୁ କିଣିଥିଲେ। ଶାନନ୍ କହିଛନ୍ତି, ପ୍ରତିଯୋଗିତାର ଟାଇଟଲ ହାସଲ କରିବା ପରେ ଏବେ ପେଟୁନିଆ ଭଲ ଅନୁଭବ କରୁଛି। ସେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ପ୍ରେମ ଏବଂ ସ୍ନେହ ପାଇବାକୁ ଭଲ ପାଇଥାଏ। ପେଟୁନିଆ ଶାନ୍ତ ସ୍ୱଭାବର ବୋଲି ଶାନନ୍ କହିଛନ୍ତି।

ଚଳିତ ବର୍ଷର ଅସୁନ୍ଦର କୁକୁର ପ୍ରତିଯୋଗିତାରେ ଶତାଧିକ କୁକୁର ଓ ସେମାନଙ୍କର ମାଲିକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ପ୍ରାୟ ୫୦ ବର୍ଷ ଧରି ସୋନୋମା କାଉଣ୍ଟି ଫେୟାରରେ ଆୟୋଜନ କରାଯାଇ ଆସୁଛି। ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିବା କୁକୁରଗୁଡ଼ିକୁ ଅଣଦେଖା ନ କରି ପୋଷା କୁକୁର ଭାବେ ଗ୍ରହଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି।

# ୭୮ କୋଟିର ଘର କିଣିଲେ କ୍ରିତି

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ରିୟଲ୍ ଇଷ୍ଟେଟ୍ ଜଗତରେ ବଡ଼ ନିବେଶ କରିଛନ୍ତି। ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲ୍ ପୋଶ୍ ଅଞ୍ଚଳରେ ସେ ୭୮.୨୦ କୋଟି ଟଙ୍କାରେ ଏକ ସି ଫେସିଂ ଲକ୍‌ଜୁରି ଡୁପ୍ଲେକ୍ସ ପେଣ୍ଟହାଉସ୍ କିଣିଛନ୍ତି। ଏହି ଘର 'ସୁପ୍ରିମ ପ୍ରାଣ' ନାମକ ଏକ ବିଳାସପୂର୍ଣ୍ଣ ଆବାସିକ ବିଲ୍ଡିଂରେ ଅବସ୍ଥିତ। ଏହି ଡୁପ୍ଲେକ୍ସ ପେଣ୍ଟହାଉସ୍ ୭,୩୦୨ ବର୍ଗଫୁଟ ପରିବ୍ୟାପ୍ତ ହୋଇଥିବା ବେଳେ ବିଲ୍ଡିଂର ୧୪ ଏବଂ ୧୫ତମ ମହଲାରେ ଏହା ଅବସ୍ଥିତ। କ୍ରିତିଙ୍କ ଏହି ବିଳାସପୂର୍ଣ୍ଣ ଘରେ ୧,୨୫୦ ବର୍ଗଫୁଟର ଏକ ବାଲ୍‌କୋନି ରହିଛି, ଯେଉଁଠାରୁ ସମୁଦ୍ରର ମନୋରମ ଦୃଶ୍ୟକୁ ଉପଭୋଗ କରିହେବ। ଏହି ବିଳାସପୂର୍ଣ୍ଣ ଘର ସହ କ୍ରିତିଙ୍କୁ ୬ଟି କାର୍ ପାର୍କିଂ ସ୍ଲଟ୍ ମଧ୍ୟ ମିଳିଛି। ରିପୋର୍ଟ ଅନୁଯାୟୀ, ଗତ ୧୪ ତାରିଖରେ କ୍ରିତି ଏହି ନୂତନ ଘରକୁ କିଣିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା କ୍ରିତିଙ୍କ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ। ପୂର୍ବରୁ ୨୦୨୩ରେ କ୍ରିତି ମହାରାଷ୍ଟ୍ରର ଆଲିବାଗରେ ୨,୦୦୦ ବର୍ଗଫୁଟର ଏକ ଫ୍ଲାଟ୍ କିଣିଥିଲେ। ୨୦୨୪ରେ ସେ ବାନ୍ଦ୍ରା ୱେଷ୍ଟରେ ଏକ ୪-ବିଏଚ୍‌କେ ଆପାର୍ଟମେଣ୍ଟ ମଧ୍ୟ କିଣିଥିଲେ। ଆଗାମୀ ଦିନରେ କ୍ରିତିଙ୍କୁ ଅଭିନେତା ଧନୁଷଙ୍କ ସହ 'ତେରେ ଇଶ୍କ ମେଁ' ଏବଂ ଅଭିନେତା ରଣବୀର ସିଂଙ୍କ ସହ 'ଡନ୍ ୩' ପରି ବଡ଼ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ।


କ୍ରିତି ସାନନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଶ୍ରମରେ ଅନ୍ତେବାସୀଙ୍କୁ ବଳାତ୍କାର, ବାବା ଗିରଫ

**କମାକ୍ଷାନଗର, ୧୬।୮ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମରେ ଥିବା ଇସ୍କନଧର୍ମୀ ମଧୁମଙ୍ଗଳ ଆଶ୍ରମରେ ଜଣେ ଅନ୍ତେବାସୀ ମହିଳାଙ୍କୁ ବଳାତ୍କାର ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ବାବା ମଦନ ମହାରାଜା ଓରଫ ମଦନ ମୋହନ ପରିଡ଼ାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଦୀର୍ଘ ୧୫ ବର୍ଷ ହେବ ବାବା ମଦନ ମୋହନ ମଧୁମଙ୍ଗଳ ଆଶ୍ରମ ଚଳାଇ ଆସୁଥିଲେ। ପୀଡ଼ିତା ମହିଳା କିଛି


ଗିରଫ ବାବା ମଦନ ମୋହନ

ଦିନ ହେବ ଆଶ୍ରମକୁ ଆସି ଠାକୁରଙ୍କ ସେବାକାର୍ଯ୍ୟ କରିବା ସହ ଫୁଲମାଳ ଗୁନ୍ଥୁଥିଲେ। ଗତ ସୋମବାର ରାତି ପ୍ରାୟ ୧୦ଟା ସମୟରେ ମହିଳା ଜଣଙ୍କ ନିଜ କୋଠରିରେ ବିଶ୍ରାମ ନେଉଥିବା ବେଳେ ବାବା ସେହି କୋଠରିକୁ ଆସି ତାଙ୍କୁ ବଳାତ୍କାର କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ପୋଲିସ ଓ ସାଇଣ୍ଟିଫିକ ଟିମ ପୀଡ଼ିତାଙ୍କୁ ନେଇ ଆଶ୍ରମ ପରିସରରେ ପହଞ୍ଚି ତଦନ୍ତ କରିବା ସହ କେସ୍ ନଂ ୪୨୦/୨୫ରେ ମାମଲା ରୁଜୁକରି ଭାରତୀୟ ନ୍ୟାୟ ସଂହିତା ଦଫା ୬୪(୨),୧୧୫(୨), ୩୦୩(୨), ୨୩୮, ୩(୨)ରେ ଉଭୟଙ୍କ ଡାକ୍ତରୀ ମାଇନା କରାଇ ବାବାଙ୍କୁ କୋର୍ଟ ଚାଲାଣ କରିଛି। କୋର୍ଟରେ ବାବାଙ୍କ ଜାମିନ ନା ମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାବା ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କୁ ଫସେଇ ଦିଆଯାଇଛି, ସେମିତି କୌଣସି ଘଟଣା ଘଟିନାହିଁ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ନବରଙ୍ଗପୁର, ୧୬।୮ (ସଦାଶିବ ପ୍ରହରାଜ)**

### ନାବାଳିକାଙ୍କୁ ବଳାତ୍କାର, ଗର୍ଭବତୀ ପରେ ଛାଡ଼ିଦେବା ଅଭିଯୋଗ

ଜଣେ ନାବାଳିକାଙ୍କୁ ବଳାତ୍କାର ଓ ଗର୍ଭବତୀ ପରେ ଛାଡ଼ିଦେବା ଘଟଣାରେ ପଣ୍ଡିକୋଟ ଗାଁର ଅଭିଯୁକ୍ତ ଟିକେନ୍ଦ୍ର ଜାନୀକୁ ଅତିରିକ୍ତ ଜିଲା ଦୌରା ତଥା ପୋକ୍‌ସୋ ଜଜ୍ ବାସୁଦେବ ଆଚାର୍ଯ୍ୟ ଶନିବାର ୨୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ ପାଇଛି। ୧୭ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଜଜ୍ ଏହି ରାୟ ଦେଇଛନ୍ତି। ପୀଡ଼ିତାଙ୍କ ୧୪ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ ପାଇଁ ଡିଏଲ୍‌ଏସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ପରିଚାଳନା କରୁଥିଲେ। ସୂଚନାନୁଯାୟୀ, ପାପଡ଼ାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଟିକେନ୍ଦ୍ର ଶାରୀରିକ ସମ୍ପର୍କ ରଖିଲେ। ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ବିବାହକରି ଘରକୁ ନେବାକୁ ଟିକେନ୍ଦ୍ରଙ୍କୁ କହିବାରୁ ସେ ମନା କରିଥିଲେ। ଏନେଇ ୨୦୨୪ ସେପ୍ଟେମ୍ବର ୧୨ରେ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ ପରେ କେସ୍ ନମ୍ବର ୧୭୯/୨୪ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲକରିବା ପରେ କୋର୍ଟରେ ଟିଆର୍ ନମ୍ବର ୪୩/୨୪ ଅନୁଯାୟୀ ମାମଲା ବିଚାରାଧୀନ ରହିଥିଲା।

# କାର୍ଯ୍ୟରେ ଅବହେଳା ପାଇଁ ଆଇଆଇସି ନିଲମ୍ବିତ

**ଛତ୍ରପୁର, ୧୬।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଗଞ୍ଜାମ ପୋଲିସ ଜିଲା ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି ଶନିବାର କାର୍ଯ୍ୟରୁ ନିଲମ୍ବନ ହୋଇଛନ୍ତି। କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଓ ବିଶୃଙ୍ଖଳା ଲାଗି ରାଜ୍ୟ ପୋଲିସ ମୁଖ୍ୟାଳୟରୁ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଅଫିସ ଅଧୀନରେ ରହିବେ ବୋଲି ପ୍ରକାଶିତ ନିର୍ଦ୍ଦେଶନାମାରେ କୁହାଯାଇଛି।


ଦେବାଶିଷ ମହାନ୍ତି

## ମନେ ପଡ଼ନ୍ତି


ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏମନୋରଞ୍ଜନ ମଲ୍ଲିକ (ବିକି)
ଦାମୋଦରପୁର, ମଣପଡ଼ା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୧।୧୨।୧୯୯୪
ତିରୋଧାନ: ୧୫।୦୮।୨୦୧୩
ଆଜିର ତିଥିରେ ଆମକୁ ଶୋକ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ ବି ଆମ୍ଭମାନଙ୍କ ହୃଦୟରେ ସ୍ମରଣୀୟ ହୋଇ ରହିବୁ। ତୋର ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ମାତା, ପିତା, ରାକି, ହାପି, ବାପି, ଠୁବିଆଣ୍ଟି, ଅଙ୍କଲ, ପାପାଲି, ବୁବୁନ୍, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୬୭୪



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା, ୧୨ ଗିରଫ

**ରାୟଗଡ଼ା, ୧୬।୮ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ବଡ଼ଆଲୁବାଡ଼ି ପଞ୍ଚାୟତ ବୁରୁସୁବାଡ଼ି ଗାଁର କେତେକ ଲୋକ ଗୁଣି ସନ୍ଦେହରେ ରାମାରାଓ ଜିଲାକାରା(୪୦)ଙ୍କୁ ହତ୍ୟାକରି ମୃତଦେହକୁ ପୋଡ଼ି ଦେଇଛନ୍ତି। ପରିବାରବର୍ଗ ଭୟରେ ସମ୍ପର୍କୀୟଙ୍କ ଗାଁକୁ ଚାଲିଯାଇଥିବାବେଳେ ରାମାରାଓଙ୍କ ସାନଭାଇ ଧର୍ମା ଜିଲାକାରା ୧୨ ତାରିଖରେ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୩/୨୫ରେ ମାମଲା ରୁଜୁକରି ଏଥିରେ ସମ୍ପୃକ୍ତ ୧୨ଜଣଙ୍କୁ ଗିରଫ ପରେ ୧୩ ତାରିଖରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁନି ଆଚାର୍ଯ୍ୟ କହିଛନ୍ତି। ପ୍ରକାଶ ଯେ, ଗତ ୭ ତାରିଖ ସକାଳେ ଗ୍ରାମର କାସାନା ଜିଲାକାରାଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଗାଁର ବିଜୟ ଜିଲାକାରା, ପ୍ରାଭା ମାଣ୍ଡାଙ୍ଗି, ରାଜେଶ ମାଣ୍ଡାଙ୍ଗି, ବୁରୁଶା ମାଣ୍ଡାଙ୍ଗି, ପାର୍ଥ ଜିଲାକାରା, ଗମେୟା ଜିଲାକାରା, ଆଙ୍କେଶ ମାଣ୍ଡାଙ୍ଗି, ପ୍ରକାଶ ମାଣ୍ଡାଙ୍ଗି, ବମ୍ୟେୟା ମାଣ୍ଡାଙ୍ଗି ଏବଂ ଅନ୍ୟମାନେ ରାମାରାଓ ଗୁଣିକରି କାସାନାଙ୍କୁ ମାରି ଦେଇଥିବା ଅଭିଯୋଗକରି ତାଙ୍କୁ ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ପରେ ବିଷ ପିଆଇ ପୋଡ଼ି ଦେଇଥିବା ଭାଇ ଧର୍ମା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଧର୍ମାଙ୍କ କହିବାନୁସାରେ ୨୦୨୩ରେ ଗ୍ରାମର ଈଶ୍ୱର ମାଣ୍ଡାଙ୍ଗିଙ୍କ ମୃତ୍ୟୁକୁ ନେଇ ବିଜୟ ଜିଲାକାରା, ଆଙ୍କେଶ, ପ୍ରକାଶ ଓ ବମ୍ୟେୟା ସେହି ସମୟରେ ମଧ ତାଙ୍କ ପରିବାରବର୍ଗଙ୍କୁ ଧମକ ଦେଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗ୍ରାମବାସୀ ଏକ ଚୁକ୍ତିନାମା କରି ରାମାରାଓଙ୍କ ପରିବାରର କିଛି କ୍ଷତି ନ କରିବା ପାଇଁ ଉଲ୍ଲେଖ କରିଥିଲେ ବୋଲି ଧର୍ମା କହିଛନ୍ତି।

### ୨୦ବର୍ଷ ପୂର୍ବରୁ ବାପାଙ୍କୁ କରାଯାଇଥିଲା ହତ୍ୟା

ସୂଚନାଯୋଗ୍ୟ, ପ୍ରାୟ ୨୦ବର୍ଷ ପୂର୍ବେ ଗ୍ରାମର କିଛି ଲୋକଙ୍କ ମୃତ୍ୟୁ ପରେ ଗୁଣି ସନ୍ଦେହରେ ଧର୍ମାଙ୍କ ବାପା ପେଦେୟା ଜିଲାକାରାଙ୍କୁ ହତ୍ୟା କରାଯାଇଥିଲା।

# ମୁଣ୍ଡରୁ ଗଣ୍ଡି ଅଲଗା କଲେ

### ହାତ ଦେଖାରୁ ବୃଦ୍ଧଙ୍କୁ ନିର୍ମମ ହତ୍ୟା

**ଭବାନୀପାଟଣା/ଜୁନାଗଡ଼, ୧୬।୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ତଳଜାରିଙ୍ଗ ପଞ୍ଚାୟତର ଚେରମହୁଲ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ହାତ ଦେଖାକୁ ନେଇ ଜଣେ ଯୁବକ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଛନ୍ତି। ହତ୍ୟାର ଶିକାର ହୋଇଥିବା ବୃଦ୍ଧ ହେଲେ ସ୍ଥାନୀୟ ତଳଜାରିଙ୍ଗ ଗ୍ରାମର ରଥ କନ୍ଦପାନ(୬୦)। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନରେ ବୃଦ୍ଧ ରଥ ଚେରମହୁଲ ଗ୍ରାମ ନିକଟରେ ଥିବା ଘନାଜଙ୍ଗଲକୁ ଝଟି ଆଣିବାକୁ ଯାଇଥିଲେ। ସେଠାରେ ଧରିଣୀଗୁଡି(ମହୁଲ) ଗଛଠାରେ ସେ କିଛି ସମୟ ଅଟକିରହିଥିବାବେଳେ ସେହି ସମୟରେ ଉକ୍ତ ଗ୍ରାମର ରତ୍ନା ମାଝୀ (୪୦)ଙ୍କ ସହିତ ଦେଖା ହୋଇଥିଲା। ବୃଦ୍ଧ ରଥ ହାତ ଦେଖି ଲୋକଙ୍କ ଭଲମନ୍ଦ କଥା କହନ୍ତି। ବୃଦ୍ଧଙ୍କ ସହ ଦେଖାହେବା ପରେ ରତ୍ନା ତାଙ୍କ ହାତ ଦେଖିବା ପାଇଁ କହିଥିଲେ। ରଥ ହାତଦେଖି ରତ୍ନାଙ୍କୁ ଭଲମନ୍ଦ ବିଷୟରେ କହିଥିଲେ। ଏହା ଶୁଣି ରତ୍ନା ଉତ୍ତ୍ୟକ୍ତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସେ ଘରକୁ ଆସି ଏକ ଟାଙ୍ଗିଆ ନେଇ ରଥଙ୍କୁ ହାଣି ମୁଣ୍ଡ ଓ ଗଣ୍ଡି ଅଲଗା କରିଦେଇଥିଲେ। ପରେ ମୁଣ୍ଡକୁ ନେଇ ସେଠାରୁ ପ୍ରାୟ ୩ଶହ ମିଟର ଦୂରରେ ଥିବା ଏକ ଶୁଖିଲା କୂଅରେ ଫିଙ୍ଗି ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ମଧ ସେଠାରେ ଉପସ୍ଥିତ ଥିଲେ। ମୃତ ବୃଦ୍ଧଙ୍କ ସ୍ତ୍ରୀ ପୂର୍ଣ୍ଣିମା ତାଙ୍କ ସ୍ୱାମୀଙ୍କୁ ରତ୍ନା ହତ୍ୟା କରିଥିବା ନେଇ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୫୨/୨୫) ରୁଜୁ କରିବା ସହ ଅଭିଯୁକ୍ତ ରତ୍ନାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ସୂଚନା ଦେଇଛନ୍ତି।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।


# Classified Everyday
0674-2580101, 9692975378


MATRIMONIAL

GROOM WANTED

60 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735429. D-1659

ବୟସ 29, Primary School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1663

Beautiful Karan girl 1992, 5'2", B.Tech (Electrical) Serving Dy. Manager OPTCL, "SUNASANSAR". 9937512659. D-1673


REAL ESTATE SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Sum Hospital-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-1622

Prime stithiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact- 9439861119. D-76071

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

**Duplex sale with gated Society near Allms Hospital, Bhubaneswar- 9777433701.** D-1614


Healthcare

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Newly open health benefits SPA by expert therapist Contact 9114559830. D-1661

AFFIDAVIT

I, Pravat Barik, S/o- Karunakar Barik, Resident of Ward No.- 7, At/P.O.- Ishanpur, P.S.- Bari Ramachandrapur, Dist.- Jajpur, PIN- 755005 Odisha declare by this affidavit No.- 1971, dt. 01.08.2025 that now onwards I shall be known as Pravat Kumar Barik for all future purposes. D-1658

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated 01.07.2025, I, Anima Panigrahy, W/o- Chittaranjan Panigrahy, Vill/P.O.- Bipulingi, Dist.- Ganjam, Odisha- 761026, declare that I have changed my name from Anima Kumari Behera to Anima Panigrahy. Henceforth, I shall be known as Anima Panigrahy for all purposes.
Anima Panigrahy D-1657

By virtue of affidavit vide Sl. No.- 1480/12.08.2025 of Notary, Gunupur, Dist.- Rayagada, I, Sri Prakash Jena, S/o- Purnachandra Jena is declare in this affidavit that my daughter Tejaswi Jena, D/o-Prakash Jena and Dhanalaxmi Jena of Chalakamba, P.S.- Gunupur, Dist.- Rayagada is known in this name and address instead of Tejaswini Jena in all documents and identification. D-1664

I, Devi Prashada Mishra, S/o- Pravakar Mishra, At- Karigarsahi, P.O.- Dhenkanal, P.S.-Town, Dist.- Dhenkanal, Odisha-759001 declare that I have changed my name from DEVI PRASAD to DEVI PRASHADA MISHRA, dated 08.08.2025 by Executive Magistrate, Dhenkanal. D-1662

By virtue of an affidavit sworn before the Executive Magistrate, Sohela, No.- 03, date 02.08.25, I, Sanjay Meher, R/o. My Village- Sahajbahal, P.O.- Bausenmura, P.S.- Sohela, Dist.- Bargarh declare that I have changed my daughter's name from Joyuti Meher to Jyoti Meher. Henceforth, she shall be known as Jyoti Meher for all purposes.
Sanjay Meher D-1670

By virtue of an affidavit sworn before the Executive Magistrate, Sohela, No.- 02, date 02.08.25, I Sanjay Meher, R/o. Village- Sahajbahal, P.O.- Bausenmura, P.S.- Sohela, Dist.- Bargarh declare that I have changed my daughter's name from Srutilata Meher to Shruti Meher. Henceforth, she shall be known as Shruti Meher for all purposes.
Sanjay Meher D-1671

I, Alisha Swain, R/o Flat No.- B- 401, Hemkund Towers, Bhubaneswar. Changed my surname as Alisha Agarwal, W/o- Dhiraj Kumar Agarwal. D-1660

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, P.Rasmita Kumari Patro, W/o- B.Ashok Kumar Subudhi, R/o Plot No.- 375/4650, Kharavela Complex, Kolathia, P.O.-Aiginia, P.S.- Khandagiri, Bhubaneswar, Dist.- Khurdha hereby declare by this Affidavit No.- 1541/12.08.2025 that now onwards I shall be known as B.Rashmita Subudhi for all future purposes. D-1665

By virtue of an affidavit before the executive magistrate, Puri, dated 12.06.2025. I, Bharati Devi At- Subhadra Nagar Balighat, P.S.- Talabania, Puri, 752002 declare that I have changed my name from Bharati Mishra to Bharati Devi. Henceforth, I shall be known as Bharati Devi for all purposes.
Bharati Devi D-1667

By virtue of affidavit at Executive Magistrate, BBSR. I, Tripati Mai Mishra, W/o- Dusmant Kumar Mishra, At- Alisisasan, P.O.- Darada, Dist.- Khordha do hereby declare that in my postal insurance policy bearing No.- 0000002251632 it is recorded as Truptimayee Mishra instead of Tripati Mai Mishra, both name is of same person.
Sd/- Tripati Mai Mishra D-76480

By virtue of an affidavit sworn before Executive Magistrate Bhubaneswar, dated 16.08.2025, I, Manoranjan Pattnaik, residing At- Bodhakhandi, P.O.- Sisilo, P.S.- Balipatna, Dist.- Khordha, Odisha, PIN- 752100, declare that I have changed my daughter's name from Saishradha Pattanaik to Saishradha Pattnaik. Henceforth, she shall be known as Saishradha Pattnaik for all purposes.
Manoranjan Pattnaik. D-76481

By virtue of an affidavit sworn before Executive Magistrate, Niali, dated 19.6.2025, I, Dibyajyoti Mohanty, At/PO.- Bilasuni, P.S.- Niali, Dist.- Cuttack declare that I have changed my name from Dibyajoti to Dibyajyoti Mohanty. Henceforth, I shall be known as Dibyajyoti Mohanty for all purposes. D-1672


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୟୁକୋ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



ୟୁକୋ ବ୍ୟାଙ୍କର ଲୋଚାପଡ଼ା ଶାଖାକୁ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ଗୌତମ ପାତ୍ର ଫିତା କାଟି ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୬।୮ (ଅଭୟ ଦାଶ) ୟୁକୋ ବ୍ୟାଙ୍କର ନୂତନ ଶାଖା (ଲୋଚାପଡ଼ା ଶାଖା) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କ ଏମ୍‌ଡି ତଥା ସିଇଓ ଅଶ୍ୱିନୀ କୁମାର ମୁଖ୍ୟ ଅତିଥି ଭାବେ ଆଭାସି ମାଧ୍ୟମରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଓଡ଼ିଶା ସଂଯୋଜକ ଗୌତମ ପାତ୍ରଙ୍କ ସମେତ ଭୁବନେଶ୍ୱର ଅଞ୍ଚଳର ଉପ ଆଞ୍ଚଳିକ ମୁଖ୍ୟ କୃଷ୍ଣପାଲ ସିଂ ଏବଂ ଲୋଚାପଡ଼ା ଶାଖାର ଶାଖା ପରିଚାଳକ ସୁମନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉଦ୍‌ଘାଟନୀ ଉତ୍ସବରେ ୟୁକୋ ବ୍ୟାଙ୍କର ପୂର୍ବତନ କର୍ମଚାରୀ ଏବଂ ବହୁ ସଂଖ୍ୟାର ଗ୍ରାହକମାନେ ମଧ୍ୟ ଯୋଗଦେଇଥିଲେ।

# ଏସ୍ପ୍ଲାନେଡ୍‌ରେ ଏଣ୍ଡ ଅଫ୍ ସିଜନ୍ ସେଲ୍

ଭୁବନେଶ୍ୱର,୧୬।୮: ନେକ୍ସସ୍ ଏସ୍ପ୍ଲାନେଡ୍‌ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ 'ଏଣ୍ଡ ଅଫ୍ ସିଜନ୍ ସେଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଉକ୍ତ ସେଲ୍ ୨୦୨୫ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଉପଲବ୍ଧ। ବିଶେଷକରି ଚଳିତ ସ୍ୱାଧୀନତା ଦିବସ ଅବସରରେ ଦେଶର ଗୌରବମୟ ଅତୀତ, ଜୀବନ୍ତ ସଂସ୍କୃତି ଓ ଏକତା ଭାବନାକୁ ସମ୍ମାନ ଜଣାଇ ଏକଜୁଟ ହେବାକୁ ନେକ୍ସସ୍ ଏସ୍ପ୍ଲାନେଡ୍ ଆହ୍ୱାନ ଦେଇଛି। ଏହିପରି ତ୍ରିରଙ୍ଗାକୁ ନମସ୍କାର କରିବା ସମୟରେ ଶପିଂ ଉତ୍ସାହ, ଉତ୍ସବର ଆକର୍ଷଣ ଏବଂ ଆନନ୍ଦଦାୟକ ପାରିବାରିକ ମୁହୂର୍ତ୍ତରେ ପରିପୂର୍ଣ୍ଣ ଏକ ଅବିସ୍ମରଣୀୟ ଦିନ ଅନୁଭବ କରନ୍ତୁ। ଏହି ଉତ୍ସବକୁ ଆହୁରି ବଢ଼ାଇବା ପାଇଁ ଏଣ୍ଡ ଅଫ୍ ସିଜନ୍ ସେଲ୍ ଜୋରସୋରରେ ଜାରି ରହିଛି। ଯେଉଁଥିରେ କେବଳ ସୀମିତ ସମୟ ପାଇଁ ଚୟନ କରାଯାଇଥିବା ବ୍ରାଣ୍ଡ ଗୁଡ଼ିକ ଉପରେ ଆକର୍ଷଣୀୟ ଫ୍ଲାଟ୍ ୫୦% ରିହାତି ଉପଲବ୍ଧ। ଶପିଂ ବ୍ୟତୀତ ମଲ୍‌ର ଦେଶାତ୍ମବୋଧକ ପରିବେଶରେ ନିଜକୁ ନିମଗ୍ନ ରଖନ୍ତୁ, ଯେଉଁଥିରେ ଥିମ୍ ସଜ୍ଜା, ଆକର୍ଷଣୀୟ ପାରିବାରିକ କାର୍ଯ୍ୟକଳାପ ଏବଂ ଭାରତର ସ୍ୱାଧୀନତାର ସାରକୁ ଧରିବା ପାଇଁ ଡିଜାଇନ କରାଯାଇଛି।

# ଇକ୍ୱିଟି ବଜାରରେ ଓଡ଼ିଶାର ରେକର୍ଡ ପଞ୍ଜୀକରଣ

ଭୁବନେଶ୍ୱର,୧୬।୮: ବର୍ତ୍ତମାନ ସମୟରେ ପୁଞ୍ଜିର ଠିକ୍ ବିନିଯୋଗ ପାଇଁ ଉପଭୋକ୍ତାମାନେ ପୁଞ୍ଜିବଜାର ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି। ଫଳରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ଓଡ଼ିଶାର ନିବେଶକମାନେ ଆଶାନୁଯାୟୀ ପଞ୍ଜୀକୃତ ହେଉଛନ୍ତି। ଏପରିକି ଇକ୍ୱିଟି ବଜାରରେ ଓଡ଼ିଶାର ରେକର୍ଡ ପଞ୍ଜୀକରଣ ହୋଇଛି ବୋଲି ଏନ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଇକ୍ୱିଟି ବଜାର ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶା ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଉଭାହୋଇଥିବାବେଳେ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଓଡ଼ିଶାର ଏନ୍‌ଏସ୍‌ଇ ନିବେଶକ ପଞ୍ଜୀକରଣ ସଂଖ୍ୟା ୨୫.୫ ଲକ୍ଷ ରହିଛି। ସେହିଭଳି ଏନ୍‌ଏସ୍‌ଇ ପାଇଁ ବର୍ଦ୍ଧିତ ନିବେଶକ ଅଂଶଗ୍ରହଣ ଦୃଷ୍ଟିରୁ ଶୀର୍ଷ ୧୦ଟି ରାଜ୍ୟ ବାହାରେ ଆସାମ, ଛତିଶଗଡ଼ ଓ ଓଡ଼ିଶା ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଉଭା ହୋଇଛନ୍ତି। ସେହିପରି ଏନ୍‌ଏସ୍‌ଇର ମୋଟ ପଞ୍ଜୀକୃତ ନିବେଶକ ଆଧାରର ଶୀର୍ଷ ୫ଟି ଯୋଗଦାନକାରୀ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ ଏବଂ ତାମିଲନାଡୁ ସ୍ଥାନ ପାଇଛନ୍ତି। ଏନ୍‌ଏସ୍‌ଇ ୨୦୨୫ ଜୁଲାଇରେ ୨୩କୋଟି (୨୩୦ ମିଲିୟନ) ଟ୍ରେଡିଂ ଆକାଉଣ୍ଟ ସଂଖ୍ୟା ଅତିକ୍ରମକରି ଏକ ବଡ଼ ସଫଳତା ହାସଲ କରିଛି। ଅପରପକ୍ଷରେ ୭୯ତମ ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ଏନ୍‌ଏସ୍‌ଇ ଏମ୍‌ଡି ଓ ସିଇଓ ଆଶିଷ କୁମାର ଚୌହାନ ଦେଶର ପ୍ରଗତି ଓ ସମୃଦ୍ଧିର କାମନା କରିଛନ୍ତି।


## OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION

(Department of Health & FW, Govt. of Orissa)

Advt. No. 18/2025 Date : 13.08.2025

Ref :- RFP No. Nirmal/Housekeeping/Bhadrak/17/2025 dated 13.08.2025

**Corrigendum**

**No.E-315** : It is for information of all concerned, that the last date for submission of RFP regarding outsourcing of Housekeeping & Cleaning services for Bhadrak District under NIRMAL is hereby extended upto 25.08.2025 (05.00PM). Bidders who have already applied need not apply further. All other terms & conditions will remain unchanged. The Technical Bid will be opened on 26.08.2025 at 11. 00 AM at O/o the CDM & PHO,Bhadrak.

OIPR-10123/11/0022/2526 Sd./- CDM & PHO, Bhadrak

## GOVERNMENT OF ODISHA OFFICE OF THE SUPERINTENDING ENGINEER BOLANGIR (R&B) DIVISION : BOLANGIR

No.B-404

Mail ID - eepwd.bgr@rediffmail.com, eepwd.bgr@gmail.com

Ph. No. 06652-232374

BID IDENTIFICATION NO : BGR R&B/12/2025-26

No.5504//Dtd.12.08.2025

1. The **Superintending Engineer,** Bolangir (R&B) Division, Bolangir on behalf of the Governor of Odisha invites percentage rate bid in **Single** cover system in ONLINE MODE for construction of building work detailed in the table below from eligible contractors.
2. Nature of Work : Electrical Work
3. No. of tender : 1 Nos. Electrical
4. Tender Cost : Rs. 6000/- (Tender Paper Cost)
5. Class of Contractor : "Specialized agency having MOU with associate electrical contractor (MV/HT or Above) having valid license from ELBO
6. Date & Time of sale & Receipt of Bids : From Dt.16.08.2025, 11.00 A.M. Dt.22.08.2025 up to 5.00 P.M.
7. Date of opening Bid : Dt.25.08.2025 at 11.30 A.M.
8. The bidders have to participate in ONLINE bidding only. Further details can be seen from the website : http://tendersodisha.gov.in.

Sd./- Superintending Engineer Bolangir (R&B) Division

OIPR-34028/11/0035/2526

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail i.d : seccbbsr@gmail.com / ccecentralrnb@gmail.com

NOTICE INVITING REQUEST FOR PROPOSAL NO.03 OF 2025-26

No. 4888(Estg.) Bhubaneswar the 13th August-2025

**No.B-406** : The Chief Construction Engineer, Central (R&B) Circle Bhubaneswar intends to select an agency for selection of venue set up for 84th Indian Road Congress Annual Session -2025 at Bhubaneswar (Odisha) on behalf of the Governor of Odisha invites item rate bids.

Interested agencies may participate in this bid and submit their proposal. The RFP documents will be available from **5.00 P.M. of 16.08.2025 to 5.00 P.M of 02.09.2025**. The bidders must possess compatible Digital Signature Certificate. Bids received online shall be opened at **11.00 A.M. of 03.09.2025**. Please refer to the RFP documents for further details.

The undersigned reserves the right to cancel this invitation and / or invite fresh bid / RFP with or without amendments to this invitation, without liability or any obligation for such invitation and without assigning any reasons. The tender invitation authority also reserves the right to accept or reject any or all proposals without assigning any reasons whatsoever.

Further details can be seen from the e-procurement portal https://www.tendersodisha.gov.in. Interested bidders may view, download the e-bid documents, seek clarification and submit their e-bids online only on e-tender portal.

Addendum / Corrigendum, if required, will be available only in the Website.

Sd./- Er. M.K.Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0040/2526

## OHPC REHABILITATION ASSISTANCE TRUST

OHPC Corporate Office, Janpath, Bhoinagar, Bhubaneswar-751 022
Phone: 0674-2541291/2542826, Fax: 0674-2542102, E-mail:ohpcfund@gmail.com

**NOTICE**

**No. OHPC-Trust-2/2009 (Vol-VIII)/3733 Dated, BBSR the, 11/08/2025**

**Sri Dhaneswar Majhi,
S/o-Late Gobinda Majhi,
Qr. No. G-27/8, V.S.S. Chhak,
At/Po- Burla, Dist- Sambalpur**

**No.CAD-1460** : You had filed a writ petition before the Hon'ble High Court of Orissa vide OJC No. 11827/1999 and the Hon'ble Court after hearing the case, disposed the matter on 04.12.2013, directing OHPC to consider your case for granting Rehabilitation Assistance Benefit as admissible as per OHPC R.A. Scheme within a period of two months from the date of the receipt of the certified copy of the order. After disposal of the case by the Hon'ble High Court of Orissa, you being the beneficiary have not applied for Financial Assistance to OHPC R.A. Trust along with supporting documents in line with the order passed by the Hon'ble High Court of Orissa.

Further, in spite of intimation made vide letter No. 2270 dtd. 09.12.2024 to you for applying for Rehabilitation Assistance benefit under OHPC R.A. Scheme along with supporting documents, you have so far not applied for Rehabilitation Assistance.

However, you are hereby informed through this publication to apply for Rehabilitation Assistance benefit as admissible as per OHPC R.A. Scheme through the Unit Head, HHEP, Burla under whom your father Late Gobinda Majhi was working at the time of death following the due procedure **within one month from the date of publication** of this **NOTICE**. If no response is received from your end within the above said notice period, it will be presumed that you are not interested to avail the benefit under OHPC R.A. Scheme in compliance to the order passed by the Hon'ble High Court of Orissa and OHPC will be compelled to treat the case as Closed as 'No Claim'.

Hence, take this notice.

SECRETARY
OHPC R.A. TRUST

OIPR-04012/11/0045/2526

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

idco | ODISHA NEW OPPORTUNITIES

No.CAD-1456

Tender Call Notice No. BBSR/ELECT-II/E-372/25-26/1984 Dated : 12.08.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the work** : Supply, Installation, Testing and Commissioning of BMS System at Odisha Technology Centre, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-30/25-26 | 18.08.2025 at 12.00 Hrs. | 29.08.2025 at 16.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar

OIPR-14003/11/0227/2526

## DISTRICT PROJECT OFFICE, SAMAGRA SHIKSHA, KEONJHAR

ସମଗ୍ର ଶିକ୍ଷା Samagra Shiksha

PWD Road, In front of Govt. Press, Keonjhar-758001
Ph.No.-06766-254103, Fax-256420, Email Id:dpckeonjharssa.opepa@nic.in

**ADVERTISEMENT**

No.2793/PLG Date:14.08.25

No.n-124: Applications are invited from the eligible candidates in the prescribed format for the post of Warden, Accountant, Part Time Teacher (Mathematics & Science), Part Time Teacher (English) and Part Time Teacher (Sanskrit/Hindi) against the vacancies in Netajee Subhas Chandra Bose Abasiya Vidyalayas (NSCBAV) of the district. This engagement is purely on contractual and temporary in nature and is renewable after 11 months subject to satisfactory performance. The complete application form, alongwith all relevant documents must be sent by **Registered Post/Speed Post only** to the **District Project Coordinator, Samagra Shiksha, Kenojhar-758001.** The application should be enclosed in a sealed envelope subscribed as, **"APPLICATION FOR THE POST OF ________ (Name of the Post) in NSCBAV ________ (Name of the NSCBAV)". Last date for submission of application is 15.09.2025 (upto 5 PM).** Applications received after the due date or by any other mode will be summarily rejected. Detailed educational qualifications, vacancy details, eligibility criteria, application format, required documents and other informations are available on the notice board of the District Project Office, Samagra Shiksha, Keonjhar and the district website: www.kendujhar.odisha.gov.in. The undersigned reserves the right to **modify or cancel** the advertisement partially or fully without assigning any reason thereof. Applicants are advised to visit above website regularly for further notifications, corrigendum and updates.

By order of the Collector-cum-Chairman,
Samagra Shiksha, Keonjhar
Sd./- District Education Officer-cum-DPC,
Samagra Shiksha, Keonjhar

OIPR-27120/11/0011/2526

## ଟେଣ୍ଡର ନୋଟିସ୍

ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୭୩ ପି.

[illegible]

ତଫସିଲ ନଂ-୧

ନିଲାମ ପାଇଁ ଧାର୍ଯ୍ୟ ଦୋକାନର ବିବରଣୀ

| କ୍ର.ସଂ. | ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଜମା ଦେବାକୁ ଥିବା ଜମାନତ ରାଶି |
|---|---|---|---|
| ୧. | ଭୋଗ ଦୋକାନ | ଟ.୧,୬୩,୪୯,୫୦୦/- | ଟ.୧୬,୩୪,୯୫୦/- |

କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ

[illegible]

| କ୍ର.ସଂ. | ଭୋଗର ନାମ | ବ୍ୟବହୃତ ଦ୍ରବ୍ୟ | କିଲୋ ପ୍ରତି ମୂଲ୍ୟ |
|---|---|---|---|
| ୧. | ଶୁଖିଲି ଭୋଗ କେବଳ ଅମୁଲ/ଓମ୍‌ଫେଡ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହେବା ଆବଶ୍ୟକ । | ସୁଜି,ମଇଦା, ଅଟା,ବେସନ ଚିନି, ଘିଅ ଓ ଗୁଡ଼ | ଟ.୨୫୦/- (ଦୁଇ ଶହ ପଚାଶ ଟଙ୍କା) |

ବି.ଦ୍ର.– ଶୁଖିଲି ଭୋଗ ସର୍ବନିମ୍ନ ଟ.୫୦/– (ପଚାଶ ଟଙ୍କା)ରେ ବିକ୍ରୟ କରାଯାଇପାରିବ ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

## ZILLA SWASTHYA SAMITI (ZSS), Kandhamal

OFFICE OF THE CDM&PHO cum District Mission Director, NHM, Kandhamal

Advt.No.9909/NHM/HR-in-House/2024/04 Date:14.08.2025

**ADVERTISEMENT (IN-HOUSE)**

No.E-318: Applications are invited for the following posts through in-house selection from contractual employees of NHM working in the same post under OSH&FWS in other districts and willing to work in Kandhamal district. Interested candidates may attend with a No Objection Certificate (NOC) cum Continuation Certificate in original, issued by the competent authority, for last uninterrupted service in the same post under the Society. The application format and other Terms & Conditions are available on the official website: https://kandhamal.odisha.gov.in. Vacancies published in this advertisement are provisional and subject to change at the time of appointment. Incomplete applications in any form shall be summarily rejected. No personal query will be entertained. The undersigned reserves the right to reject any or all applications, and to modify or cancel the advertisement without assigning any reason thereof.

| Sl. No. | Name of the Post | Vacancy | Remarks |
|---|---|---|---|
| 1 | Medical Officers-SNCU | 02 Post | Date:03.09.2025 Venue: Office of the DPMU, NHM, DHH, Phulbani, Kandhamal (Registration Time: 10 AM to 04 PM |
| 2 | MO-Day Care Centre (Hemoglobinopathy) | 01 Post | |
| 3 | MO-NPCDCS | 01 Post | |
| 4 | MO-MBBS-DEIC | 01 Post | |
| 5 | Physiotherapist-DEIC | 01 Post | |
| 6 | Programme Assistant- Sickle Cell | 01 Post | |
| 7 | Block Data Manager (BDM) | 01 Post | |
| 8 | Block Data Manager (Urban) | 01 Post | |
| 9 | Data Assistant cum Accountant (DAA-Urban) | 01 Post | |
| 10 | Dental Technician- DEIC | 01 Post | |
| 11 | Medical Officer, AYUSH (Co-located facility)- BHMS (SC-M-01, ST-M-03, ST-F-01, UR-M-03) | 08 Post | |
| 12 | Medical Officer, AYUSH (Co-located facility)-BAMS (SC-M-01, ST-M-03, ST-F-02, SEBC-M-01, SEBC-F-01, UR-M-04, UR-F-02) | 14 Post | |
| 13 | Medical Officer- AYUSH (RBSK)- BAMS (SC-M-01, ST-M-02, ST-F-01) | 04 Post | |
| 14 | Medical Officer, AYUSH (RBSK)- BHMS (SC-F-01, ST-M-03, ST-F-02, UR-F-03) | 09 Post | |
| 15 | VBD Technical Supervisor (VBDTS) | 02 Post | |
| 16 | Sentinel Site Malaria Technician & Coordinator (SSMTC) | 01 Post | |

Sd./- Dr. Santosh Kumar Padhi
CDM & PHO-cum-District Mission Director, NHM, Kandhamal

OIPR-10015/11/0031/2526

## DISTRICT PROJECT OFFICE, SAMAGRA SHIKSHA, KHORDHA

No. __/2844/__ Dated : 14.08.2025

**NOTICE INVITING TENDER (NIT)**

**No.n-123** : Sealed tenders are invited from the reputed & credible agencies / suppliers / manufacturers for supply of "Resource materials for SAKSHAM-Resource centre" for the Children with special needs under PM SHRI in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Resource materials for SAKSHAM-Resource centre | Rs.500/- | Rs.42,000/- | 29.08.2025 by 5.00 PM | 30.08.2025 at 3.00 PM |

The detailed BID document is available in the website www.khordha.nic.in. & www.osepa.odisha.gov.in. Interested and eligible agency / supplier / manufacturer may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd./- Collector-Cum-Chairman
SS, Khordha

OIPR-27101/11/0008/2526

## ODISHA PUBLIC SERVICE COMMISSION CUTTACK

**NOTICE**

**No. 5831 / P.S.C., Dt. 14.08.2025**
**(2PU-01-2025/26, DR-I)**

**No.D-174** : It is for information of all **22 (05-w)** provisionally qualified candidates for recruitment to the posts of **Finance & Accounts Officer in Urban Local Bodies of Odisha Municipal Finance Service cadre**, pursuant to **Advt. No. 39 of 2023-24** that, Document Verification & Personality Test for the said post will be held on 25.08.2025 in the Office of the Commission, at 19, Dr. PK. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | **100001, 100028, 100066, 100090, 100100, 100141, 100142, 100166, 100168, 100176, 100182, 100184, 100187 = 13 candidates** | 25.08.2025 | 08.00 A.M. | 08.30 A.M. | 10.30 A.M. |
| | **100205, 100218, 100222, 100235 100259, 100269, 100326, 100350, 100352 = 09 candidates** | | 12.00 P.M. | 12.30 P.M. | 2.30 P.M. |

The candidates are required to produce following Original Documents along with a set of self-attested photocopies of all Certificates/Documents at the time of Document Verification failing which their candidature will be rejected.

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. or Equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **Bachelor's Degree Certificate** from a recognized University.
6. Certificate showing **completion of CA under ICAI or CWA from ICWAI**.
7. Computer Qualification Certificate from a recognized College or Institution.
8. **Marksheets** of the above examinations passed **(HSC to CA/CWA)**.
9. Conversion Certificate wherever applicable.
10. **Odia Test Pass Certificate**.
11. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
12. **SEBC** Certificate issued by the Competent Authority within the last three years by the closing date of submission of Online Application, wherever applicable.
13. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
14. **Permanent Disability Certificate** (indicating percentage of permanent disability i.e. 40% or more) issued by the concerned Medical Board, wherever applicable.
15. Sports Identity Card/Certificate issued by the Director of Sports, Odisha, wherever applicable.
16. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
17. **Four recent passport size photographs (unsigned and unattested)**, which has been uploaded with Online Application Form.
18. **No Objection Certificate** (in case of in-service candidates), wherever applicable.
19. **Document in support of Identity**. (Aadhar/ DL/ Pan Card/ Voter ID card).
20. Any other document as mentioned in Para-10 of Advt. No. 39 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0291/2526 Sd./- Secretary

## ODISHA PUBLIC SERVICE COMMISSION CUTTACK

**NOTICE**

**No. 5853 / P.S.C., Dt. 14.08.2025**
**1R-03-24/25 (DR-V)**

**Assistant Professor (Stage-I) in Commerce (Advertisement No.27 of 2023-24)**

**No.D-175** : It is for information of all concerned that, document verification of **163 (One Hundred Sixty-Three)** candidates having **PPSAN** mentioned below for the post of **Assistant Professor (Stage-I) in "Commerce"**, pursuant to Advertisement No.27 of 2023/24 shall be held **from 22.08.2025 to 01.09.2025 (Except Govt.Holidays)** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 22.08.2025 | 10.30 AM | P230172641, P240303362, P240305059, P230158394, P220090235, P240308119, P240296193, P240301648, P240307024, P220082372, P240305850, P240298856, P240259151, P220088010, P220001347 & P220021883 = **16 Candidates** |
| | 2.30 PM | P220066740, P240309771, P240307250, P240306199, P240311805, P240303718, P240259212, P240301224, P240255267, P240309477, P240303284 & P240309481 = **12 Candidates** |
| 25.08.2025 | 10.30 AM | P230128266, P240287112, P230174315, P240295924, P240287057, P240294244, P240302669, P220022619, P220035070, P240309631, P240309317, P240308700, P240309442, P240306208, P240292189 & P240299472 = **16 Candidates** |
| | 2.30 PM | P240288914, P240309610, P240293822, P240308894, P240306501, P240309315, P240299654, P240311588, P240311631, P240258737, P240304797 & P240301308 = **12 Candidates** |
| 26.08.2025 | 10.30 AM | P220079202, P240304848, P240308459, P220011423, P240311950, P230230427, P240305859, P240301411, P240306603, P240308416, P240299516, P230176122, P240300054, P240303334, P240311581 & P240284308 = **16 Candidates** |
| | 2.30 PM | P230172501, P240311804, P220080263, P220028201, P240308220, P240307838, P230111134, P240305785, P240273521, P240296612, P240235359 & P240312818 = **12 Candidates** |
| 29.08.2025 | 10.30 AM | P240290079, P220032434, P240301681, P240307379. P240311055, P230092428, P220008736, P240303086, P230110382, P230213514, P220027488, P240283053, P220056044, P230164623, P240304836 & P240285033 = **16 Candidates** |
| | 2.30 PM | P240310323, P240311561, P240305924, P240300668, P240300981, P230139505, P240306091, P220090422, P240308884, P230172493, P220068242 & P220045069 = **12 Candidates** |
| 30.08.2025 | 10.30 AM | P240301605, P240308629, P240306333, P240305125, P240299135, P240306872, P230096937, P240276278, P230172651, P240309053, P240284459, P240276725, P240311506. P240258851, P230122665 & P240312005 = **16 Candidates** |
| | 2.30 PM | P240278049, P230122249, P220007691, P240309879, P240276651, P230128164, P220065604, P240268384, P240305199, P240308677, P240303518 & P220058137 = **12 Candidates** |
| 01.09.2025 | 10.30 AM | P220077499, P230122756, P240257740, P240303033, P230110956, P220085692, P240306010, P220058622, P240311286, P240273717, P230175349, P230098813 & P240311139 = **13 Candidates** |
| | 2.30 PM | P230199475, P240312512, P240264915, P240246235, P240289369, P220049968, P240302937, P240269414, P240283470 & P230208743 = **10 Candidates** |

The candidates are required to submit the documents as per this Office **Notice No. 4271/ PSC, dt. 21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0292/2526 Sd./- Secretary

# ଅନ୍ୟ ସହ ତୁଳନା

ଅନ୍ୟ ସହ ତୁଳନା କରିବା ସାଧାରଣତଃ ମଣିଷର ଏକ ପ୍ରକୃତି । ସେ ନିଜ ଚାରିପଟେ ଥିବା ବିଭିନ୍ନ ଜିନିଷରୁ କିଛି ନା କିଛି ଶିଖିଥାଏ । ହେଲେ ଏସବୁ ଭିତରେ ସେ କେବେ ନିଜକୁ ଅନ୍ୟ ସହ ତୁଳନା କରିବା ଆରମ୍ଭ କରିଦେଇଥାଏ ସେ କଥା ଜାଣିପାରେନି । ଅନେକ ଯୁବତୀଯୁବକ ଏମିତି ବି ଅଛନ୍ତି, ଯେଉଁମାନେ କେହି ଭଲ ପଢ଼ିଲେ, ଭଲ ଚାକିରି କଲେ, ଭଲ ଦେଖାଗଲେ, ଭଲ ପିନ୍ଧିଲେ ନିଜକୁ ତାଙ୍କ ସହ ତୁଳନା କରିଥାନ୍ତି । ସେ ମୋ'ଠାରୁ ଅଧିକ ଦରମା ପାଉଛି, ତା' ପାଖରେ ମୋ'ଠାରୁ ବଡ଼ ଗାଡ଼ି ଅଛି ଭଳି ଅନେକ କଥା ସେମାନଙ୍କ ମନକୁ ଆସିଥାଏ । ଯଦିଓ ଅଜାଣତରେ ସେମାନେ ଏପରି କରିଥା'ନ୍ତି, ହେଲେ ତାହା କେବେକେବେ ଭବିଷ୍ୟତରେ ବଡ଼ ସମସ୍ୟା ପାଲଟିଯାଏ । କାରଣ ପ୍ରତ୍ୟେକ ମଣିଷର ରୁଚି, ଦକ୍ଷତା, କାର୍ଯ୍ୟକ୍ଷମତା ଭିନ୍ନ ଭିନ୍ନ । ସବୁଠୁ ବଡ଼ କଥା ହେଲା ଏପରି କରିବା



**ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋବୃତ୍ତି ରହିବା ଏକ ଭଲ କଥା, ଯାହାକି ଅନେକ ସମୟରେ ସେମାନଙ୍କୁ ସଫଳତା ଆଡ଼କୁ ବାଟ କଢ଼ାଇଥାଏ। ହେଲେ ଅନେକେ ଏମିତି ବି ଅଛନ୍ତି, ଯେଉଁମାନେ ସବୁବେଳେ ଅନ୍ୟ ସହ ନିଜକୁ ତୁଳନା କରିଥାନ୍ତି, ଯଦ୍ୱାରା ସେମାନଙ୍କଠାରେ ମନୋବଳ, ଆତ୍ମବିଶ୍ୱାସ କମିବା ସହ ସବୁବେଳେ ଅସନ୍ତୋଷ ଭାବନା ଲାଗିରହିଥାଏ। ତେଣୁ କାହାର ଉନ୍ନତି ଦେଖି ତାଙ୍କ ସହ ତୁଳନା କରି ମାନସିକ ସ୍ତରରେ ଦୁର୍ବଳ ହେବା ଅପେକ୍ଷା ନିଜର ଦକ୍ଷତା ଚିହ୍ନି ଉଦ୍ୟମ କରିବା ହିଁ ବୁଦ୍ଧିମାନର କାର୍ଯ୍ୟ...**

ଦ୍ୱାରା ସେ ସବୁବେଳେ ନିଜକୁ ଅନ୍ୟଠାରୁ ଦୁର୍ବଳ ଭାବିନିଏ ଏବଂ ଏଥିପାଇଁ ଆଗକୁ ଯିବା ବଦଳରେ ଧୀରେ ଧୀରେ ପଛକୁ ଯାଇଥାଏ । ତେବେ ସବୁବେଳେ ନିଜକୁ ଅନ୍ୟ ସହ ତୁଳନା କରିବା ଦ୍ୱାରା ଆଉ କ'ଣ ସମସ୍ୟା ଉପୁଜେ ଜାଣିରଖନ୍ତୁ ...

**ଆତ୍ମବିଶ୍ୱାସ କମିଯାଏ:** ଯେବେ ଜଣେ ବାରମ୍ବାର ନିଜକୁ ଅନ୍ୟ ସହ ତୁଳନା କରନ୍ତି, ସେତେବେଳେ ନିଜ ଉଦ୍ୟମ ଏବଂ ସଫଳତା ଅନ୍ୟଠାରୁ କମ୍ ଲାଗିଥାଏ । ସେହି କ୍ଷେତ୍ରରେ ନିଜର ଆତ୍ମବିଶ୍ୱାସ କମିଯାଏ ଏବଂ ଆଗକୁ ବଢ଼ିବାର ମୋଟିଭେଶନ୍ ରହେନାହିଁ । ତେଣୁ ଏପରି ନ କରି ଅଧିକ ଉଦ୍ୟମ କରି ନିଜକୁ ପାଠପଢ଼ା, ଜବ୍ ଆଦି ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ତରକୁ ଯିବାକୁ ଚେଷ୍ଟା କରିବା ଦରକାର ।

**ବଢ଼ିଥାଏ ମାନସିକ ଚାପ:** ବର୍ତ୍ତମାନ ସମସ୍ତେ ବିଶେଷକରି ଯୁବପିଢ଼ି ସୋସିଆଲ୍ ମିଡିଆରେ ଖୁବ୍ ଆକ୍ଟିଭ୍ । ସେମାନେ କେଉଁଠି ନୂଆ ଜବ୍ କଲେ, କେଉଁଆଡ଼େ ବୁଲିଲେ, କ'ଣ କିଣିଲେ, ଖାଇଲେ ଆଦିର ଫଟୋ, ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥା'ନ୍ତି । ତେବେ ଯେଉଁମାନେ ନିଜକୁ ଅନ୍ୟ ସହିତ ତୁଳନା କରନ୍ତି ସେମାନଙ୍କୁ ଏହି ସବୁ ପୋଷ୍ଟ ଦେଖିବା ଦ୍ୱାରା ମନରେ ନା କେବଳ ନିଜେ ଏପରି ନ କରିପାରିବାକୁ ନେଇ ଦୁଃଖ ହୋଇଥାଏ ବରଂ କେବେକେବେ ନିଜେ ଏହି ସବୁ ଖୁସିରୁ ବଞ୍ଚିତ ହେବାକୁ ନେଇ ଗଭୀର ଅବସୋସ ବି ହୋଇଥାଏ । ଏମିତିକି ଏହାଦ୍ୱାରା ମାନସିକ ଚାପ ବି ବଢ଼ିଥାଏ । ତେଣୁ ଅନ୍ୟ ସହ ତୁଳନା ନ କରି ବର୍ତ୍ତମାନ ସ୍ଥିତିରେ ଖୁସି ରହିବା ହିଁ ବୁଦ୍ଧିମାନର କାମ ।








**ବଢ଼ିଥାଏ ଈର୍ଷା ଓ ଅସହିଷ୍ଣୁ ଭାବ:** ଯେବେ ଜଣେ ଆଉ କାହାକୁ ନିଜଠୁ ଭଲ ବା ଉନ୍ନତ ଭାବେ ଏବଂ ସବୁବେଳେ ନିଜକୁ ତା' ସହ ତୁଳନା କରେ, ସେତେବେଳେ ମନ ଭିତରେ ଈର୍ଷା ଏବଂ ଅସହିଷ୍ଣୁଭାବ ବଢ଼ିଥାଏ । ବାରମ୍ବାର ସେହି କଥା ଭାବିବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, କ୍ରୋଧ ଭାବନା ଆସିବା ଫଳରେ ମନ ନିଜ ଲକ୍ଷ୍ୟରୁ ଦୂରେଇ ରହିଥାଏ । ଏହା ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏମିତିକି ଏହାଦ୍ୱାରା କାହା କାହାଠାରେ ଡିପ୍ରେଶନ୍ ଭଳି ଲକ୍ଷଣ ବି ଦେଖାଦେଇଥାଏ ।

**ସମ୍ପର୍କ ହୁଏ ଖରାପ:** ବେଳେବେଳେ ଜଣେ ଅନ୍ୟ ଜଣଙ୍କ ସହ ନିଜକୁ ତୁଳନା କରି ଏତେମାତ୍ରାରେ ଈର୍ଷାପରାୟଣ ହୋଇଯାଆନ୍ତି ଯେ, ତାଙ୍କ ସହ କଥା ହେବା ବେଳେ ସେହି ଭାବନା ଭାଷାରେ ପରିପ୍ରକାଶ ହୋଇଯାଏ । ମନରେ ତାଙ୍କ ପ୍ରତି ଥିବା ଅସହିଷ୍ଣୁଭାବ ବା ରାଗ ଅଜାଣତରେ ବାହାରକୁ ଆସିଯିବା ଦ୍ୱାରା ସମ୍ପର୍କ ମଧ୍ୟ ଖରାପ ହୋଇଯାଏ ।

**ଗ୍ରୋଥ୍ ହୋଇଯାଏ ସ୍ଲୋ:** ପାଠପଢ଼ା, ଜବ୍ କିମ୍ବା କୌଣସି କାର୍ଯ୍ୟରେ ଆଗକୁ ବଢ଼ିବା ଲାଗି ଉଦ୍ୟମ ଜାରି ରଖିବା ଜରୁରୀ । ହେଲେ ଯେବେ କାହାର ଉନ୍ନତି ଦେଖି ନିଜକୁ ଅନ୍ୟ ସହ ତୁଳନା କରିବେ, ତେବେ ମାନସିକସ୍ତରରେ ଦୁର୍ବଳ ହୋଇପଡ଼ିବେ । ଫଳରେ ଫୋକସ୍ ନିଜ ସ୍ୱପ୍ନ, କାମ ଆଦିରୁ ଦୂରେଇ ଯାଇ ଏନର୍ଜି ଓ ଧ୍ୟାନ ଅନ୍ୟ ଉପରେ ଅଧିକ ରହିବ । ଏହାଦ୍ୱାରା ଯେତିକି ଚେଷ୍ଟା ପୂର୍ବରୁ କରୁଥିଲେ, ଧୀରେ ଧୀରେ ତାହା ସ୍ଲୋ ହୋଇଯିବ ଏବଂ ଗ୍ରୋଥ୍ ମଧ୍ୟ ପ୍ରଭାବିତ ହେବ ।

ପ୍ରତ୍ୟେକ ମଣିଷର ଦକ୍ଷତା, କାର୍ଯ୍ୟକ୍ଷମତା ପରସ୍ପରଠୁ ଭିନ୍ନ । କିଏ କ'ଣ କରୁଛି ଚିନ୍ତା ନ କରି ନିଜେ ଯେଉଁ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି, ତାହା ଉପରେ ଫୋକସ୍ କରି ଉଦ୍ୟମ କରିବା ଦରକାର । ତେଣୁ ଅନ୍ୟ ସହ ନିଜକୁ ତୁଳନା ନ କରି ସବୁବେଳେ ଗତକାଲିଠାରୁ ନିଜର ଆଜିକୁ ଅଧିକ ମଜଭୁତ କରିବାକୁ ଚେଷ୍ଟା କଲେ ହିଁ ଜୀବନରେ ସଫଳତା ମିଳିବାର ମାର୍ଗ ସହଜ ହୋଇଥାଏ ।





## ଏ ସପ୍ତାହର ପ୍ରଶ୍ନ ?

୧– ................. ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍ସ ପକ୍ଷରୁ ଆରମ୍ଭ କରାଯାଇଛି ?

୨– ................. ସଂସ୍ଥା ପକ୍ଷରୁ ଯଶୋଦା ଏଆଇ ଲିଟେରାସି ପ୍ରୋଗ୍ରାମ କାର୍ଯ୍ୟକାରୀ କରାଯାଇଛି ?

୩– କିଲିମଞ୍ଜାରୋ ପର୍ବତ ................ ଦେଶରେ ଅବସ୍ଥିତ ?

୪– ବିଷ୍ଣୁଗଡ଼ ପିପଲକୋଟି ହାଇଡ୍ରୋଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ......... ରାଜ୍ୟରେ ରହିଛି ?

୫– ପୃଥିବୀର ସର୍ବବୃହତ୍ ମେଟ୍ରୋ ନେଟ୍ୱର୍କରେ ଭାରତ ........... ସ୍ଥାନରେ ରହିଛି ?

## ଗତ ଥରର ଉତ୍ତର

୧ ଭୁଟାନ୍

୨ ଆମେରିକା

୩ ରାଜସ୍ଥାନ

୪ ନୀତିନ୍ ଗଡ଼କରୀ

୫ ଲବଙ୍ଗ

## ଉତ୍ତର ଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ସେଓ ଉତ୍ପାଦନକାରୀ ଦେଶ



| | |
|---|---|
| ୧. ଚାଇନା | ୪୫,୯୮୩ ମିଲିଅନ୍ ଟନ୍ |
| ୨. ତୁର୍କୀ | ୪,୪୯୩ ମିଲିଅନ୍ ଟନ୍ |
| ୩. ଆମେରିକା | ୪,୪୬୭ ମିଲିଅନ୍ ଟନ୍ |
| ୪. ପୋଲାଣ୍ଡ | ୪,୦୬୭ ମିଲିଅନ୍ ଟନ୍ |
| ୫. ଭାରତ | ୨, ୨୭୬ ମିଲିଅନ୍ ଟନ୍ |
| ୬. ଇରାନ୍ | ୨,୨୪୧ ମିଲିଅନ୍ ଟନ୍ |
| ୭. ରୁଷିଆ | ୨,୨୧୬ ମିଲିଅନ୍ ଟନ୍ |
| ୮. ଇଟାଲୀ | ୨,୨୧୨ ମିଲିଅନ୍ ଟନ୍ |
| ୯. ଫ୍ରାନ୍ସ | ୧,୬୩୩ ମିଲିଅନ୍ ଟନ୍ |
| ୧୦. ଚିଲି | ୧,୫୫୭ ମିଲିଅନ୍ ଟନ୍ |

ୟୁଥ୍ ଆଲର୍ଟ

## ଅଧିକ ଖର୍ଚ୍ଚ କରୁଥିଲେ...

**ହାତକୁ ଟଙ୍କା ଆସିଲେ ଅଧିକାଂଶ ଯୁବପିଢ଼ି ଅଯଥା ଶପିଂ କରିବା, ଖାଇବା, ଫିଲ୍ମ ଦେଖିବା, ହୋଟେଲରେ ଖାଇବା ଆଦିରେ ଖର୍ଚ୍ଚ କରିଦିଅନ୍ତି। ହେଲେ ଏହାକୁ ମନଇଚ୍ଛା ଖର୍ଚ୍ଚ କରିବା ବଦଳରେ ଆବଶ୍ୟକ ଖର୍ଚ୍ଚ ସାରିବା ପରେ ବଳକା ଟଙ୍କାକୁ ସଞ୍ଚୟ କରି ରଖିବା ଆବଶ୍ୟକ। କାରଣ ଏହି ସଞ୍ଚିତ ଅର୍ଥ ବା ଏମର୍ଜେନ୍ସି ଫଣ୍ଡ ଜରୁରିକାଳୀନ ପରିସ୍ଥିତିରେ ସବୁଠୁ ଦରକାରୀ...**

❖ସର୍ବପ୍ରଥମେ ଏକ ଏମର୍ଜେନ୍ସି ଫଣ୍ଡ କରିବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ । ନିଜର ଆୟ ଏବଂ ସମସ୍ତ ବ୍ୟୟର ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ କେତେ ଟଙ୍କା ବଳକା ରହୁଛି, ତାକୁ ଏମର୍ଜେନ୍ସି ଫଣ୍ଡରେ ରଖିପାରିବେ ।

❖ଏମର୍ଜେନ୍ସି ଫଣ୍ଡ ଥରେ ଖୋଲିବା ପରେ ସେଥିରେ କେତେ ଟଙ୍କା ପ୍ରତି ମାସରେ ଅବା ସାପ୍ତାହିକ ରଖିବେ, ସେ ନେଇ ଭଲ ଭାବେ ପ୍ଲାନିଂ କରନ୍ତୁ ।

❖ଏମର୍ଜେନ୍ସି ଫଣ୍ଡ ପାଇଁ ଠିକ୍ ସମୟରେ ଟଙ୍କା ଡିପୋଜିଟ୍ କରିବାକୁ ଭୁଲି ଯାଉଥିଲେ ବ୍ୟାଙ୍କ୍‌ରେ ଅଟୋମେଟିକ୍ ପେମେଣ୍ଟ ମେଥଡ୍ ବ୍ୟବହାର କରନ୍ତୁ । ଏହାଦ୍ୱାରା ଆପଣଙ୍କୁ ଭୁଲିଯିବାର ଟେନ୍ସନ୍ ରହିବ ନାହିଁ ଏବଂ ଯଥା ସମୟରେ ଟଙ୍କା ଡିପୋଜିଟ୍ ହୋଇ ଚାଲିବ ।

❖ଏହି ଟଙ୍କାକୁ ଆପଣ ଚାହିଁଲେ କଣ୍ଟିଜେନ୍ସି ଫଣ୍ଡ ଆକାରରେ ମଧ ଜମା ରଖିପାରିବେ । ଏଥିରେ ସୁଧ ମଧ୍ୟ ଅଧିକ ମିଳିପାରିବ ।

❖ପୂର୍ବ ନିର୍ଦ୍ଧାରିତ କୌଣସି ଖର୍ଚ୍ଚ କିମ୍ବା ମାସର ରେଗୁଲାର ଖର୍ଚ୍ଚ ଯେପରିକି ଇଲେକ୍ଟ୍ରିକ୍ ବିଲ୍, ଇଣ୍ଟରନେଟ୍, ପାଣି, ଘରଭଡ଼ା, ଖାଇବା ଆଦି ଖର୍ଚ୍ଚ ପାଇଁ ଏହାକୁ ବ୍ୟବହାର କରନ୍ତୁ ନାହିଁ ।

❖ସେହିପରି କୌଣସି ସାମଗ୍ରୀ କିଣିବା ହେଉ କିମ୍ବା କେଉଁଆଡ଼େ ବୁଲିଯିବା ପାଇଁ ମଧ ଏମର୍ଜେନ୍ସି ଫଣ୍ଡକୁ ସାରିଦେବା ଠିକ୍ ନୁହେଁ ।

❖ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଏମର୍ଜେନ୍ସି ଫଣ୍ଡକୁ ଶେୟାର ମାର୍କେଟ୍‌ରେ ନିବେଶ କରିଦିଅନ୍ତି ଏବଂ ଆବଶ୍ୟକ ବେଳେ ହଠାତ୍ ଏହାକୁ ଆଣି ଖର୍ଚ୍ଚ କରିବାରେ ଅସୁବିଧା ହୋଇପଡ଼େ । ତେଣୁ ଏହାକୁ ଘରେ କିମ୍ବା ବ୍ୟାଙ୍କ୍ ଆକାଉଣ୍ଟରେ ରଖନ୍ତୁ, ଯେପରି ଆବଶ୍ୟକ ସମୟରେ କାମରେ ଆସିବ ।



## ଜାଣନ୍ତୁ ଦୁନିଆ

# କୁଙ୍ଗ୍-ଫୁ

**କୁଙ୍ଗ୍-ଫୁ ଏକ ପ୍ରାଚୀନ ଚାଇନିଜ୍ ମାର୍ସଲ୍ ଆର୍ଟ । ଏହା କେବଳ ଏକ ଯୁଦ୍ଧ କଳା ନୁହେଁ, ବରଂ ଏହା ଏକ ଜୀବନଶୈଳୀ ଯାହା ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ କେନ୍ଦ୍ରିତ। ଏହି କଳା ଆତ୍ମ ଅନୁଶାସନ, ଧୈର୍ଯ୍ୟ ଏବଂ ଦୃଢ଼ତା ଶିଖାଇଥାଏ। ଜାଣନ୍ତୁ ଏ ସମ୍ପର୍କରେ କିଛି ତଥ୍ୟ...**

➔ଚାଇନିଜ୍ ମାର୍ସଲ୍ ଆର୍ଟ କୁଙ୍ଗ୍-ଫୁ ଶବ୍ଦ ବାସ୍ତବରେ ଚାଇନିଜ୍ ବାକ୍ୟାଂଶ ଗୋଙ୍ଗ୍ ଫୁ'ରୁ ଉଦ୍ଧୃତ ; ଯାହାର ଅର୍ଥ ଏଭଳି କାମ ଯେଉଁଥିରେ ସମୟ ଲାଗିଥାଏ । ସେଠାରେ ସବୁଠୁ ଅଧିକ ପ୍ରଚଳିତ ମାର୍ସଲ ଆର୍ଟ ଫର୍ମ ହେଉଛି 'ଉଶୁ' । ଏଥିରେ 'ଉ'ର ଅର୍ଥ ହେଉଛି ନିଜ କାନ୍ଧରେ ହତିଆର ରଖି ଯୁଦ୍ଧକୁ ଯିବା ଏବଂ 'ଶୁ'ର ଅର୍ଥ ହେଉଛି ଉତ୍କୃଷ୍ଟ କୌଶଳ ।

➔ସେହିପରି ଶାଓଲିନ୍ କୁଙ୍ଗ୍-ଫୁ ଦୁନିଆର ସବୁଠାରୁ ପ୍ରସିଦ୍ଧ କୁଙ୍ଗ୍-ଫୁ ଶୈଳୀ ମଧ୍ୟରେ ଗୋଟିଏ, ଯାହାକି ଶାଓଲିନ୍ ମନ୍ଦିରରେ ବିକଶିତ ହୋଇଥିଲା ।

➔ଯଦିଓ ଏହି ଚାଇନିଜ୍ ମାର୍ସଲ ଆର୍ଟ କଳା ସମଗ୍ର ପୃଥିବୀରେ ଲୋକପ୍ରିୟତା ହାସଲ କରିଛି, ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଚାଇନିଜ୍ ଇତିହାସରେ ଏହି କଳାର ବ୍ୟବହାରକୁ ଦୁଇ ଥର ବିରୋଧ କରାଯାଇସାରିଛି । କିଙ୍ଗ୍ ରାଜବଂଶ(୧୬୪୨) ଶାସନ ସମୟରେ ଏହି କଳାକୁ ସାର୍ବଜନୀନ ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ହେଲେ ୧୯୪୯ରେ କମ୍ୟୁନିଷ୍ଟ ଅଧିକାରୀମାନେ ଏହି ମାର୍ସଲ ଆର୍ଟକୁ ସ୍ୱଚ୍ଛ, ରାଷ୍ଟ୍ରବାଦୀ ବ୍ୟାୟାମ ଭାବେ ମାନ୍ୟତା ଦେଇ ପୁନର୍ବାର ଆରମ୍ଭ କରାଇଥିଲେ । ପୁନର୍ବାର ୧୯୬୫ରୁ ୧୯୭୫ ମଧ୍ୟରେ ସେଠାରେ ହୋଇଥିବା ସାଂସ୍କୃତିକ କ୍ରାନ୍ତି ସମୟରେ ଏହାକୁ ପ୍ରତିବନ୍ଧକ ଲଗାଇ ଦିଆଯାଇଥିଲା ।

➔କୁଙ୍ଗ୍-ଫୁ ଯୁଦ୍ଧ କଳା ସଦାଚାର, ଶାନ୍ତି, ଏକାଗ୍ରତା, ସ୍ମୃତିଶକ୍ତି, ଇଚ୍ଛାଶକ୍ତି ଏବଂ ସମସ୍ୟା ସମାଧାନ କୌଶଳ ବି ଶିକ୍ଷା ଦେଇଥାଏ ।

➔ଇତିହାସରେ ଏଭଳି ବି କୁହାଯାଇଛି ଯେ, କୁଙ୍ଗ୍-ଫୁର ଉତ୍ପତ୍ତି ଭାରତର କଲରିପାୟଟ୍ଟୁ ଠାରେ ହୋଇଥିଲା ।



➔ପଶ୍ଚିମ ଦେଶଗୁଡ଼ିକରେ ବ୍ରୁଶ୍ ଲୀ କୁଙ୍ଗ୍-ଫୁ ସିନେମାର ପ୍ରତୀକ ବୋଲି ମନାଯାଇଥାଏ । ଫିଲ୍ମ, ଟିଭି କାର୍ଯ୍ୟକ୍ରମ ଏବଂ ପ୍ରଶିକ୍ଷଣ ସ୍କୁଲ୍ ମାଧ୍ୟମରେ ସାରା ଦୁନିଆରେ ମାର୍ସଲ ଆର୍ଟକୁ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଯୋଗଦାନ ରହିଛି । ତେବେ ତାଙ୍କ ପୂର୍ବରୁ ମାଓବାଦୀ ଶାସନରୁ ମୁକୁଳି ଆସିଥିବା ଲୋକମାନେ ମାର୍ସଲ ଆର୍ଟ କୌଶଳକୁ ଦୁନିଆ ସମ୍ମୁଖକୁ ଆଣିବାର ପ୍ରୟାସ ଆରମ୍ଭ କରିଥିଲେ, ହେଲେ ହଂକଂ ଫିଲ୍ମ ଉଦ୍ୟୋଗ ଏହା ଉପରେ କବ୍‌ଜା କରିନେଇଥିଲା ।




"M.B.K."
Great Eastern®
RETAIL
EXCLUSIVE AT
GREAT EASTERN RETAIL
FREE EXTENDED WARRANTY*
4 EMI OFF*
FREE STANDARD INSTALLATION*
Cost to Cost Offer
LAST DAY TODAY
UPTO ₹45000 CASH BACK*
UPTO 24 MONTH EMI*
0 DOWN PAYMENT* COST EMI*
UP TO 10% INSTANT DISCOUNT* SBI card
#Min. Trxn.: ₹15,000; Max. Discount: ₹5,000 per card; Also valid on EMI Trxns.; Validity: 10 Aug - 19 Aug 2025. T&C Apply.
BUY AT COST PRICE UPTO 85%* OFF
GUARANTEED LOWEST PRICE OR DOUBLE DIFFERENCE BACK*
upto 57% OFF
2 T 3* INVERTER AC MRP ₹60990 COST PRICE ₹28990* COST/DAY ₹89*
1.5 T 5* INVERTER AC MRP ₹54900 COST PRICE ₹24750* COST/DAY ₹76*
1.5 T 3* INVERTER AC MRP ₹45900 COST PRICE ₹20490* COST/DAY ₹63*
1 T 3* INVERTER AC MRP ₹41900 COST PRICE ₹18190* COST/DAY ₹56*
upto 53% OFF 596 L SIDE BY SIDE REFRIGERATOR MRP ₹101990 COST PRICE ₹47490* COST/DAY ₹162*
upto 44% OFF 243 L BOTTOM MOUNTED REFRIGERATOR MRP ₹39490 COST PRICE ₹22050* COST/DAY ₹68*
upto 47% OFF 235 L DOUBLE DOOR REFRIGERATOR MRP ₹31290 COST PRICE ₹16490* COST/DAY ₹51*
upto 39% OFF 187 L SINGLE DOOR REFRIGERATOR MRP ₹18700 COST PRICE ₹11390* COST/DAY ₹32*
upto 44% OFF Haier 65 4K ANDROID MRP ₹101990 COST PRICE ₹56990* COST/DAY ₹196*
upto 59% OFF LG 55 OLED TV MRP ₹230990 COST PRICE ₹94990* COST/DAY ₹100*
upto 46% OFF LLOYD 55 UHD TV MRP ₹66990 COST PRICE ₹35990* COST/DAY ₹98*
upto 35% OFF LLOYD 43 4K GOOGLE TV MRP ₹42990 COST PRICE ₹27990* COST/DAY ₹76*
upto 41% OFF SAMSUNG 43 FULL HD TV MRP ₹35900 COST PRICE ₹21150* COST/DAY ₹65*
upto 70% OFF TCL 32 HD TV MRP ₹22990 COST PRICE ₹6990*
upto 51% OFF 7 kg FRONT LOAD WASHING MACHINE MRP ₹47500 COST PRICE ₹23390* COST/DAY ₹63*
upto 39% OFF 7 kg TOP LOAD WASHING MACHINE MRP ₹21500 COST PRICE ₹13190* COST/DAY ₹37*
upto 37% OFF 7 kg SEMI AUTO WASHING MACHINE MRP ₹12450 COST PRICE ₹7890* COST/DAY ₹22*
upto 45% OFF 500L DEEP FRIDGE MRP ₹45490 COST PRICE ₹25190* COST/DAY ₹69*
upto 31% OFF 14 PLACE DISHWASHER MRP ₹61190 COST PRICE ₹42490* COST/DAY ₹120*
upto 56% OFF SOUND BAR MRP ₹15999 COST PRICE ₹6990* COST/DAY ₹19*
upto 50% OFF MICROWAVE
20L SOLO MRP ₹9590 COST PRICE ₹4790* COST/DAY ₹13*
23L CONVECTION MRP ₹11600 COST PRICE ₹7190* COST/DAY ₹20*
upto 48% OFF Livpure RO+UV+ COPPER+ MINERALIZER+TE WATER PURIFIER MRP ₹24990 COST PRICE ₹12990* COST/DAY ₹36*
upto 24% OFF 10L WATER HEATER MRP ₹11900 COST PRICE ₹8990* COST/DAY ₹25*
upto 39% OFF DESERT COOLER MRP ₹13190 COST PRICE ₹7990* COST/DAY ₹22*
upto 71% OFF AIR FRYER MRP ₹9995 COST PRICE ₹2890*
SUPER SAVER upto 69% OFF MIXER GRINDER ELECTRIC KETTLE MRP ₹4590 COST PRICE ₹1320*
SAMSUNG LG Panasonic SONY LLOYD Haier IFB BOSCH VOLTAS DAIKIN HITACHI Godrej TCL Carrier GENERAL BLUE STAR HAVELLS EUREKA FORBES Whirlpool Livpure hindware SHARP beko USHA hindware
ବ୍ରହ୍ମପୁର ଦଳୁଆ ସାହି ✆9938668181
ODISHA | WEST BENGAL | RAJASTHAN | DELHI | HARYANA | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands.




# ‘ବିକଶିତ ରାଷ୍ଟ୍ର ପାଇଁ କ୍ରୀଡ଼ା ଏକ ଅପରିହାର୍ଯ୍ୟ ଅଙ୍ଗ’

ନୂଆଦିଲ୍ଲୀ,୧୬।୮ (ପି.ଟି.)

ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାର କ୍ରୀଡ଼ା ଏକ ଅପରିହାର୍ଯ୍ୟ ଅଙ୍ଗ। ନୂଆ ଜାତୀୟ କ୍ରୀଡ଼ା ନୀତି (ଏନ୍‌ଏସ୍‌ପି) ଭାରତୀୟ କ୍ରୀଡ଼ାର ଅଲରାଉଣ୍ଡ ଉନ୍ନତି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରେଡଫର୍ଟଠାରେ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି।

କ୍ରୀଡ଼ା ହେଉଛି ବିକାଶର ଏକ ଜରୁରୀ ଦିଗ। ପୂର୍ବରୁ ଖେଳରେ ସମୟ ନଷ୍ଟ କରିବା ପାଇଁ ପିଲାଙ୍କୁ ବାପା-ମା’ ଉପହାସ କରୁଥିଲେ। କିନ୍ତୁ ଏବେ ସମୟ ଓ ପରିସ୍ଥିତି ବଦଳିଛି। ବର୍ତ୍ତମାନ ପିଲା ଖେଳରେ ଇଚ୍ଛୁକ ଥିଲେ, ବାପା-ମା’ ଖୁସି ହେଉଛନ୍ତି। ଏହା ମୋ ମତରେ ଶୁଭ ସଙ୍କେତ। ଭାରତୀୟ ପରିବାରରେ


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

କ୍ରୀଡ଼ାକୁ ସ୍ଥାନ ମିଳୁଥିବା ଦେଖି ମୋତେ ଗର୍ବ ଅନୁଭବ ହେଉଛି। ଏହା ଭାରତର ଭବିଷ୍ୟତ ପାଇଁ ଭଲ। ଆମକୁ ଅନେକ ଦଶନ୍ଧି ପରେ ଜାତୀୟ କ୍ରୀଡ଼ା ନୀତି ମିଳିଛି। ଏହା ସ୍କୁଲରୁ ଅଲିମ୍ପିକ୍ସ ପର୍ଯ୍ୟନ୍ତ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିଶ୍ଚିତ କରିବ। କୋଚିଂ ହେଉ କି ଫିଟ୍‌ନେସ କିମ୍ବା ଭିତ୍ତିଭୂମି ହେଉ, ଆମେ ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ଇକୋସିଷ୍ଟମ ପ୍ରସ୍ତୁତ କରିବୁ। ଆମେ ଏଭଳି ଏକ ଇକୋସିଷ୍ଟମ ପ୍ରସ୍ତୁତ କରିବୁ, ଯାହାକି ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିବ ବୋଲି ମୋଦି କହିଛନ୍ତି। ଏତଦ୍‌ବ୍ୟତୀତ ସେ ଫିଟ୍‌ନେସ ସମ୍ପର୍କରେ ପ୍ରକାଶ କରିଛନ୍ତି ଯେ, ମୁଁ ଯେତେବେଳେ ଫିଟ୍‌ନେସ ଓ କ୍ରୀଡ଼ା ସମ୍ପର୍କରେ ଆଲୋଚନା କରେ, ମୁଁ ମୋଟାପା ବା ମେଦବହୁଳତା ସମ୍ପର୍କରେ କଥା ହେବାକୁ ଚାହେଁ। ମେଦବହୁଳତା ଆମ ଦେଶ ପାଇଁ ଏକ ବଡ଼ ସଙ୍କଟ ହେବାକୁ ଯାଉଛି। ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଆଗାମୀ ଦିନରେ ଆମର ପ୍ରତ୍ୟେକ ତୃତୀୟ ବ୍ୟକ୍ତି ମେଦବହୁଳତାରେ ଗ୍ରସିତ ହେବେ। ଆମକୁ ଏହି ସଙ୍କଟରୁ ନିଜକୁ ରକ୍ଷା କରିବାକୁ ପଡ଼ିବ।

## ଜାକବ ବେଥେଲ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ

ଲଣ୍ଡନ,୧୬।୮ (ଏପି)

ଆସନ୍ତା ମାସରେ ଇଂଲଣ୍ଡ ପୁରୁଷ କ୍ରିକେଟ ଦଳର ସର୍ବକନିଷ୍ଠ ଅଧିନାୟକ ହେବାର ଗୌରବ ଅର୍ଜନ କରିବାକୁ ଯାଉଛନ୍ତି ଜାକବ ବେଥେଲ। ଏହି ଅଲରାଉଣ୍ଡର ଖେଳାଳିଙ୍କ ବୟସ ମାତ୍ର ୨୧ବର୍ଷ। ସେ ୧୩୬ ବର୍ଷରୁ ପୁରୁଣା ରେକର୍ଡକୁ ଭଙ୍ଗ କରିବେ। ଡବ୍ଲିନ୍‌ଠାରେ ଖେଳାଯିବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ୩ ଅନ୍ତର୍ଜାତୀୟ ଟି୨୦ରେ ଇଂଲଣ୍ଡ ଦଳର ନେତୃତ୍ୱ ନେବେ ବେଥେଲ। ପୂର୍ବରୁ ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ ଥିଲେ ମଣ୍ଟି ବାଓଡେନ୍। ୧୮୮୯ରେ ନିୟମିତ ଅଧିନାୟକ ଅବ୍ରେ ସ୍ମିଥ୍ ଜ୍ୱରରେ ପୀଡ଼ିତ ହେବାରୁ ତାଙ୍କ ସ୍ଥାନରେ ବାଓଡେନ୍‌ଙ୍କୁ ସୁଯୋଗ ମିଳିଥିଲା। ସେତେବେଳେ ତାଙ୍କୁ ୨୩ ବର୍ଷ ବୟସ ହୋଇଥିଲା। ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜରେ କେତେଜଣ ସିନିୟର ଖେଳାଳି ଦଳରେ ସ୍ଥାନ ପାଇ ନାହାନ୍ତି। ସେମାନଙ୍କ ମଧ୍ୟରେ ହ୍ୱାଇଟ୍ ବଲ୍ ଅଧିନାୟକ ହ୍ୟାରୀ ବ୍ରୁକ୍ ଅନ୍ୟତମ। ସେପ୍ଟେମ୍ବର ପ୍ରାରମ୍ଭରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଗେମରେ ବ୍ରୁକ୍ ଅଧିନାୟକତ୍ୱ କରିବେ। ଇଂଲଣ୍ଡ ଦଳ ତରଫରୁ ଖେଳୁଥିବା ବେଳେ ତାଙ୍କ ନେତୃତ୍ୱଗୁଣ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛି। ଆୟର୍ଲାଣ୍ଡ ବିପକ୍ଷ ଏହି ସିରିଜ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଇଂଲଣ୍ଡ ପୁରୁଷ ଚୟନକର୍ତ୍ତା ଲ୍ୟୁକ୍ ରାଇଟ୍ କହିଛନ୍ତି। ବେଥେଲେ ଗତ ବର୍ଷ ଇଂଲଣ୍ଡ ପାଇଁ ସମସ୍ତ ତିନୋଟି ଫର୍ମାଟରେ ତାଙ୍କର ଡେବ୍ୟୁ କରିସାରିଛନ୍ତି। ତାଙ୍କ ପ୍ରଦର୍ଶନ ଭଲ ରହୁଥିବାରୁ ତାଙ୍କୁ ପରୀକ୍ଷାମୂଳକ ଭାବେ ଅଧିନାୟକ ଦାୟିତ୍ୱ ତୁଲାଇବାକୁ ଦିଆଯାଇଛି।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅଙ୍କିତା

ନୂଆଦିଲ୍ଲୀ, ୧୬।୮ (ପି.ଟି.)

ଭାରତର ଅଲିମ୍ପିୟାନ ଅଙ୍କିତା ଧ୍ୟାନୀ ଇସ୍ରାଏଲରେ ଅନୁଷ୍ଠିତ ଗ୍ରାଣ୍ଡସ୍ଲାମ ଜେରୁଜେଲମ୍ ଆଥ୍‌ଲେଟିକ୍ସ ମିଟ୍‌ରେ ମହିଳା ୨୦୦୦ମିଟର ଷ୍ଟିପଲ ଚେଜ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୨୩ ବର୍ଷୀୟା ଅଙ୍କିତା ୬ ମିନିଟ୍ ୧୩.୯୨ ସେକେଣ୍ଡ ଟାଇମିଂରେ ପାରୁଲ ଚୌଧାରୀଙ୍କ ନାମରେ ରହିଥିବା ପୂର୍ବ ଜାତୀୟ ରେକର୍ଡ (୬: ୧୪.୩୮)କୁ ଭଙ୍ଗ କରିଦେଇଛନ୍ତି। ଏହି ବିଜୟ ଦ୍ୱାରା ସେ ର୍‍ୟାଙ୍କିଂ ପଏଣ୍ଟ ଅର୍ଜନ କରିଛନ୍ତି। ଆସନ୍ତା ମାସରେ ଟୋକିଓଠାରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ୩,୦୦୦ ମିଟର ଷ୍ଟିପଲଚେଜ୍ ପାଇଁ ବିଶ୍ୱ ର୍‍ୟାଙ୍କିଂ କୋଟା ଜରିଆରେ ଯୋଗ୍ୟତା ହାସଲ କ୍ଷେତ୍ରରେ ସହାୟକ ହେବେ। ନିୟମାନୁସାରେ ଟୋକିଓରେ




ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ବିଶ୍ୱ ର୍‍ୟାଙ୍କିଂ ଉଦ୍ଦେଶ୍ୟରେ ୨୦୦୦ମିଟର ଷ୍ଟିପଲ ଚେଜ୍‌ର ପ୍ରଦର୍ଶନକୁ ଗଣନା କରାଯିବ ବୋଲି ଭାରତୀୟ ଆଥ୍‌ଲେଟିକ୍ସ ମୁଖ୍ୟ କୋଚ୍ ରାଧାକ୍ରିଷ୍ଣନ ଆୟାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାଣ୍ଡସ୍ଲାମ ଜେରୁଜେଲମ୍ ହେଉଛନ୍ତି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ (କାଟେଗୋରୀ ‘ବି’) ଇଭେଣ୍ଟ। ଇସ୍ରାଏଲର ଆଦଭା କୋହେନ ଓ ଡେନମାର୍କର ଜୁଲିଆନ ହାବିଡ୍ ଯଥାକ୍ରମେ ୬:୧୫.୨୦ ଓ ୬:୧୭.୮୦ ଟାଇମିଂ ସହ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।

## ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

କେର୍ଣ୍ଣ,୧୬।୮

ଗ୍ଲେନ ମ୍ୟାକ୍ସୱେଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ରୋମାଞ୍ଚକ ଭାବେ ୨ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ଘରୋଇ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ କରିଥିଲା। ଦଳ ପାଇଁ ଡିୱାଲ୍ଡ ବ୍ରେଭିସ ୨୬ ବଲରେ ୫୩ (୧ ଚୌକା ଓ ୬ ଛକା), ଭାନ ଡର ଡୁସେନ ୩୮ (୩ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ଲାଗି ନାଥନ ଏଲିସ ୩ ଉଇକେଟ ସଫଳତା ହାସଲ କରିଥିଲେ। ଜବାବରେ ଏକଦା ବିନା କ୍ଷତିରେ ୬୬ ରନ କରିଥିବା ଅଷ୍ଟ୍ରେଲିଆ ୧୩.୫ ଓଭର ସୁଦ୍ଧା ୧୨୨ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ୩୬ ବଲରେ ୬୨ ରନ (୮ ଚୌକା ଓ ୨ ଛକା)ର ପାଳି ଖେଳି ମ୍ୟାକ୍ସୱେଲ ଏକାକୀ ଦଳକୁ ଜିତାଇଥିଲେ। ଅଷ୍ଟ୍ରେଲିଆ ୧୯.୫ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପାଇଁ ଅଧିନାୟକ ମିଚେଲ ମାର୍ଶ ୫୪ (୩ ଚୌକା ଓ ୫ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କର୍ବିନ ବୋଶ୍ଚ ୩ ଉଇକେଟ ନେଇଥିବା ବେଳେ କ୍ୱେନା ମାଫାକା ଓ କାଗିସୋ ରାବାଡା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ: କିସ୍ ବିଜୟୀ

ଭୁବନେଶ୍ୱର,୧୬।୮ (ଅନାଦି କର)

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର କିସ୍ ବିଜୟୀ ହୋଇଛି।

ଜିଏଚ୍‌ଏସ୍ ୟୁନିଟ୍-୩ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବିଜେଇଏମ୍ ସ୍କୁଲକୁ ୱାକଓଭର ଦିଆଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କିସ୍ ୬-୦ ଗୋଲରେ ଡିଏଭି ସ୍କୁଲ, ପୋଖରିପୁଟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପାଇଁ ମହେଶ୍ୱର ମୁର୍ମୁ, କାନାଉ ମାର୍ଡି ଓ ସୋନାରାମ ସୋରେନ ଦୁଇଟି ଲେଖାଏ ଗୋଲ୍ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ସ୍ପନ୍ଦନ ଶତପଥୀଙ୍କୁ ଅତିଥି



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ପନ୍ଦନ ଶତପଥୀ।

ଭାବେ ଯୋଗ ଦେଇଥିବା ଦିଲୀପ ପଟ୍ଟନାୟକ ପୁରସ୍କୃତ କରିଥିଲେ। ରବିବାର ମଦର ପବ୍ଲିକ ସ୍କୁଲ-ଡିଏଭି ଚନ୍ଦ୍ରଶେଖରପୁର ଓ ରାମକ୍ରିଷ୍ଣ ଏସ୍‌କେ-ଜିଏଚ୍‌ଏସ୍ ୟୁନିଟ୍-୧ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଶ୍ରୀଲଙ୍କାର ପୂର୍ବତନ ଖେଳାଳିଙ୍କୁ ବାସନ୍ଦ କଲା ଆଇସିସି

ଦୁବାଇ, ୧୬।୮ (ପି.ଟି.)

**ଫିକ୍ସିଂ ଗାପଲା**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ଶ୍ରୀଲଙ୍କାର ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ସାଲିୟା ସମନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଖେଳର ସମସ୍ତ ଫର୍ମାଟରୁ ବାସନ୍ଦ କରିଛି। ଖେଳାଳି ଜଣକ ଆବୁଧାବି ଟି୧୦ରେ ଫିକ୍ସିଂ କରିବାକୁ ଉଦ୍ୟମ କରିଥିଲେ। ଏହାଦ୍ୱାରା ସେ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି)ର ଦୁର୍ନୀତି ନିବାରଣ ସଂହିତାର ଉଲ୍ଲଂଘନ କରିଥିଲେ। ୨୦୨୩ ସେପ୍ଟେମ୍ବରରେ ଯେଉଁ ୮ଜଣ ବ୍ୟକ୍ତି ସଂହିତାର ଉଲ୍ଲଂଘନ କରିଛନ୍ତି, ସେମାନଙ୍କ ମଧ୍ୟରେ ସମନ ହେଉଛନ୍ତି ଅନ୍ୟତମ। ସମନଙ୍କ ବିରୋଧରେ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ସେପ୍ଟେମ୍ବର ୧୩ରୁ ଲାଗୁ ହୋଇଛି, ଯେତେବେଳେ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଫଳତଃ ସେ ଦୁଇବର୍ଷ ବାସନ୍ଦ ଦଣ୍ଡ ଅତିବାହିତ କରିସାରିଛନ୍ତି। ୩୯ବର୍ଷୀୟ ସମନ ୧୦୧ ପ୍ରଥମଶ୍ରେଣୀ ଓ ୭୭ ଲିଷ୍ଟ ‘ଏ’ ଗେମ୍ ଖେଳିଛନ୍ତି।

# ୨୦୦ ମି. ସାଇକ୍ଲିଂରେ ରିଚାର୍ଡସନଙ୍କ ବିଶ୍ୱ ରେକର୍ଡ

କୋନୟା(ତୁର୍କୀ),୧୬।୮ (ଏପି)

ବ୍ରିଟିଶ ଟ୍ରାକ ସାଇକ୍ଲିଷ୍ଟ ମ୍ୟାଟ ରିଚାର୍ଡସନ ୨୦୦ ମିଟର ଫ୍ଲାଇଂ ଷ୍ଟାର୍ଟରେ ପ୍ରଥମ ବ୍ୟକ୍ତି ଭାବେ ୯ ସେକେଣ୍ଡ ବାଧା ଭଙ୍ଗ କରି ବିଶ୍ୱ ରେକର୍ଡ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ଲାଗି ୩ ପଦକ ଜିତିଥିବା ୨୬ ବର୍ଷୀୟ ରିଚାର୍ଡସନ କୋନୟା ଭେଲୋଡ୍ରୋମରେ ୮.୯୪୧ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ଏଥିପୂର୍ବରୁ ନେଦରଲାଣ୍ଡର ହାରିଲାଭ୍ରେସେନଙ୍କ ନାମରେ ରେକର୍ଡ ଥିଲା। ସେ ଗତ ଅଲିମ୍ପିକ୍ସରେ ପ୍ୟାରିସରେ ୯.୦୮୮ ସେ. ଟାଇମିଂ ହାସଲ କରିଥିଲେ। ଇଂଲଣ୍ଡରେ ଜନ୍ମିତ ରିଚାର୍ଡସନ ପ୍ୟାରିସ ଅଲିମ୍ପିକ୍ସରେ ବ୍ୟକ୍ତିଗତ ସ୍ପ୍ରିଣ୍ଟ ଓ କେଇରିନରେ ଦୁଇଟି ରୌପ୍ୟ ଓ ଟିମ ସ୍ପ୍ରିଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ।




# ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୮ (ବିଜୟ ରଣା)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଆନୁକୂଲ୍ୟରେ ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଶନିବାରଠାରୁ ଆରମ୍ଭ ହୋଇଛି। ଭାରତର ଗତ ଜାତୀୟ ପ୍ରତିଯୋଗିତାରେ ବିଜେତା କରାଟେ କ୍ରୀଡ଼ାବିତ୍‌ମାନଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ଅନ୍ତର୍ଜାତୀୟ କୋଚ୍ ତଥା ଦୁଇଥର ବିଶ୍ୱ କରାଟେ ପ୍ରତିଯୋଗିତା ଓ ଏସିଆନ ଗେମ୍ସର କରାଟେ ପ୍ରତିଯୋଗିତାର ଚାମ୍ପିୟନ ସେନସେଇ ଅମିର ମେହେଦୀ ଜାଦେ ପ୍ରଶିକ୍ଷଣ ଦେବେ। ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ଦେଶର କରାଟେ କ୍ରୀଡ଼ାବିତ୍‌ମାନଙ୍କ ପ୍ରଶିକ୍ଷଣ ପ୍ରଦାନକୁ କେଆଇଓର ସଭାପତି ହାନ୍‌ସି ଭରତ ଶର୍ମା ଗୁରୁତ୍ୱ ଦେଇଆସୁଛନ୍ତି। ଉତ୍କଳ କରାଟେ ସ୍କୁଲଠାରେ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଅନ୍ତର୍ଜାତୀୟ ସ୍ତରର ଥିବାରୁ ଏହି ଜାତୀୟ ପ୍ରଶିକ୍ଷଣ ଶିବିରକୁ ଓଡ଼ିଶାରେ କରାଯାଇଛି। ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ କରାଟେ ସ୍କୁଲଠାରେ ଆୟୋଜିତ ଏହି ଶିବିର ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷକଙ୍କ ଲାଗି ରହିବା, ଖାଇବା ଇତ୍ୟାଦିରେ ବନ୍ଦୋବସ୍ତ କରାଯାଇଥିବା ବୋଲି ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଜଣାଇଛନ୍ତି। ଉଦ୍‌ଘାଟନୀରେ ବିଶ୍ୱ ଚାମ୍ପିୟନ ଅମିର ମେହେଦୀ ଜାଦେଙ୍କ ସହ ସେନସେଇ ସବନ କୁମାର ଓ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଏସୀୟ କରାଟେ ପ୍ରତିଯୋଗିତାରେ ବ୍ରୋଞ୍ଜ ବିଜେତାମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ଅଛନ୍ତି।



କରାଟେ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ